

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-167 ◆SATURDAY ◆13 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୭ ◆ଶନିବାର ◆୧୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# ୨୭ ଜଣ ପ୍ରସିଦ୍ଧ ଲେଖକଙ୍କ
# ୫୩୭ଟି ନିର୍ବାଚିତ କାହାଣୀ

20
ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

## ପାଠକଙ୍କ ବିପୁଳ ଆଗ୍ରହ କ୍ରମେ ରିହାତି ଯୋଜନା
## ୨୦ ଡିସେମ୍ବର ୨୦୨୫ ଯାଏଁ ସଂପ୍ରସାରିତ କରୁଛୁ




ଥରେ କିଣିବେ,
ବର୍ଷ ସାରା ପଢ଼ିବେ
୧୦,୦୦୦* ଟଙ୍କାର ୨୭ଟି
ପୁସ୍ତକ ଏକତ୍ର ଅଧା ମୂଲ୍ୟରେ

## ୪,୯୯୯ ଟଙ୍କାରେ

ଡାକ ଖର୍ଚ୍ଚ ଆମର, ତା ସାଙ୍ଗକୁ
ଗୋଟିଏ କପଡ଼ା ବ୍ୟାଗ୍ ଉପହାର

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**
୬ରୁ ୧୭ ଡିସେମ୍ବର, ୨୦୨୫
ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର
ପୁସ୍ତକମେଳାରେ ମଧ୍ୟ ଉପଲବ୍ଧ
**ପେନ୍ ଇନ୍ ବୁକ୍ସ**
ଷ୍ଟଲ ନଂ ୨୬-୨୭-୨୮
(ଆରମ୍ଭରୁ ବାମ ପଟେ ୧୦ ନମ୍ବର ଷ୍ଟଲ)

**ପେନ୍ ଇନ୍ ବୁକ୍ସ**
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ,
ଏମ୍-୬/୫୧, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର - ୭୫୧୦୧୩

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହାଶ୍‌ଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।
#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନା ୨୦ ଡିସେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

**78469 81182**

Odia Media Private Limited
odiamedia@icici

OMPL/2512/SKL01

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୯,୪୩୭ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ, ପ୍ୟାକେଜିଂ ଓ ବ୍ୟାଗ୍‌ର ଆନୁମାନିକ ମୂଲ୍ୟ ୧୦,୦୦୦ ଟଙ୍କା ହେବ।

ସକାଳ
THE SAKALA



ଛତିଶା ନିଯୋଗ ବୈଠକ

# ପହିଲି ଭୋଗ, ମକର ସଂକ୍ରାନ୍ତି ନୀତିରେ ବାଜିଲା ମୋହର




ପୁରୀ, ୧୨।୧୨ (ସମିସ): ଆସନ୍ତା ୧୬ତାରିଖରେ ପବିତ୍ର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକରେ ପ୍ରସ୍ତୁତ ନୀତିକାନ୍ତି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇ ମୋହର ବାଜିଛି।

ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାର ଫିଟାଯିବ। ଭିତର ଶୋଧ ପରେ ରାତି ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସାଢ଼େ ୬ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ସକାଳ ୭ଟା ୪୫ରୁ ସାଢ଼େ ୯ଟା ଭୋଗମଣ୍ଡପ, ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ମଧ୍ୟାହ୍ନଧୂପ (କେବଳ କୋଠଭୋଗ) ବାହାରିବ। ୧୧ଟା ୧୫ରୁ ଅପରାହ୍ଣ ସାଢ଼େ ୧ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡ ନୀତି ଶେଷ କରାଯିବ। ଏହିପରି ରାତି ୧୧ଟାରେ ରାତ୍ର ପହୁଡ଼ ନୀତି କରାଯିବା ଲାଗି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

**ରାତି ୨ରେ ଫିଟିବ ଦ୍ୱାର**

**ଭୋର୍ ସାଢ଼େ ୫ରୁ ୬ଟା ମଧ୍ୟରେ ପହିଲି ଭୋଗ**

**ଡିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ପହୁଡ଼**

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପହିଲି ଭୋଗ ବ୍ୟତୀତ ଜାନୁୟାରୀ ୧୩ ତାରିଖ ଦେବାଭିଷେକ ପୂର୍ଣ୍ଣିମା ନୀତିକାନ୍ତି ବିଷୟରେ ଆଲୋଚନା ହୋଇ ଅନୁମୋଦନ ଲାଭ କରିଛି। ଏହି ଦିନ ଠାକୁରଙ୍କର ସୁନାବେଶ ଅନୁଷ୍ଠିତ ହେବ। ତେଣୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ଯେପରି ଭଲ ଭାବେ ହେବ, ସେନେଇ ସେବାୟତମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ଏତଦ୍‌ବ୍ୟତୀତ ବୈଠକରେ ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ନୀତିକୁ ମଧ୍ୟ ଅନୁମୋଦନ କରାଯାଇଛି। ନୂଆବର୍ଷ ଅର୍ଥାତ୍ ଜାନୁୟାରୀ ୧ତାରିଖରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ତେଣୁ ନୀତିକାନ୍ତି ଏବଂ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ଏହାର ପୂର୍ବଦିନ ଅର୍ଥାତ୍ ଡିସେମ୍ବର ୩୧ ରାତ୍ର ୧୧ଟା ସୁଦ୍ଧା ରାତି ପହୁଡ଼ କରାଯିବ। ସେବାୟତମାନେ ମଧ୍ୟ ସହଯୋଗ କରିବେ। ଖୁବ୍‌ଶୀଘ୍ର ଦ୍ୱାରଫିଟି ଠାକୁରଙ୍କ ନୀତିକାନ୍ତି ହେବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତିଶା ନିଯୋଗ କର୍ମକର୍ତ୍ତା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚିଲତଇଲା ଆଶ୍ରମ ସ୍କୁଲର ୩ ଛାତ୍ର ନିଖୋଜ

ହିନ୍ଦୋଳ/ଖଜୁରିଆକଟା, ୧୨।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଲା ଆଶ୍ରମ ସ୍କୁଲ ଛାତ୍ରାବାସରୁ ବୁଧବାର ୩ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଭୁବନ ଥାନା କଂସରଗୋଡ଼ା ଗ୍ରାମର କାଳିଆ ମୁର୍ମୁଙ୍କ ୨ୟ ଶ୍ରେଣୀରେ ପଢୁଥିବା ପୁଅ ସ୍ୱାଧୀନ ମୁର୍ମୁ (୭), ଷଷ୍ଠ ଶ୍ରେଣୀରେ ପଢୁଥିବା କାଳିଆଙ୍କ ପୁତୁରା ଶିବ ମୁର୍ମୁ ଓ ବାପି ବେଶ୍ରା (୧୦)। ବୁଧବାର ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବା ବେଳେ ଖେଳପଡ଼ିଆରୁ ଏହି ପିଲାମାନେ କେଉଁଆଡ଼େ ଚାଲିଯାଇଛନ୍ତି। ଏହି ବିଦ୍ୟାଳୟରେ ୪୩୭ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୩୩୩ ଜଣ ହଷ୍ଟେଲରେ ରୁହନ୍ତି। ସବୁଦିନ ଭଳି ବୁଧବାର ପିଲାଙ୍କ ଉପସ୍ଥାନ ନେବା ବେଳେ ସ୍ୱାଧୀନ, ଶିବ ଓ ବାପି ନ ଥିବା ଶିକ୍ଷକମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି କଲାପରେ ସେମାନଙ୍କୁ ନ ପାଇବାରୁ ଗୁରୁବାର ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍ୱାଧୀନଙ୍କ ମାଆ ବିଜନ୍ତୀ ସୋରେନ ଏ ନେଇ ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୧୪ରେ କଟକ ଆସିବେ ସୁପ୍ରିମକୋର୍ଟ ପ୍ରଧାନବିଚାରପତି



କଟକ, ୧୨।୧୨(ସମିସ): ଆସନ୍ତା ୧୪ ତାରିଖ (ରବିବାର) ଦିନ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କଟକ ଆସିବେ। ପ୍ରଧାନବିଚାରପତି ଭାବେ ଶପଥ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ସେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ସାଢ଼େ ୧୦ଟାରେ ସେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ କଟକ ସହିଦ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବାର୍ ଆସୋସିଏସନ୍ ପକ୍ଷରୁ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ର ଓ ସମ୍ପାଦକ ଅଭିଜିତ ପଟ୍ଟନାୟକ ଏ ସଂପର୍କରେ ସୂଚନା ଦେଇଛନ୍ତି। 'ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି' ଶୀର୍ଷକ ବିଷୟବସ୍ତୁ ଉପରେ ଉଦ୍‌ବୋଧନ ଦେବେ ଜଷ୍ଟିସ ସୂର୍ଯ୍ୟକାନ୍ତ। ଏହି କାର୍ଯ୍ୟକ୍ରମ ଅବସରରେ ୫୦ ବର୍ଷରୁ ଅଧିକ ସମୟ ଧରି ଓକିଲାତିରେ ନିୟୋଜିତ ଥିବା ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏହି ସାମ୍ବାଦିକ ସମ୍ମିଳନୀରେ ବାର୍ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଘରେ ପଶି ନାବାଳିକାକୁ ଦୁଷ୍କର୍ମ

**ରାଜଧାନୀରେ ରହିବାକୁ ଡର ଲାଗୁଛି: ପୀଡିତାଙ୍କ ବାପା**

- ପୀଡ଼ିତାଙ୍କୁ ଭେଟିଲେ ମହିଳା କମିସନ ସଦସ୍ୟା
- ମାଜିଷ୍ଟ୍ରେଟଙ୍କ ପାଖରେ ହେଲା ବୟାନ ରେକର୍ଡ
- ବନ୍ଧା ହେଲା ଘର ମାଲିକ

ଭୁବନେଶ୍ୱର,୧୨।୧୨ (ସମିସ): ଘରେ ପଶି ଜଣେ ନାବାଳିକାକୁ ଦୁଷ୍କର୍ମ ଘଟଣା ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ଉଠିଛି ପ୍ରଶ୍ନ। ମହିଳା ସୁରକ୍ଷାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଓ ପୁଲିସର ଭୂମିକାକୁ ସାଧାରଣ ଲୋକେ ତୀବ୍ର ସମାଲୋଚନା କରିଥିବାବେଳେ ପୀଡ଼ିତାଙ୍କ ଭୟଭୀତ ବାପାଙ୍କ ଟିପ୍ପଣୀ ସମଗ୍ର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମହିଳା କମିଶନ ସଦସ୍ୟା ଓ ପୁଲିସ ନିକଟରେ 'ରାଜଧାନୀରେ ଏବେ ରହିବାକୁ ଡ଼ରଲାଗୁଛି' ବୋଲି ସେ କହିଥିବା କଥାପଦକ କେବଳ ତାଙ୍କର ନୁହେଁ; ପ୍ରତ୍ୟେକ ରାଜଧାନୀବାସୀଙ୍କୁ ମର୍ମାହତ କରିଛି। ତାଙ୍କ ଝିଅକୁ ନ୍ୟାୟ ମିଳୁ ଓ ଅଭିଯୁକ୍ତ ଘର ମାଲିକକୁ ଦଣ୍ଡ ମିଳୁ ବୋଲି ଦାବି କରିବା ସହ ପିଲାଛୁଆଙ୍କୁ ଧରି ଭୁବନେଶ୍ୱର ଛାଡ଼ି ଗାଆଁକୁ ପଳାଇବେ ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଅଞ୍ଚଳର ସମ୍ପୃକ୍ତ ୧୧ ବର୍ଷୀୟା ନାବାଳିକା ବାପାମାଆଙ୍କ ସହ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଥିବା ନରେଶ ମହାନ୍ତି ଘରେ ଭଡ଼ାରେ ରହୁଛନ୍ତି। ଉଭୟ ପରିବାର ମଧ୍ୟରେ ସମ୍ପର୍କ ବହୁତ ଭଲ ଥିଲା। ପୀଡ଼ିତା ନାବାଳିକାଙ୍କ ବାପା ଓ ମା ଏକ ହୋଟେଲରେ ଶ୍ରମିକ ଭାବେ କାମ କରୁଥିବା ବେଳେ ନାବାଳିକା ଦିନସାରା ଏକୁଟିଆ ଘରେ ରହୁଥିଲେ। ଗତ ୪ ତାରିଖ ଦିନ ପତିପତ୍ନୀ କାମକୁ ବାହାରି ଯାଇଥିବାବେଳେ ଘରେ ଏକାଥିବା ତାଙ୍କର ନାବାଳିକା ଝିଅକୁ ଘର ମାଲିକ ନରେଶ ଭୟଭୀତ କରି ଦୁଷ୍କର୍ମ କରିଥିଲା। ପୀଡ଼ିତା ଏତେ ଭୟଭୀତ ହୋଇ ଯାଇଥିଲେ ଯେ, ବାପାମାଆ ଫେରିବା ପରେ ମଧ୍ୟ ଘଟଣା ବିଷୟରେ ମୁହଁ ଖୋଲି ନ ଥିଲେ। ଗତ ବୁଧବାର ରାତିରେ ଯନ୍ତ୍ରଣା ଅସହ୍ୟ ହେବାରୁ ପୀଡ଼ିତା ସବୁକଥା ବାପାମାଆଙ୍କୁ ଜଣାଇଥିଲା ଓ ସେମାନେ ଗୁରୁତର ଝିଅକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ଗୁରୁବାର ପୀଡ଼ିତାଙ୍କ ବାପା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୧୮୦ ଅନୁସାରେ ବୟାନ ରେକର୍ଡ କରିଛି। ଗୁରୁବାର ଘର ମାଲିକ ନରେଶକୁ ପୁଲିସ ଗିରଫ କରି ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରିଛି । ଆଜି ବିଏନ୍‌ଏସ୍‌ଏସ୍ ଧାରା ୧୮୩ ଆଧାରରେ କୋର୍ଟରେ ମାଜିଷ୍ଟ୍ରେଟ ନାବାଳିକା ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି।

ସେପଟେ ମହିଳା କମିସନ ସଦସ୍ୟା ଉର୍ମିଳା ମହାପାତ୍ର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କୁ ଭେଟିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ବାପାମାଆଙ୍କୁ ପଚରାଉଚରା କରିଛନ୍ତି। ଏଥିସହିତ ମହିଳା ଥାନା ଅଧିକାରୀ ଓ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ସହ ଘଟଣା ବିଷୟରେ ଆଲୋଚନା କରିଛନ୍ତି ଶ୍ରୀମତୀ ମହାପାତ୍ର। ଯଥାଶୀଘ୍ର ଘଟଣାର ତଦନ୍ତ ସାରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦେବା ସହ ବିଚାର ପ୍ରକ୍ରିୟା କିଭଳି ଶୀଘ୍ର ସରି ପାରିବ, ସେନେଇ ଆଲୋଚନା କରିଛନ୍ତି। ଏହା ସହ ପୀଡ଼ିତାଙ୍କୁ କିପରି ଜଲଦି କ୍ଷତିପୂରଣ ରାଶି ମିଳିପାରିବ, ସେନେଇ ଉଦ୍ୟମ କରିବାକୁ କହିଛନ୍ତି। ଅନ୍ୟପଟେ ଭୁବନେଶ୍ୱରରେ ରହିବାକୁ ଡର ଲାଗୁଛି ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି।


**କୁସୁମଡିହି ଜଙ୍ଗଲରେ କଲରାପତରିଆର ମୃତ୍ୟୁ**

# ବଳଦ ମୃତଦେହରେ ବିଷ ବୋଳି ବାଘକୁ ମାରିଦେଲେ

ରାଉରକେଲା/ବଣାଇଁ, ୧୨।୧୨(ସମିସ): ମଲା ବଳଦ ଦେହରେ ବିଷ ବୋଳି କଲରାପତରିଆ ବାଘକୁ ମାରିଦେଲେ। ବଣାଇଁ ବନଖଣ୍ଡ ତାମଡ଼ା ରେଞ୍ଜ ଅନ୍ତର୍ଗତ କୁସୁମଡ଼ିହି ଖେସରା ଜଙ୍ଗଲରେ ଏପରି ଏକ ଘଟଣା ପଦାକୁ ଆସିବା ପରେ ବନ୍ୟଜନ୍ତୁପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଘଟଣାରେ ବନବିଭାଗ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁସୁମଡିହି ଗ୍ରାମର ବୃଦ୍ଧ ନୁଆସ ଖେସ (୬୧)ଙ୍କୁ ଗିରଫ କରିଛି।

ଗତ ନଭେମ୍ବର ୨୮ ତାରିଖରେ ନୁଆସଙ୍କ ୩ଟି ବଳଦ କୁସୁମଡିହି ଜଙ୍ଗଲକୁ ଚରିବାକୁ ଯାଇ ଆଉ ଫେରିନଥିଲେ। ବହୁ ଖୋଜାଖୋଜି କରିବା ପରେ ଗୋରୁଗୁଡ଼ିକଙ୍କ ଅଧାଖିଆ ମୃତଦେହ କେନ୍ଦୁପତ୍ର ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏଥିରେ ନୁଆସ ରାଗି ଯାଇଥିଲେ। ସେ ଉକ୍ତ ଖଣ୍ଡବିଖଣ୍ଡିତ ଗୋରୁଙ୍କ ଶରୀରରେ ବିଷ ବୋଳି ଦେଇଥିଲେ। ଉକ୍ତ ବିଷବୋଳା ଗୋରୁଙ୍କ ଶବ ଖାଇବାରୁ ଗୋଟିଏ ମାଈ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା ବୋଲି ବନ ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଅଞ୍ଚଳବାସୀ ଏକ ବାଘ ବୁଲୁଥିବା ନେଇ ବାରମ୍ବାର ତାମଡ଼ା ରେଞ୍ଜ ଅଧିକାରୀଙ୍କୁ ସୂଚନା ଦେଇଥିଲେ ମଧ୍ୟ ରେଞ୍ଜ ଅଧିକାରୀ ଟ୍ରାପ୍ କ୍ୟାମେରା ଲଗାଯିବ କହି ଘଟଣାକୁ ଗୁରୁତ୍ୱ ଦେଇ ନଥିଲେ। ଗତକାଲି ଅପରାହ୍ଣରେ ଜଣେ



ଗାଈଚରାଳି ଜଙ୍ଗଲରେ ବାଘ ମରିପଡ଼ିଥିବା ନେଇ ଗାଁରେ କହିବା ପରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସକାଳୁ ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ରାମା ସ୍ୱାମୀ ପି, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ସମେତ ଏକ ତଦନ୍ତକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ପଶୁସମ୍ପଦ ଅଧିକାରୀ ମୃତ ବାଘର ଶବକୁ ବ୍ୟବଚ୍ଛେଦ କରିବା ପରେ ମୃତ ବାଘର ଶବକୁ ପୋଡ଼ି ଦିଆଯାଇଥିଲା।

**ମହଙ୍ଗା ପଡ଼ିଲା ବେନାମୀ ସିମ୍ ବିକ୍ରି**

# ୨ ଜଣଙ୍କୁ ଉଠାଇନେଲା ଦିଲ୍ଲୀ ପୁଲିସ

ଭଦ୍ରକ/ଭଣ୍ଡାରିପୋଖରୀ, ୧୨।୧୨(ସମିସ): ବେନାମି ସିମ୍‌କାର୍ଡ ବିକ୍ରି ଅଭିଯୋଗରେ ଦିଲ୍ଲୀ ପୁଲିସ ଶୁକ୍ରବାର ଭଦ୍ରକରୁ ୨ଜଣଙ୍କୁ ଉଠାଇ ନେଇଛି। ସେମାନେ ହେଲେ, ମଞ୍ଜୁରୀରୋଡ୍ ବଜାରର ବ୍ୟବସାୟୀ ସନ୍ତୋଷ ଖଣ୍ଡାଇ ଓ ବନ୍ତ ଥାନା ଅଞ୍ଚଳର ଗଭିଗହିଆ ତରାଗୋ ଗାଁର ମହେଶ୍ୱର ପୁଷ୍ଟିଆ ଓରଫ୍ ଅଜୟ। ଉଭୟଙ୍କୁ ଭଦ୍ରକ କୋର୍ଟର ହାଜର କରାଇ ଦିଲ୍ଲୀ ପୁଲିସ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଯାଇଛି। ନୂଆ ସିମ୍‌କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡ ଜରିଆରେ ଏମାନେ ଏକାଧିକ ସିମ୍ ଆକ୍ଟିଭ୍ କରିନେଉଥିଲେ। ଏ ବାବଦରେ ଗ୍ରାହକ ଜାଣିପାରୁନଥିଲେ। ପରେ ଉକ୍ତ ସିମ୍‌ଗୁଡ଼ିକୁ ଉଚ୍ଚ ଦରରେ ବେନାମୀ ଲୋକଙ୍କୁ ବିକି ଦେଉଥିଲେ। ଏହି ସିମ୍‌ଗୁଡ଼ିକ ବିଭିନ୍ନ ଅପରାଧରେ ବ୍ୟବହୃତ ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ରୁଜୁ ଏକ ମାମଲାର ତଦନ୍ତ କରୁକରୁ ପୁଲିସ ଏ ଦୁହିଁଙ୍କ ବାବଦରେ ସୂଚନା ପାଇଥିଲା। ସେଠାରେ ଧରାପଡ଼ିଥିବା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ଅପରାଧୀ ବୟାନରେ ଏ ଦୁହିଁଙ୍କ ନାଁ ନେଇଥିଲା। ତାହାକୁ ଆଧାର କରି ଦିଲ୍ଲୀ ପୁଲିସର ଏକ ଟିମ୍ ଭଦ୍ରକ ଆସିଥିଲା। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷକୁ ଉଠାଇ ଆଣି ପଚରାଉଚରା କରିବା ପରେ ଆଜି ଗିରଫ କରିଥିଲା। ସେହିଭଳି ମହେଶ୍ୱରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

**ଗୋଟିଏ ଆଧାରକାର୍ଡରେ ପୁଳାପୁଳା ସିମ୍ ଆକ୍ଟିଭ୍ କରୁଥିଲେ**

**ଅପରାଧୀଙ୍କୁ ଉଚ୍ଚ ଦରରେ ବିକୁଥିଲେ**

# ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିକଲେ ଯବାନ

ନୂଆପଡା, ୧୨।୧୨ (ସମିସ):ନୂଆପଡା ଜିଲ୍ଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥାପିତ ଥିବା ଢେକୁନପାନି ସିଆର୍‌ପିଏଫ କ୍ୟାମ୍ପରେ କାର୍ଯ୍ୟରତ ଯବାନ ଗୋପିନାଥ ଶବର(୩୫) ନିଜର ସର୍ଭିସ ରିଭଲଭରରେ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡିଛି। ଯବାନଙ୍କ ଘର ଖଡିଆଳ ଥାନା ବରଗାଁ ପଞ୍ଚାୟତର ଘରଧରା ଗାଁ ବୋଲି ଜଣାପଡିଛି। ପ୍ରାପ୍ତ ଖବର ଅନୁଯାୟୀ ଆଜିକୁ ଦଶ ବର୍ଷ ତଳେ ବିବାହିତ ଗୋପିନାଥ ଦୀର୍ଘ ଦିନ ଧରି ସିଆର୍‌ପିଏଫରେ ନିୟୋଜିତ ହୋଇଥିଲେ। ଢେକୁନପାନୀ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ କ୍ୟାମ୍ପରେ ନିଜର ସର୍ଭିସ ରିଭଲଭରରେ ଗୁଳିକରି ନିଜର ଜୀବନ ହାରିଛନ୍ତି। ପରେ ଅଧିକାରୀମାନେ ଯାଇ ଦେଖିବାପରେ ମୃତ ଦେହକୁ ଉଦ୍ଧାର କରି ନୂଆପଡା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆଣିଛନ୍ତି। କୋମନା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ମୃତଦେହର ବ୍ୟବଚ୍ଛେଦ ପରେ ମର ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବବୋଲି ଜଣାପଡିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

# ଗଞ୍ଜେଇ ଚାଲାଣରେ ହୋମ୍‌ଗାର୍ଡ



ବାଲିଗୁଡା,୧୨।୧୨(ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ପୁଲିସ ଚଢ଼ଉ କରି ଏକ ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିବା ସହ ଚୋରା ଚାଲାଣ କରୁଥିବା ହୋମ୍‌ଗାର୍ଡକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ହୋମ୍‌ଗାର୍ଡ ଶଙ୍କର ନିୟାଲ। ତୁମୁଡିବନ୍ଧ ଥାନା ଏସ୍‌ଆଇ ସର୍ବେଶ୍ୱର ଖାଡେଙ୍ଗା ଚେକିଂ ବେଳେ ଖଣ୍ଡିଆଗୁଡ଼ା ଆଡୁ ଏକ ପଶ୍ଚିମବଙ୍ଗ ନମ୍ବର କାର୍ ଦ୍ରୁତଗତିରେ କୋଟଗଡ ବଜାର ଆଡକୁ ଆସିବା ଦେଖିବାକୁ ପାଇଥିଲେ। ଏସ୍‌ଆଇ ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କୋଟଗଡ଼ ପୁଲିସ ଟିମ୍ ସେଣ୍ଟ୍ରାଲ ଫରେଷ୍ଟ ନର୍ସରୀ ନାକା ଗେଟ୍‌ର ଗାଡ଼ିଟିକୁ ମାଡ଼ି ବସିଥିଲା। ଆଉ ଗାଡ଼ିରୁ ୨୫କିଲୋ ଗଞ୍ଜେଇ ସହ ଚାଳକ ଶଙ୍କର ନିୟାଲ ଓ ବିଶିକେଶନ ବିଭାର ନାମକ ଦୁଇ ଜଣକୁ କାବୁ କରିବାରେ ସକ୍ଷମ ହୋଇଥିଲା। ଗାଡ଼ି ଚାଳକ ଶଙ୍କର ଜଣେ ଗୃହରକ୍ଷୀ ହୋଇ ଗଞ୍ଜେଇ ବେପାରରେ ଲିପ୍ତ ଥିବାରୁ ଲାଞ୍ଜିଗଡ ଥାନାରୁ ନିକଟରେ ବିଜିପୁର ଥାନାକୁ ବଦଳି କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ହେଲେ ନିଜ ଚାକିରିରେ ସନ୍ତୁଷ୍ଟ ନ ଥିବା ଚାଳକ ଗୃହରକ୍ଷୀ ଶଙ୍କର ପୁଣି ଗଞ୍ଜେଇ ଚାଲାଣ କରି କୋଟଗଡ଼ ପୁଲିସ ହାବୁଡ଼ରେ ପଡି ଗିରଫ ହୋଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଥାନା କେସନଂ୧୭୪/୨୫ରେ ମାମଲା ରୁଜୁ କରି ଗାଡିକୁ ଜବତ ସହ ଦୁଇ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। କୋଟଗଡ଼ ତହସିଲଦାର ଭୋଳାନାଥ ମାଝୀଙ୍କ ଉପସ୍ଥିତିରେ ୨୫ କିଲୋ ଗଞ୍ଜେଇ ଓଜନ କରାଯାଇଥିଲା। ଚଢ଼ଉରେ ଭୀମସେନ ମୁଟକା ଓ ପୁଲିସ ଟିମ ସାମିଲ ଥିଲେ।

# ୨୫ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

**ସଫଳ ଆଖୁ ଚାଷୀ ଭାବେ ପ୍ରଥମ ପୁରସ୍କାର ପ୍ରଦାନ ପାଇଁ ନିର୍ଦ୍ଦେଶ**

କଟକ,୧୨।୧୨(ସମିସ): ଦୁଇ ଦଶନ୍ଧି ପୂର୍ବରୁ ଭଲ ଆଖୁ ଅମଳ ପାଇଁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଥିବା ଜଣେ ଚାଷୀଙ୍କୁ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ପ୍ରସଙ୍ଗରେ ଦାୟର ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୨୫ ବର୍ଷ ପରେ ଆବେଦନକାରୀ ସମ୍ପୃକ୍ତ ସଫଳ କୃଷକଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଥିବା ବେଳେ ୧୯୯୯-୨୦୦୦ ବର୍ଷ ପାଇଁ ପ୍ରଥମ ପୁରସ୍କାର ସ୍ୱରୂପ ୩୦ହଜାର ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନରେନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପ୍ରଥମ ପୁରସ୍କାର ଦାବିକୁ ଅଗ୍ରାହ୍ୟ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆଖୁ ଚାଷୀଙ୍କୁ ଅମଳ ଭିତ୍ତିରେ ପ୍ରୋତ୍ସାହନ ରାଶି ପୂର୍ବକ ପ୍ରଥମ ପୁରସ୍କାର ୩୦ ହଜାର, ଦ୍ୱିତୀୟ ପୁରସ୍କାର ୨୫ ହଜାର ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବନ୍ଧନୂଆଗାଁ ବ୍ଲକରେ ଥିବା ପ୍ରାୟ ଦେଢ଼ଏକର ଜମିରେ ଆବେଦନକାରୀ ଆଖୁଚାଷ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨୦୦୦, ଫେବ୍ରୁଆରି ୩ରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଜମିରୁ ଆଖୁ କଟାଯାଇଥିଲା ବେଳେ ଏଥିରେ ସେ ପ୍ରଥମ ହୋଇଥିଲେ ମଧ୍ୟ ଏହି ପୁରସ୍କାର ତାଙ୍କୁ ମିଳିନଥିଲା। ଆଖୁ ଫସଲ ହୋଇଥିବା ପ୍ଲଟ୍ ଆବେଦନକାରୀ, ତାଙ୍କ ବାପା ଓ ଭାଇଙ୍କ ନାଁରେ ମିଳିତ ଭାବେ ରେକର୍ଡଭୁକ୍ତ ଥିବା ଓ ୧୯୯୭-୯୮ ରେ ତାଙ୍କ ବାପା ଏହି କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଥିବା କାରଣରୁ ଏହି ପୁରସ୍କାର ଦିଆଯାଇ ନଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବରୁ ଜମିର ସବୁ ତଥ୍ୟ ଦାଖଲ କରିବା ପରେ ଆବେଦନକାରୀଙ୍କୁ ଅନୁମତି ମିଳିଥିଲା। ଏଥିସହ ଗୋଟିଏ ପରିବାରର ଜଣେ ସଦସ୍ୟ ପୂର୍ବରୁ ପୁରସ୍କାର ପାଇଥିଲେ ଅନ୍ୟ ଜଣେ ସଦସ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ବୋଲି ନିୟମାବଳୀରେ ଉଲ୍ଲେଖ ନଥିବା ବେଳେ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଚିଲିକା ବ୍ଲକ୍‌ରେ ସରକାରୀ ନିୟମ ଅଚଳ**


# ବିଡିଓ ରୋକୁଛନ୍ତି ବିକାଶ; ଲୋକଙ୍କ ସରକାର ବିବଶ

ଭୁବନେଶ୍ୱର,୧୨।୧୨ (ସମିସ): ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ଶାସକ ଦଳର ବିଧାୟକ ଏବେ ସବୁଠି ଗୋଟିଏ କଥା ଦୋହରାଉଛନ୍ତି 'ଲୋକଙ୍କ ସରକାର' । ମାତ୍ର ରାଜ୍ୟରେ କଥିତ 'ଲୋକଙ୍କ ସରକାର'ରେ ବିକାଶ କେମିତି ଚାଲିଛି ତାହା ଚିଲିକା ବ୍ଲକ୍‌ରେ ପ୍ରଶାସନିକ କାର୍ଯ୍ୟରୁ ଜଳଜଳ ଦିଶୁଛି । ଚିଲିକା ବ୍ଲକ୍‌ରେ ସରକାରୀ ନିୟମ ପରିବର୍ତ୍ତେ ବିଡ଼ିଓଙ୍କ ନିୟମ ଚାଲେ ଓ ଅତି ଶକ୍ତିଶାଳୀ ବିଡ଼ିଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ଖାତିର କରନ୍ତି ନାହିଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଅନ୍ୟ କାର୍ଯ୍ୟଗୁଡ଼ିକ ତ ଭିନ୍ନ କଥା, ସାଂସଦଙ୍କ ହାତପାଣ୍ଠିରୁ ମଞ୍ଜୁର ହୋଇଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ହୋଇ ନ ପାରିବା ସ୍ଥାନୀୟ ଲୋକଙ୍କୁ କ୍ଷୁବ୍ଧ କରିଛି । ବିଡ଼ିଓଙ୍କ ଏପରି ବିକାଶ ବିରୋଧୀ କାର୍ଯ୍ୟ ଲୋକଙ୍କ ମନରେ ସରକାରଙ୍କ ପ୍ରତି ଆକ୍ରୋଶ ସୃଷ୍ଟି କରିଛି ।


ଅଭିଯୋଗ ଅନୁସାରେ ଚିଲିକା ବ୍ଲକ୍‌ର ୭ଟି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସାଂସଦ ମାନସ ମଙ୍ଗରାଜ ୨୪.୫ ଲକ୍ଷ ଟଙ୍କା ସାଂସଦ ହାତପାଣ୍ଠିରୁ ମଞ୍ଜୁର କରିଥିଲେ। ମାତ୍ର ବିଡ଼ିଓ ଏହି କାମଗୁଡ଼ିକର କାର୍ଯ୍ୟାଦେଶ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ । ଗତ ମେ ଓ ଜୁନ୍ ମାସରୁ ଏହି କାମ ପାଇଁ ଚିଠି ଦିଆଯାଇଥିଲେ ମଧ୍ୟ ତାହାର ୱାର୍କଅର୍ଡର୍‌ର ପ୍ରଦାନ କରାଯାଇ ନ ଥିଲା । ଫଳରେ ସାଂସଦ ଏ ସଂକ୍ରାନ୍ତରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡ଼ିଓ କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ କରୁଥିବାରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଚଣ୍ଡେଶ୍ୱର ପଞ୍ଚାୟତର ୫ଟି ପ୍ରକଳ୍ପ ଏବଂ ୧୪.୫ ଲକ୍ଷ ଟଙ୍କା ଅଟକଳରେ ବରକୁଳ ଓ ବାଲୁଆବନ୍ଧ ପଞ୍ଚାୟତର ୨ଟି ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହେଉଥିବା ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏପରିକି ଧାର୍ଯ୍ୟ ଅବଧି ମଧ୍ୟରେ କାର୍ଯ୍ୟଗୁଡ଼ିକ ଶେଷ କରିବା ନିମନ୍ତେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଅନେକବାର ବିଡ଼ିଓଙ୍କ ସହ ଯୋଗାଯୋଗ କରିଥିବା ଓ କାର୍ଯ୍ୟାଦେଶ ଦେବାକୁ ଅନୁରୋଧ କରିଥିଲେ ବି କୌଣସି ସୁଫଳ ମିଳିନାହିଁ ବୋଲି ସାଂସଦ ଶ୍ରୀ ମଙ୍ଗରାଜ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଜିଲ୍ଲା ପ୍ରଶାସନ ଏ ସଂକ୍ରାନ୍ତରେ ଚିଲିକା ବିଡ଼ିଓଙ୍କୁ ଅକ୍ଟୋବର ୧୦ ତାରିଖରେ ଏକ ଚିଠି ଲେଖି ତୁରନ୍ତ ଏହି କାମଗୁଡ଼ିକର କାର୍ଯ୍ୟାଦେଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସାଧାରଣ ଲୋକଙ୍କର ସ୍ୱାର୍ଥଜଡ଼ିତ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ମାତ୍ର ଜିଲ୍ଲା ପ୍ରଶାସନ ଚିଠି ପ୍ରଦାନର ୨ ମାସ ବିତି ଯାଇଥିଲେ ମଧ୍ୟ ଚିଲିକା ବିଡ଼ିଓ ଏ ପର୍ଯ୍ୟନ୍ତ ଅନେକ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରିନଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବରକୁଳ ଓ ବାଲୁଆବନ୍ଧ ଅଞ୍ଚଳର ଲୋକମାନେ ଏହି କାର୍ଯ୍ୟ ସମ୍ପର୍କରେ ବୁଝାବୁଝି କରିବାକୁ ଯିବାବେଳେ ସେମାନଙ୍କୁ ବ୍ଲକ ପ୍ରଶାସନ ଧରାଛୁଆଁ ଦେଉ ନାହାନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଲୋକଙ୍କ ସରକାରରେ ସରକାରୀ ଅଧିକାରୀମାନେ ସାଧାରଣ ଲୋକଙ୍କୁ ଏପରି ବ୍ୟବହାର କରିବା ଓ ବିକାଶମୂଳକ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି କି ବୋଲି ମଧ୍ୟ ଅନେକ ପ୍ରଶ୍ନ କରିବା ସହ ତୁରନ୍ତ କାର୍ଯ୍ୟାଦେଶ ନ ମିଳିଲେ ସ୍ଥାନୀୟ ଜନସାଧାରଣ ବିଡ଼ିଓଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ।

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ମାନୁନାହିଁ ବ୍ଲକ୍ ପ୍ରଶାସନ**

## ଦନ୍ତାହାତୀର ସନ୍ଦେହଜନକ ମୃତ୍ୟୁ



ତୁମୁଡିବନ୍ଧ, ୧୨।୧୨ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କରଜଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଅଞ୍ଚଳବାସୀ ସିଧାସଳଖ ଭାବେ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଶୁକ୍ରବାର ଭୋର ୪ଟାରେ ହାତୀଟି ମୃତ୍ୟୁବରଣ କରିଥିବା ନେଇ କରଜଣ୍ଡି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଗତ ୬ ମାସ ପୂର୍ବରୁ ଉକ୍ତ ହାତୀ ଝିରିପାଣି ଅଞ୍ଚଳରେ ବୁଲୁଥିଲା ଏବଂ ଅନେକ ଫସଲ ନଷ୍ଟ କରୁଥିଲା। ଏନେଇ ଝିରିପାଣି ଅଞ୍ଚଳର ଚାଷୀ ବନସୁରକ୍ଷା ଦାୟିତ୍ୱରେ ଥିବା ବୁଲୁ ନାୟକ ଏବଂ ବନପାଳ ଶିବାଜୀ ବେହେରାଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଦୁଇ ଅଧିକାରୀ ଚାଷୀଙ୍କୁ କେବଳ ଭଣ୍ଡାଉଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ମୃତ ହାତୀ ଅତି ଦୁର୍ବଳ ଥିଲା ଏବଂ ଠିକ ଭାବେ ଶୁଣିପାରୁନଥିଲା।



ପୁଣି ମ୍ୟାଚ୍‌କୁ ଫେରିବେ ଫୋଗତ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-167 ♦SATURDAY ♦13 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୬୭ ♦ଶନିବାର ♦୧୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ପ୍ରଥମଥର ହେବ ଡିଜିଟାଲ ଜନଗଣନା



ବ୍ୟକ୍ତି ପିଛା ଖର୍ଚ୍ଚ ହେବ ୯୭ ଟଙ୍କା

ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା

## ୨୦୨୭ ଜନଗଣନା ପାଇଁ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଦେଶରେ ପ୍ରଥମଥର ପାଇଁ ଜନଗଣନା ଡିଜିଟାଲ ହେବାକୁ ଯାଉଛି। ୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧,୭୧୮. ୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜଣେ ବ୍ୟକ୍ତି ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ୨୦୧୧ ଜନଗଣନା ବେଳେ ଦେଶର ଲୋକସଂଖ୍ୟା ୧୨୧ କୋଟି ଥିଲା। ଯଦି ଏହାକୁ ଆଧାର କରି ବିଚାର କରାଯାଏ ତେବେ, ଜଣେ ବ୍ୟକ୍ତିଙ୍କ ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏବେ ଦେଶର ଲୋକସଂଖ୍ୟା ଆନୁମାନିକ ଭାବେ ୧୫୦ କୋଟିରେ ପହଞ୍ଚିଛି। ତେଣୁ ଏହାକୁ ବିଚାର କଲେ ପ୍ରତି ବ୍ୟକ୍ତିଙ୍କ ପାଇଁ ୭୮ ଟଙ୍କା ଖର୍ଚ୍ଚ ହେବ। ଏହି ଜନଗଣନା ପାଇଁ ୩୦ ଲକ୍ଷ କର୍ମଚାରୀଙ୍କୁ ନିୟୋଜନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସିଏଏସ୍ ସଫ୍ଟୱେୟାର ବ୍ୟବହାର କରି ଡିଜିଟାଲ ଜନଗଣନା ହେବ। ଜନଗଣନାର ଡିଜିଟାଲ ଡିଜାଇନ୍ ତଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପରିବାରର ତାଲିକା ତିଆରି କରାଯିବ ଓ ଘରଗୁଡ଼ିକର ଗଣନା କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀରେ ଜନସଂଖ୍ୟାର ଗଣନା କରାଯିବ ବୋଲି ସେ କହିଛନ୍ତି। ମୋବାଇଲ ଆପ ମାଧ୍ୟମରେ ଡାଟା ସଂଗ୍ରହ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ନିର୍ଭୁଲ କରିବା ପାଇଁ ଏକ କେନ୍ଦ୍ରୀୟ ପୋର୍ଟାଲରୁ ଏହାକୁ ତଦାରଖ କରାଯିବ ବୋଲି କୁହାଯାଇଛି। ୨୦୨୭ର ଜନଗଣନା ଦେଶର ୧୬ତମ ଓ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

# ରାତିରେ ଶୀତର 'କର୍ଫ୍ୟୁ'

## ୧୦ ତଳକୁ ଖସିଲା ୧୫ ସହରରେ ପାରଦ



■ ଭୁବନେଶ୍ୱର, ୧୨।୧୨ (ସମିସ): ସାରା ରାଜ୍ୟରେ ଏବେ ଶୀତ କର୍ଫ୍ୟୁ। ରାତି ବଢ଼ିବା ସାଙ୍ଗକୁ ବଢ଼ୁଛି ଥଣ୍ଡା, ଖସୁଛି ପାରଦ । କ୍ରମାଗତ ଭାବେ ତାପମାତ୍ରା ତଳମୁହାଁ ହେତୁ ରାଜ୍ୟରେ ୭ ଦିନ ହେବ ଲାଗି ରହିଥିବା ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ଅପରିବର୍ତ୍ତିତ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୨ ସହରରେ ତାପମାତ୍ରା ୩ ଡିଗ୍ରୀକୁ ଖସିଛି ଓ୍ ୧୫ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି ଓ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରେକର୍ଡ ହୋଇଛି। ଅନୁରୂପ ଭାବରେ ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ି ୬.୫, ଚିପିଲିମା ୬.୬, ଝାରସୁଗୁଡ଼ା ୭.୧, ରାଉରକେଲା ୭.୨, ଭବାନୀପାଟଣା ୭.୫, କୋରାପୁଟ ୮.୧, କିରେଇ ୮.୪, ଅନୁଗୁଳ ୮.୬, ବଲାଙ୍ଗିର ୯, ନବରଙ୍ଗପୁର ୯.୨, କେନ୍ଦୁଝର ୯.୬ ଓ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ କରାଯାଇଛି।

### ଜି.ଉଦୟଗିରିରେ ୩.୧, ସେମିଳିଗୁଡ଼ାରେ ୩.୬

### ପ୍ରବଳ ଜାଡ଼ ପାଇଁ ୯ ଜିଲ୍ଲାକୁ ସତର୍କତା ଜାରୀ

ଜାରି ରହିଥିବା ଶୀତ ଲହରୀ ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଲେ ମଧ୍ୟ ଶୀତର ପ୍ରଭାବ ବିଶେଷ କମିବ ନାହିଁ ବୋଲି ଆକଳନ ▶ପୃଷ୍ଠା-୭

# ସରିଲା ବିଧାନସଭା; ଥମୁନି ଶିକ୍ଷକ ଆନ୍ଦୋଳନ

## ରାଜଧାନୀରେ ଗର୍ଜିଲେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ଶିକ୍ଷକ

■ ଭୁବନେଶ୍ୱର, ୧୨।୧୨ (ସମିସ): ବିଧାନସଭା ଶୀତକାଳିନ ଅଧିବେଶନ ସରିବାକୁ ୩ ଦିନ ବିତିଯାଇଥିଲେ ମଧ ଶିକ୍ଷକ ଆନ୍ଦୋଳନ ଥମିବାର ନା ଧରୁନି। ପ୍ରତିଦିନ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆସି ସରକାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରନ୍ତୁ ବୋଲି ନାରାବାଜି କରୁଛନ୍ତି। ଏକାଧିକ ସଂଗଠନ ଅହୋରାତ୍ର ଧାରଣା ଦେଉଛନ୍ତି। ମୁଖ୍ୟାଳୟ ଛାଡ଼ି ରାଜଧାନୀ ବିକ୍ଷୋଭରେ ସାମିଲ ହେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ତାଲିକା ମାଗି ଗଣଶିକ୍ଷା ବିଭାଗ ନାଲିଆଖି ଦେଖାଇଥିଲେ ମଧ ଆନ୍ଦୋଳନରେ ବ୍ରେକ୍ ଲାଗୁ ନ ଥିବାରୁ ସରକାରଙ୍କ ଶୀରପିଡ଼ା ବଢ଼ୁଛି।

### ନିୟମିତ ଦାବିରେ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ବିକ୍ଷୋଭ




ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ (+୨ ଓ +୩) ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶୁକ୍ରବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ସେମାନଙ୍କ ଏକମାତ୍ର ଦାବି ଭାବେ 'ସରକାରୀ ଅନୁଦାନ ପ୍ରଦାନ' କରିବାକୁ ଦାବି କରିବା ସହ ସରକାର ସେମାନଙ୍କ ସହ ପ୍ରତାରଣା କରୁଥିବା ଅଭିଯୋଗ ▶ପୃଷ୍ଠା-୭

**ପୀତବାସ ହତ୍ୟା ମାମଲାରେ ୫ଜଣଙ୍କ ଜାମିନ ଆବେଦନର ଶୁଣାଣି ଶେଷ**

# କୋର୍ଟ ରୁମ୍‌ରେ ୫ ଘଣ୍ଟା ଯୁକ୍ତିତର୍କ

■ ବ୍ରହ୍ମପୁର, ୧୨।୧୨ (ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ଆଜି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶେଷ ହୋଇଛି। ବିଚାରପତି ରାୟ ସଂରକ୍ଷିତ ରଖିଥିବା ବେଳେ ଆସନ୍ତା ୧୬ରେ ରାୟ ପ୍ରକାଶ ପାଇବ ବୋଲି କୁହାଯାଉଛି। ତେବେ, ଜାମିନ ଆବେଦନ ଉପରେ ଦୀର୍ଘ ୫ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହେବା ଘଟଣା ଆଜି ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ଏହି ଶୁଣାଣି ଅପରାହ୍ଣ ୨ଟା ▶ପୃଷ୍ଠା-୭

**ରାୟ ସଂରକ୍ଷିତ, ୧୬ରେ ପ୍ରକାଶ**

**ବ୍ରହ୍ମପୁର କୋର୍ଟ ଇତିହାସରେ ପ୍ରଥମ ଘଟଣା!**

# ନବମ ଶ୍ରେଣୀ ଛାତ୍ର ଅଣ୍ଟାରୁ ବନ୍ଧୁକ ଜବତ

■ କେନ୍ଦ୍ରାପଡ଼ା, ୧୨।୧୨ (ସମିସ): ଜଣେ ନବମ ଶ୍ରେଣୀ ଛାତ୍ର ଅଣ୍ଟାରେ ବନ୍ଧୁକ ଖୋସି ସ୍କୁଲକୁ ଆସିବା ଏବଂ ଖେଳ ଶିକ୍ଷକଙ୍କୁ ଧମକ ଦେବା ଭଳି ଚାଞ୍ଚଲ୍ୟକର ଘଟଣା ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ଗରଦପୁର ଅଞ୍ଚଳର କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଏହି ଘଟଣା ଘଟିଛି। କୁଦାନଗରୀ ପୁଲିସ ସଂପୃକ୍ତ ଛାତ୍ରକୁ ଅଟକ ରଖିବା ସହ ତା'ଠାରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରିଛି। ଛାତ୍ରଜଣଙ୍କ ଧାନମଣ୍ଡଳ ଅଞ୍ଚଳର ବୋଲି ଜଣାଯାଇଛି। ତାକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଇବା ପରେ ବାଳସୁଧାର ଗୃହକୁ ପଠାଇ ଦିଆଯିବ ବୋଲି ଜଣାଯାଇଛି।

**ଧରିପକାଇବାରୁ ଶିକ୍ଷକଙ୍କୁ ଧମକ**

ସୂଚନାନୁଯାୟୀ, ଛାତ୍ରଜଣଙ୍କ ଆଜି ଏକ ବନ୍ଧୁକ ଓ ଗୁଳି ନେଇ ସ୍କୁଲକୁ ନେଇ ଆସିଥିଲା। ବନ୍ଧୁକଟି ତା' ଅଣ୍ଟାରେ ଖୋସା ହୋଇଥିଲା। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବାରୁ କଥା ସ୍କୁଲ କର୍ତ୍ତୃପକ୍ଷଙ୍କ କାନକୁ ଯାଇଥିଲା। ସ୍କୁଲ ଖେଳ ଶିକ୍ଷକ ବନ୍ଧୁକକୁ ଜବତ କରିବାରୁ ଏଥିରେ ଛାତ୍ରଜଣଙ୍କ ରାଗି ନିଆଁବାଣ ହୋଇଯାଇଥିଲା। ସେ ଶିକ୍ଷକଙ୍କୁ ମଧ ନାନା ଧମକଚମକ ଦେଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍କୁଲ ପକ୍ଷରୁ ଏନେଇ ଅଭିଯୋଗ ହେବା ପରେ ପୁଲିସ ସ୍କୁଲରେ ପହଞ୍ଚି ବନ୍ଧୁକ ଓ ଗୁଳି ଜବତ କରିଥିଲା। ତେବେ ପୁଲିସକୁ ଦେଖି ଛାତ୍ରଜଣଙ୍କ ଫେରାର୍ ହେବାକୁ ଚେଷ୍ଟା ▶ପୃଷ୍ଠା-୭

**କେନ୍ଦ୍ର କ୍ୟାବିନେଟ ଦେଲା ମଞ୍ଜୁରୀ**

# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ




### ଭାରତୀୟ ବଜାରକୁ ଆସିବେ ବିଦେଶୀ କମ୍ପାନୀ

### ଗ୍ରାହକଙ୍କୁ ମିଳିବ ପଲିସି ବିକଳ୍ପ

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଭାରତୀୟ ବୀମା ବଜାରକୁ ଆସିବେ ବିଦେଶୀ କମ୍ପାନୀ। ଏଥିପାଇଁ କେନ୍ଦ୍ର ସରକାର ଦେଶର ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୧୦୦%କୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହାସହିତ ବୀମା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କିଛି ପ୍ରମୁଖ ଢାଞ୍ଚାଗତ ସଂସ୍କାରକୁ ମଧ ଅନୁମୋଦନ ମିଳିଛି।

ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ ଭାରତୀୟ ବୀମା ବଜାରରେ ଗୁରୁତ୍ୱପୂର୍ଣ୍ଣ ବିଦେଶୀ ନିବେଶ ଆଣିବା ଆଶା କରାଯାଉଛି। ଫଳରେ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ସମ୍ପୂର୍ଣ୍ଣ ଭାବରେ ବୀମା ବ୍ୟବସାୟ କରିପାରିବେ। ଏହା ବଜାରରେ ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବ। ଏହି ବିଲ୍ ଡିସେମ୍ବର ୧୯ରେ ଶେଷ ହେଉଥିବା ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଆଗତ ହେବ। ଆହୁରିମଧ ବିଦେଶୀ ବୀମା କମ୍ପାନୀଗୁଡ଼ିକ ଲୋକମାନଙ୍କୁ ଅଧିକ ବୀମା ବିକଳ୍ପ ପ୍ରଦାନ କରିବେ ଏବଂ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସଠିକ୍ ପଲିସି ବାଛିପାରିବେ। ଏହାସହିତ, ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବୃଦ୍ଧି ପାଇବ, ▶ପୃଷ୍ଠା-୭

# ରାଜଧାନୀର ହୁକ୍କା ବାର୍‌ରେ ଭୟାବହ ଅଗ୍ନିକାଣ୍ଡ

**ଜଳିଗଲା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ■ ବିନା ଲାଇସେନ୍ସରେ ମଦ ବିକ୍ରି ଅଭିଯୋଗ**



■ ଭୁବନେଶ୍ୱର, ୧୨।୧୨ (ସମିସ): ରାଜଧାନୀର ସତ୍ୟବିହାର ସ୍ଥିତ 'ନୋ ଲିମିଟ୍ ଏୟାର' ନାମକ ଏକ ହୁକ୍କା ବାର ଓ ରେଷ୍ଟୋରାଁରେ ଶୁକ୍ରବାର ସକାଳେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଏଥିରେ ରେଷ୍ଟୋରାଁଟି ସମ୍ପୂର୍ଣ୍ଣ ଭାବେ ଜଳି ପୋଡି ପାଉଁଶ ହୋଇଯାଇଛି। ନିଆଁ ଅନ୍ୟ ବ୍ୟବସାୟିକ ଗୁଡ଼ିକ ବ୍ୟାପିବା ପୂର୍ବରୁ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଆୟତ୍ତ କରିଥିଲା; ଘଟଣାସ୍ଥଳରୁ ହୁକ୍କା ଟାଣିବା ପାଇଁ ବ୍ୟବହୃତ ବହୁ ସାମଗ୍ରୀ ମିଳିଛି। ଏହା ସହ ଘଟଣାସ୍ଥଳକୁ ପୋଡା ଟିଣ କେନ୍ ମଧ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ମୁତାବକ, ରେଷ୍ଟୋରାଁଟି ୪ମହଲାର ଛାତଉପରେ ଚାଲୁଥିଲା। ରେଷ୍ଟୋରାଁ ବନ୍ଦ ରହିଥିଲା ବେଳେ ଅଚାନକ ଅଗ୍ନିକାଣ୍ଡ ଘଟିଥିଲା। ଏଠାର କର୍ମଚାରୀମାନେ ପ୍ରଥମେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ରେଷ୍ଟୋରାଁରେ ଦହନଶୀଳ ପଦାର୍ଥର୍ ବହୁ ପରିମାଣରେ ଥିବାରୁ ନିଆଁ ଅଚାନକ ଅଣାୟତ୍ତ ହୋଇଗଲା। ଯାହାଫଳରେ ରେଷ୍ଟୋରାଁ କର୍ମଚାରୀମାନେ ଘଟଣାସ୍ଥଳ ଛାଡି ପଳାଇଥିଲେ। ସେତେବେଳକୁ ନିଆଁ ହୁ ହୁ ହୋଇ ଜଳିବା ଆରମ୍ଭ କରିଥିଲା ଓ ଆକାଶ ଧୂଆଁ ଧୂଆଁ ହୋଇ ଯାଇଥିଲା। ସକାଳ ପ୍ରାୟ ୮ଟା ୪୫ ମିନିଟ୍ ସମୟରେ ▶ପୃଷ୍ଠା-୭




## ନାବାଳକର ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ

# ଅନ୍ଧବିଶ୍ୱାସରୁ ପଡ଼ୋଶୀ ମହିଳା ସାଜିଲା ହତ୍ୟାକାରୀ

କବିସୂର୍ଯ୍ୟନଗର,୧୨।୧୨(ସମିସ)



କବିସୂର୍ଯ୍ୟନଗର ଥାନା ତଥା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଗାଁରେ ଗତ ବୁଧବାର ଜଣେ ନାବାଳକଙ୍କ ମୃତଦେହ ତାଙ୍କ ଆଇଘର ବାଡ଼ିପଟୁ ଉଦ୍ଧାର ହୋଇଥିଲା। ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରିଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପଡ଼ୋଶୀ ମହିଳା ହିଁ ହତ୍ୟା କରି ନାବାଳକଙ୍କୁ ଫିଙ୍ଗି ଦେଇଥିବା ଜଣାପଡ଼ିଛି। ଅଭିଯୁକ୍ତ ମହିଳା ଜଣକ ହେଲେ ସୋନାଲି ସ୍ୱାଇଁ। ସମ୍ପୃକ୍ତ ମହିଳାଙ୍କୁ ପୁଲିସ ଗିରଫ କରିବା ସହ ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ।

ପୁଲିସର ସୂଚନା ଅନୁସାରେ, ଏକ ବର୍ଷ ପୂର୍ବେ ସୋନାଲିଙ୍କ ୧୦ବର୍ଷର ପୁଅର ମୃତ୍ୟୁ ଘଟିଥିଲା। ପୁଅ ମୃତ୍ୟୁକୁ ନେଇ ସୋନାଲି ବହୁ ଗୁଣିଆଙ୍କ ନିକଟକୁ ଯାଇଥିବା ବେଳେ ପଡ଼ୋଶୀ ଘର ଲୋକ ଗୁଣି କରି ମାରିଦେଇଥିବା କହିଥିଲେ। ଏହାପରେ ସୋନାଲି ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲେ ଏବଂ ସୁଯୋଗ ଅପେକ୍ଷାରେ ରହିଥିଲେ। ଗତ ୧୦ ତାରିଖ ଦିନ ଅଜାଘର ସାମନ୍ତରାପୁରକୁ ଶେରଗଡ଼ ବ୍ଲକ ଖମାର ଗ୍ରାମର ଆଦିତ୍ୟ ଜେନା(୯) ଆସିଥିଲେ। ବୁଧବାର ଦିନ ସକାଳୁ ଆଦିତ୍ୟଙ୍କ ଆଇ ତାଙ୍କୁ ଭାତ ଖାଇବାକୁ ଦେଇ ବିଲକୁ ଯାଇଥିଲେ। ତେବେ କିଛି ସମୟ ପରେ ଆଦିତ୍ୟ ନିଖୋଜ ଥିବା ଖବର ପାଇଥିଲେ। ପରେ ଆଦିତ୍ୟଙ୍କ ମୃତଦେହ ଘର ବାଡ଼ିପଟ ପାଇଖାନା ପାଖରୁ ଉଦ୍ଧାର ହୋଇଥିଲା। ତେବେ ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିବା ପରେ ପୁଲିସ ତଦନ୍ତ ଚଳାଇବା ସହ ସୋନାଲିଙ୍କୁ ଗିରଫ କରିଛି। ପୁଅ ମୃତ୍ୟୁ ପରେ ମହିଳା ଜଣକ ଇର୍ଷା ପରାୟଣ ହୋଇ ଆଦିତ୍ୟକୁ ବୁଧବାର ଦିନ ନିଜ ଘରେ ତଣ୍ଟି ଚିପି ହତ୍ୟା ପରେ ବାଡ଼ିପଟେ ପକାଇଦେଇଥିବା କବିସୂର୍ଯ୍ୟନଗର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ।

## ବଡ଼ଦିନ ପାଇଁ ଯାନବାହନ ଯାଞ୍ଚ କଡ଼ାକଡ଼ି



ପାରଳାଖେମୁଣ୍ଡି,୧୨।୧୨(ସମିସ): ଗୋଷାଣି ବ୍ଲକର ଗାରାବନ୍ଧ ଓ ଗୁରାଣ୍ଡି ଥାନା ପକ୍ଷରୁ ଯାନବାହାନ ଯାଞ୍ଚ କାର୍ଯ୍ୟକ୍ରମ ଜାରି ରହିଛି। ତେବେ ଗତ ଦୁଇଦିନ ହେଲା ଏହି ଥାନା ଅଞ୍ଚଳରେ ପୃଥକ ପୃଥକ ଭାବେ ଦୁର୍ଘଟଣା ଘଟିଥିବା ଏବଂ ଆଗାମୀ ଦିନରେ ଖ୍ରୀଷ୍ଟମାସ ଓ ନୂଆ ବର୍ଷକୁ ଆଖି ଆଗରେ ରଖି ଦୁର୍ଘଟଣାକୁ ଏଡାଇବା ପାଇଁ ପୁଲିସ ତତ୍ପରତା ଦେଖାଇ ଯାଞ୍ଚ ବ୍ୟାପକ କରିଛି। ବେପରୁଆ ଗାଡିଚାଳନା, ବିନା ହେଲମେଟରେ ଯାତ୍ରା କରୁଥିବା ବାଇକ ଚାଳକ ଏବଂ ମଦ ପିଇ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଧରି ଜରିମାନା ଆଦାୟ କରାଯାଇଛି। ଗୁରାଣ୍ଡି ଥାନା ପକ୍ଷରୁ ଏହି ଯାଞ୍ଚ ବେଳେ ଦୁଇଟି ଗାଡି ଚାଳକ ମଦପିଇ ଗାଡ଼ିଚାଳନା କରୁଥିବାବେଳେ ଧରାପଡ଼ିଥିଲେ। ସେହିପରି ବିନା ହେଲମେଟ୍, ଲାଇସେନ୍ସ, ବିନା ସିଟ୍ ବେଲ୍ଟରେ ଯାତାୟତ କରିବା ଏବଂ ବାଇକରେ ତିନିଜଣ ଯିବା ଆଦି ଘଟଣାରୁ ୨୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାର ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସୂଚନା ଦେଇଛନ୍ତି। ସେହିପରି ଗାରାବନ୍ଧ ଥାନା ସମ୍ମୁଖରେ ଯାନବାହାନ ଯାଞ୍ଚ କରାଯାଉଛି। ଏହି ଯାଞ୍ଚ ବେଳେ ବିଶେଷ କରି ବିନା ହେଲମେଟ୍ ଧାରୀ ବାଇକ ଚାଳକଙ୍କୁ ସଚେତନ କରାଯାଇଥିଲା।

## ରବି ଋତୁରେ ଜଳଯୋଗାଣ ସମ୍ପର୍କିତ ବୈଠକ

ବୁଗୁଡ଼ା,୧୨।୧୨(ସମିସ): ବାଘୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ରବି ଚାଷ ନିମନ୍ତେ ଜଳ ଯୋଗାଣ ସଂପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳସେଚନ ପ୍ରକଳ୍ପର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. କୃଷ୍ଣଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ। ବର୍ତ୍ତମାନ ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୯୩.୪ ରହିଥିଲେ ମଧ୍ୟ ଅଯଥା ଜଳର ଅପଚୟ ଯୋଗଦେଇ ସରକାରଙ୍କ କୃଷି ବିଭାଗ ସମ୍ପର୍କିତ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍. ଦେବାଶିଷ ଦୋରା ବିଲାତି ଆଳୁ ଚାଷ ସଂପର୍କରେ ଆଲୋକପାତ କରିଥିଲେ। ରବିଋତୁରେ ବାଘୁଆ ଜଳଭଣ୍ଡାରରେ ଥିବା ଗଚ୍ଛିତ ଜଳକୁ ବାଘୁଆ ଜଳଭଣ୍ଡାରର ଉଭୟ ବାମ ଓ ଡାହାଣ କେନାଲ




ନକରିବାକୁ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବୁଗୁଡ଼ା କୃଷି ଅଧିକାରୀ ହରପ୍ରିୟା ବେହେରା ଓ ପୋଲସରା କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢ଼ୀ ଦେଇ ୨୦କିମି ପର୍ଯ୍ୟନ୍ତ ଆସନ୍ତା ୧୬ ଜାନୁଆରୀଠାରୁ ପର୍ଯ୍ୟାୟକ୍ରମେ ୫ଟି ପର୍ଯ୍ୟାୟରେ ଜଳ ଯୋଗାଣ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା।

## ସରପଞ୍ଚଙ୍କ ମକା ଗଦାରେ ଲାଗିଲା ନିଆଁ

କୁନ୍ଦୁରା, ୧୨।୧୨(ସମିସ): ସରପଞ୍ଚଙ୍କ ମକା ଗଦାରେ ଲାଗିଲା ନିଆଁ। ଅଗ୍ନିକାଣ୍ଡ ଯୋଗୁଁ ୮ କ୍ୱିଣ୍ଟାଲ ମକା ସମ୍ପୂର୍ଣ ଜଳି ନଷ୍ଟ ହୋଇଯାଇଛି। ଏଭଳି ଘଟଣା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବାଗଦେରୀ ପଞ୍ଚାୟତ ସଦର ମହକୁମା ଠାରେ ଘଟିଛି। ସ୍ଥାନୀୟ ବାଗଦିରୀ ସରପଞ୍ଚଙ୍କ ୧୦ ଏକର ମକା ଚାଷ ଅମଳ ମକା ଏକାଠି ଗଦା କାରି ରଖିଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଛି। ଖବର ପାଇଁ ଅଗ୍ନିଶମ ବାହିନୀ ଅଧିକାରୀ ସରୋଜ କୁମାର ବୁଟିଆଙ୍କ ନେତୃତ୍ୱରେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଅଳ୍ପକେ ବର୍ତ୍ତିଲା ପାଖରେ ଥିବା ଶହ ଶହ ମକା ବସ୍ତା। ତେବେ ୮ କ୍ୱିଣ୍ଟାଲ ମକା ନଷ୍ଟ ହୋଇଛି। ଅଗ୍ନିଶମ ବାହିନୀର ପଦଲାମ ଗୁଣ୍ଡା, ରାମକୃଷ୍ଣ ଗୌଡ଼, ଅଜୟ ହରିଜନ, ଚନ୍ଦ୍ର ଶେଖର ମାଝୀ, ଶ୍ୟାମ ଲାଲ ଗଣ୍ଡ, ଶ୍ରୀକାନ୍ତ ସେଠି, ସରୋଜ ବୁଟିକ ପ୍ରମୁଖ ସହଯୋଗ କରିଥିଲେ।

## ଧାନଗଦାରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି

ନନ୍ଦପୁର,୧୨।୧୨(ସମିସ): ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ଅତଣ୍ଡା ପଞ୍ଚାୟତର ବନୁର ଗାଁରେ ଧାନ, ମାଣ୍ଡିଆ ଗଦାରେ ନିଆଁ ଲାଗି ହୋଇଛି ବିପୁଳ କ୍ଷୟକ୍ଷତି। ସୂଚନା ପ୍ରକାରେ ବନୁର ଗାଁର ରମୁଲୁ ଲକ୍ଷ୍ମଣ ବୈରାଗୀଙ୍କ ୨ ଏକର ପରିମିତ ମାଣ୍ଡିଆ, ପରଶୁରାମ ବୈରାଗୀଙ୍କ ୨ ଏକର ଧାନ ଓ ଦେଢ଼ ଏକର ପରିମିତ ମାଣ୍ଡିଆ ଓ ଶୁକୁରା ଆଲମ୍‌ଙ୍କ ଦେଢ଼ ଏକର ପରିମିତ ଧାନ ଏକ ଖଳାରେ ନିଜ ଜମିରୁ କାଟି ଆଣି ଅମଳ ନିମନ୍ତେ ଗଦା କରିଥିଲେ। ଆଜି ଅପରାହ୍ନ ସମୟରେ କୌଣସି କାରଣରୁ ଉକ୍ତ ସଞ୍ଚିତ ଧାନ ଓ ମାଣ୍ଡିଆ ଗଦାରେ ହଠାତ୍ ନିଆଁ



ଲାଗିଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଗ୍ରାମବାସୀ ତୁରନ୍ତ ୧୧୨ ନମ୍ବରରେ ଅଗ୍ନିଶମ ବିଭାଗର ସାହାଯ୍ୟ ଲୋଡିଥିଲେ। ଖବର ପାଇ ଅପରାହ୍ନ ପ୍ରାୟ ୧.୩୦ ସମୟରେ ଅଗ୍ନିଶମ ବିଭାଗର ଏଏସଓ ହେମନ୍ତ କୁମାର ସାମଲ, ଅଗ୍ନି ଯୋଦ୍ଧା ରଞ୍ଜନ ମଲ୍ଲିକ, ପ୍ରକାଶ କିଷାନ, କୀରନ କୁମାର ମହାରଣା, ଅମିତ କୁମାର ଦାସ, ବୃଷବ ସାହୁ ପ୍ରମୁଖ ଅଗ୍ନି ନିର୍ବାପକ ଗାଡ଼ି ଓ ଯନ୍ତ୍ରପାତି ସହ ଘଟଣା ସ୍ଥଳରେ ପହଞ୍ଚି ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ଏଏସଓ ହେମନ୍ତ କୁମାର ସାମଲଙ୍କ କହିବା ଅନୁସାରେ ଲକ୍ଷାଧିକ ଟଙ୍କାର ଶସ୍ୟ ଗଦାରେ ନିଆ ଲାଗିଥିବା ବେଳେ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଓ ଅଗ୍ନିଶମ ବାହିନୀର ଶ୍ରମ ଯୋଗୁ ପ୍ରାୟ ୮୦,୦୦୦ ଟଙ୍କାର ଶସ୍ୟକୁ ସୁରକ୍ଷିତ କରାଯାଇ ପାରିଛି।

## ଧାନଖଳାରେ ନିଆଁ ଲାଗି ଫସଲ ନଷ୍ଟ



ଚନ୍ଦ୍ରପୁର,୧୨।୧୨ (ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ପିସ୍କାପଙ୍ଗା ଗ୍ରାମପଞ୍ଚାୟତର ସୁଣ୍ଡି ହିରିବା ଗାଁରେ ଆଜି ଦିନ ଏକ ଘଣ୍ଟା ସମୟରେ ଧାନ ଖଳାରେ କୌଣସି କାରଣବଶତଃ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ନଷ୍ଟ ହୋଇଥିବା ଶୁଣିବାକୁ ମିଳୁଛି। ପ୍ରକାଶ ଯେ ଏହି ସୁଣ୍ଡି ହିରିବା ଗ୍ରାମରେ ଆଦିବାସୀ ଓ ହରିଜନ ଜନଜାତିର ଲୋକମାନେ ବସବାସ କରନ୍ତି। ଗାଁ ଲୋକ କହିବା କଥା ରତ୍ନାକର ହିଆଲ ଓ ମାକାନ୍ତ ପାଳକାଙ୍କ ବହୁତ ଧାନ ଆଜି ପୋଡ଼ି ନଷ୍ଟ ହୋଇଛି। ଖବର ପାଇ ଡାଙ୍ଗସରଡା ରାଜସ୍ୱ ନିରୀକ୍ଷକ ନିଳାଞ୍ଚଳ ଗୌଡ଼ ଏବଂ ସୁପରଭାଇଜର ପ୍ରଦୀପ କୁମାର ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି।

## ପରବ ପାଇଁ ଆଜି ପର୍ବତାରୋହଣ

କୋରାପୁଟ,୧୨।୧୨ (ସମିସ): ପରବ ୨୦୨୫ ପାଳନ ଉପଲକ୍ଷେ ଶନିବାର ପର୍ବତାରୋହଣ ପ୍ରତିଯୋଗିତା ଆୟୋଜନ ହେବାକୁ ଥିବା ବେଳେ ରବିବାର ଦିନ ଗଣଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣା ପଡିଛି। ଶନିବାର ହେବାକୁ ଥିବା ପର୍ବତାରୋହଣ ପ୍ରତିଯୋଗିତା ନାରାୟଣପାଟଣା ବ୍ଲକ ପ୍ରଶାସନ ଏବଂ କୋବ୍ରା ୨୦୨ ବାଟାଲିଅନ ମିଳିତ ଭାବେ ଆୟୋଜନ କରିବେ। ନାରାୟଣପାଟଣା ବ୍ଲକ ବିଜାଘାଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରତିଯୋଗୀ ମାନେ ବାହାରି କାଳିଆମାଳି ପର୍ବତ ଶିଖର ପର୍ଯ୍ୟନ୍ତ ଆରୋହଣ କରିବେ, ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ରବିବାର ସକାଳେ କୋରାପୁଟ ଠାରେ ଜିଲ୍ଲା ପ୍ରଶାସନ ଏବଂ ସୀମା ସୁରକ୍ଷା ବଳ ପକ୍ଷରୁ ମିଳିତ ଭାବେ ଉଭୟ ମହିଳା ଓ ପୁରୁଷ ବର୍ଗରେ ଗଣଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗୀ ମାନେ ଜିଲ୍ଲା ପୁଲିସ ପ୍ୟାରେଡ ପଡ଼ିଆ ଠାରୁ ମୁଖ୍ୟ ଟ୍ରାଫିକ ଛକ ଦେଇ ଆରଟିଓ ଅଫିସ, ବାଟ ମଙ୍ଗଳା ଛକ, ମେଡିକାଲ କଲେଜ ରୋଡ, ହସପିଟାଲ ଛକ, ପୂଜାରିପୁଟ, ଡି ଏନ କେ, ଜଗନ୍ନାଥ ମନ୍ଦିର,୨୬ ନଂ ଜାତୀୟ ରାଜପଥ ଦେଇ ପୁଣି ପ୍ୟାରେଡ ପଡ଼ିଆରେ ପହଞ୍ଚିବେ। ଗଣ ଦୌଡ ପ୍ରତିଯୋଗୀତାର ବିଜୟୀ ପ୍ରତିଯୋଗୀଙ୍କ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଭାବେ ନଗଦ ୧୦ ହଜାର, ୮ ହଜାର ଏବଂ ୫ ହଜାର ଟଙ୍କା ରଖାଯାଇଛି।

## ମୋବାଇଲ ଟେକ୍ନିସିଆନ୍‌ଙ୍କ ଆତ୍ମହତ୍ୟା


ବେଲଗୁଣ୍ଠା,୧୨।୧୨(ସମିସ): ବେଲଗୁଣ୍ଠାରେ ରହି ମୋବାଇଲ ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରୁଥିବା କେରଳର ଜଣେ ଯୁବକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ କେରଳ ଥିରୁଅନନ୍ତପୁରମର ଭାଜୋତୁକୋନମ୍ ଅଞ୍ଚଳର ଅହମ୍ମଦ ଏସ୍ (୧୮)। ସେ ଗତ ଏପ୍ରିଲ ୨୮ରୁ ବେଲଗୁଣ୍ଠା ଜଗନ୍ନାଥ ପ୍ରସାଦ ରୋଡ୍ ସ୍ଥିତ ଭୁବନେଶ୍ୱରୀ ମୋବାଇଲ ପଏଣ୍ଟରେ ଟେକ୍ନସିଆନ୍ ଭାବେ ଯୋଗ ଦେଇଥିଲେ। ଦିଲ୍ଲୀ ସ୍ଥିତ ବ୍ରିଟ୍‌କୋ କମ୍ପାନୀ ତରଫରୁ କିଛିପିଲା ଭୁବନେଶ୍ୱରୀ ମୋବାଇଲରେ ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରୁଥିଲେ ଏବଂ ଉପର ମହଲାରେ ରହୁଥିଲେ। ଅହମଦ୍ ଶୁକ୍ରବାର ସକାଳେ ମାଲିକ ବିକ୍ରମ ଶତପଥୀଙ୍କୁ ଦେହ ଭଲ ଲାଗୁ ନ ଥିବା ଜଣାଇ କାମକୁ ଯାଇ ନଥିଲେ। ତାଙ୍କ ସହିତ ମେସରେ ଥିବା ଅନ୍ୟ ୪ଜଣ କାମକୁ ଯାଇ, ଖରାବେଳେ ଖାଇବାକୁ ଆସିଥିବାବେଳେ ଅହମଦ୍ ଫ୍ୟାନ୍‌ରେ ଝୁଲୁଥିବା ଦେଖି ପୁଲିସକୁ ଜଣାଇଥିଲେ। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍

ବେଲଗୁଣ୍ଠା,୧୨।୧୨(ସମିସ): ବେଲଗୁଣ୍ଠାର ମା'ବ୍ରାହ୍ମଣ ଦେବୀ ମନ୍ଦିର ଓ ଏହା ପରିସରରେ ଥିବା ଏକ ଦୋକାନରୁ ଚୋରି ହୋଇଛି। ଗୁରୁବାର ରାତିରେ ପୂଜକ ମାନସ ପତି ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମା'ଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଥିବାବେଳେ ମା' ପରିଧାନ କରିଥିବା ସୁନା ଓ ରୁପା ଅଳଙ୍କାର ଏଣେତେଣେ ପଡ଼ିଛି। ସୁନାରୂପା ନ ନେଇ ଚୋର ଅନ୍ୟ ଜିନିଷ ନେଇଥିବାରୁ ଏହା ସ୍ଥାନୀୟ ଅଞ୍ଚଳର ଦୁର୍ବୃତ୍ତଙ୍କ କାମ ବୋଲି ଅନୁମାନ କରାଯାଉଛି। ମନ୍ଦିର ପରିସରରେ ଥିବା ଏକ ଦୋକାନରୁ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ମଧ୍ୟ ଚୋରି କରି ନେଇଥିବା କମିଟି ତରଫରୁ ଆଲୋକ ସାହାଣୀ ଜଣାଇଛନ୍ତି। ଏନେଇ ପୂଜକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡ଼. ଦୀପକ୍ କୁମାର ମିଶ୍ର, ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବର, ଏସ୍‌ଆଇ ବିଶ୍ୱରଞ୍ଜନ ନାୟକଙ୍କ ସମେତ ପୁଲିସ ଟିମ୍, ସାଇଣ୍ଟିଫିକ୍ ଟିମ୍ ମନ୍ଦିରରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ବେଳେ ଚୋରକୁ ଧରିବାକୁ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି। ସନ୍ଧାନୀ କୁକୁରଟି ରାଧିପଲ୍ଲୀ ଶନି ମନ୍ଦିର ନିକଟସ୍ଥ ଗୋଷ୍ଠୀ ଶୌଚାଳୟ ଏବଂ ପୋଖରୀ ପାଖକୁ ଯାଇ ଫେରି ଆସିଥିଲା। କୁକୁର ପୋଖରୀ ପାଖରେ ଅଟକି ଯିବାରୁ ଚୋର ମାନେ ଶୌଚାଳୟ ବ୍ୟବହାର କରିବା ସହିତ ପୋଖରୀରେ ଧୂଆଧୋଇ ହୋଇ ଯାଇଥିବା ସନ୍ଦେହ କରାଯାଉଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଏସ୍‌ଆଇ ବିଶ୍ୱରଞ୍ଜନ ନାୟକ ଘଟଣାର ତଦନ୍ତ କରୁଛନ୍ତି।

### ● କଳିଙ୍ଗା ଘାଟି ତଳେ ଦୁର୍ଘଟଣା

## ଓଲଟିଲା ଲୁହା ଛଡ଼ ବୋଝେଇ ଟ୍ରକ୍; ଜଣେ ମୃତ



ଭଞ୍ଜନଗର,୧୨।୧୨(ସମିସ): କଳିଙ୍ଗା ଘାଟି ନିକଟରେ ପୁଣି ଦୁର୍ଘଟଣା ଘଟି ଆଉଏକ ମୁଣ୍ଡ ଯାଇଛି। ଘାଟି ତଳେ ଦୁର୍ଗାପ୍ରସାଦ ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଓଲଟି ପଡ଼ିଛି ଲୁହାଛଡ଼ ବୋଝେଇ ଟ୍ରକ୍। ଦୀର୍ଘ ସମୟ ଧରି ଟ୍ରକ୍ ଭିତରେ ଫସି ରହିବା ପରେ, ଭଞ୍ଜନଗର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି, ଟ୍ରକ୍ ଭିତରୁ ଜଣକର ମୃତଦେହ ଉଦ୍ଧାର କରିଛି। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଛି। ସମୁଦାୟ ଅଞ୍ଚଳ ଅନ୍ଧାରରେ ରହିଛି। କନ୍ଧମାଳରୁ ଭଂଜନଗର ଅଭିମୁଖେ ଆସୁଥିବା ବେଳେ, ଘାଟି ଶେଷରେ ଏଭଳି ଦୁର୍ଘଟଣା ଘଟିଛି। ଘଟଣା ସ୍ଥଳରେ ଭଞ୍ଜନଗର ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ଜୟପୁର,୧୨।୧୨(ସମିସ): ଜୟପୁର ସଦର ଥାନା ଫମ୍ପୁଣୀ ଗ୍ରାମ ନିକଟରେ ରାସ୍ତା ଉପରେ ଧାନ ସୁଖାଉ ଥିବା ବେଳେ କୌଣସି ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଫାମୁଣି ଗ୍ରାମର ମୁକ୍ତା ପରଜା (୩୦)। ପୁଲିସ ସୂଚନା ଅନୁଯାୟୀ ଗତକାଲି ଅପରାହ୍ନ ୩ଟା ସମୟରେ ପରମ୍ ବାଡ ରାସ୍ତାରେ ଧାନ ଶୁଖାଉଥିବା ବେଳେ କୌଣସି ଗାଡ଼ି ଧକ୍କା ଦେଇ ଚମ୍ପଟ ମାରିଥିଲା। ଗୁରୁତର ଅବସ୍ଥାରେ ପରିବାର ପକ୍ଷରୁ ଉଦ୍ଧାର କରିବା ସହ ପ୍ରଥମେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରଯାଇଥିଲା। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସ୍ୱାମୀ ବନମାଳି ଗୌଡ ଲିଖିତ ଅଭଯୋଗ କ୍ରମେ ସଦର ଥାନା ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରା ଯାଇଛି।

## କୋରାପୁଟ-ରାୟଗଡ଼ା ଲାଇନ ଯାଞ୍ଚ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

କୋରାପୁଟ,୧୨।୧୨(ସମିସ) ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଆଜି କୋରାପୁଟ-ରାୟଗଡା ଲାଇନ ଯାଞ୍ଚ କରିଛନ୍ତି। ପ୍ରଥମେ କୋରାପୁଟ ରେଳଷ୍ଟେସନରେ ପହଞ୍ଚି ଯାତ୍ରୀ ସୁବିଧା ଏବଂ ଅମୃତ ଭାରତ ଷ୍ଟେସନ ଯୋଜନା ବିକାଶର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପରେ କାକିରିଗୁମା ଷ୍ଟେସନ ପରିଦର୍ଶନ କରି ଷ୍ଟେସନ କୋଠା ଏବଂ ବାକି ଥିବା କାର୍ଯ୍ୟ ଯାଞ୍ଚ କରିଥିଲେ। ପରେ ଲକ୍ଷ୍ମୀପୁର ରୋଡ୍ ଷ୍ଟେସନ ଯାଇ ସେତୁ ନଂ



୩୫୪ ଏବଂ ସିକରପାଇ ଏବଂ କେଉଟଗୁଡ଼ା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ୫ଡିଗ୍ରୀ ବକ୍ର ରାସ୍ତାକୁ ଯାଞ୍ଚ କରିଥିଲେ। ସେତୁ ଅଖଣ୍ଡତା, କର୍ଭ ଆଲାଇନମେଣ୍ଟ, ସୁରକ୍ଷା ଏବଂ ଟ୍ରାକ୍ ପାରାମିଟରଗୁଡ଼ିକୁ ଯାଞ୍ଚ କରିଥିଲେ। ରକ୍ଷଣାବେକ୍ଷଣ ଚ୍ୟାଲେଞ୍ଜ, ସୁରକ୍ଷା ଅଭ୍ୟାସ ଏବଂ ସେକ୍ସନର ନିର୍ଦ୍ଦିଷ୍ଟ ସମସ୍ୟାଗୁଡ଼ିକ ଉପରେ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ରେଲୱେ ବୋର୍ଡ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କେ ଆର ଲାଇନର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରହିବ ବୋଲି ସେ କହିଛନ୍ତି। ୱାଲଟିୟର ଡିଭିଜନର ଡିଆରଏମ ଲଳିତ ବୋହରା ଓ ଡିଭିଜନର ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀ ମାନେ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ମାଣ୍ଡିଆ କ୍ରୟ କମିଟି ବୈଠକ

## ୩୬ ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ

ଛତ୍ରପୁର,୧୨।୧୨(ସମିସ)

ଚଳିତ ମାସରେ ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରାଯିବ। ଏନେଇ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧକ୍ଷତାରେ ଜିଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଡିସେମ୍ବର ୨୬ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜିଲ୍ଲାର ୧୧ଟି ବ୍ଲକରୁ ପଞ୍ଜୀକରଣ ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରାଯିବ। ଏଥର ୩୬ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯିବାର ଲକ୍ଷ୍ୟଧାର୍ଯ୍ୟ ରହିଛି। ଅକ୍ଟୋବର ୨୨ରୁ ଡିସେମ୍ବର ୨୦ପର୍ଯ୍ୟନ୍ତ ଚାଷୀମାନେ ପଞ୍ଜିକରଣ କରିପାରିବେ। ଏଯାବତ ୮୭୩୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ ସରକାରଙ୍କ ମଣ୍ଡିରେ ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରାଯିବ। ୪୧ଟି ମଣ୍ଡି ରହିଥିବା ବୈଠକରେ କୁହାଯାଇଥିଲା। ଚଳିତବର୍ଷ ମାଣ୍ଡିଆ କ୍ୱିଣ୍ଟାଲ ପିଛା ଏମ୍‌ଏସପି ୪୮୮୬ ଟଙ୍କା ରହିଛି। ମଣ୍ଡିରେ ଚାଷୀଙ୍କୁ ଯେପରି କୌଣସି ଅସୁବିଧା ହେବନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।



ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ ମଣ୍ଡିରୁ ମାଣ୍ଡିଆ ସଂଗ୍ରହ କରିବେ ବୋଲି ସୂଚନା ରହିଛି।

୨୦୨୪-୨୫ରେ ୩୪ହଜାର ୪୯୨.୫ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିବା ବେଳେ ୮୪୦୩ ଚାଷୀ ପଞ୍ଜିକରଣ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଧରାକୋଟ, ଜଗନ୍ନାଥପ୍ରସାଦ, ପାତ୍ରପୁର, ପୋଲସରା, ସାନଖେମୁଣ୍ଡି, ଶେରଗଡ, ସୋରଡା, ବେଗୁନିଆପଡା, ବେଲ ଗୁଣ୍ଠା, ଭଞ୍ଜନଗର ଓ ଖଲ୍ଲିକୋଟ ବ୍ଲକର ଚାଷୀମାନେ ମାଣ୍ଡିଆ ବିକ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି। ମଣ୍ଡିରୁ ଚାଷୀ ମାଣ୍ଡିଆ ବିକ୍ରି ପରେ ତିନି ଦିନ ମଧ୍ୟରେ ତାର ଖାତାକୁ ଟଙ୍କା ମିଳିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ଡ.ଅଜୟ କୁମାର କର, ଶ୍ରୀଅନ୍ନ ଅଭିଯାନ ଅଧିକାରୀ ବିଷ୍ଣୁ ପ୍ରସାଦ ବେହେରା, ଜିଲ୍ଲା ସଂଯୋଜକ ଜଗମୋହନ ମହାପାତ୍ର, ଆଞ୍ଚଳିକ ସଂଯୋଜକ ସୁରେନ୍ଦ୍ର କୁମାର ମେହେର, ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡର ବିଏମ୍ ସନାତନ ମାଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫
ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଯେଉଁଠି ଥାଆନ୍ତୁ ଈଶ୍ୱର ଆପଣକୁ ଭଲରେ ରଖନ୍ତୁ ରଖନ୍ତୁ।
ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜୋଇଁ) - ଯୋତ୍ସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅଜୟ କାନ୍ତ ବେହେରା, ନାତି ନାତୁଣୀ, ବଂଧୁ ବାନ୍ଧବ।

# ଅବ୍ୟବସ୍ଥା ଘେରରେ ଶିଶୁଙ୍କ 'ଏନ୍‌ବିଏସ୍' ପରୀକ୍ଷା

**● ଲାବ୍‌ରେ ନାହାନ୍ତି ଟେକ୍ନିସିଆନ୍, ରକ୍ତନମୁନା ସଂଗ୍ରହରେ ସମସ୍ୟା**

**● ବିଧାନସଭାରେ ଦୃଷ୍ଟି ଆକର୍ଷଣ କଲେ ଚିକିଟି ବିଧାୟକ**

**ବ୍ରହ୍ମପୁର,୧୨।୧୨(ସମିସ):** ଗତବର୍ଷ ଏମ୍‌କେସିଜି ମେଡ଼ିକାଲ ବାୟୋକେମେଷ୍ଟ୍ରି ବିଭାଗ ପକ୍ଷରୁ ନବଜାତ ଶିଶୁଙ୍କ ସକାଶେ ନ୍ୟୁବର୍ନ ସ୍କ୍ରିନିଂ(ଏନ୍‌ବିଏସ୍) ରକ୍ତ ପରୀକ୍ଷା ଆରମ୍ଭ କରାଯାଇଥିଲା। ଏହି ପରୀକ୍ଷା ଦ୍ୱାରା ନବଜାତ ଶିଶୁଙ୍କ ଥାଏରଏଡ଼ ରୋଗ ଚିହ୍ନଟ କରାଯାଇଥାଏ। ପ୍ରସବ ପରେ ନବଜାତ ଶିଶୁର 'ଏନବିଏସ' ରକ୍ତ ପରୀକ୍ଷା କରିବାକୁ ମେଡ଼ିକାଲ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା। ଯଦି ନବଜାତକଙ୍କ କ୍ଷେତ୍ରରେ ଥାଏରଏଡ଼ ରୋଗ ଚିହ୍ନଟ ହୁଏ, ତେବେ ଶିଶୁଙ୍କ ଚିକିତ୍ସା ସଠିକ୍ ସମୟରେ କରିବା ସହ ବିଭିନ୍ନ ରୋଗରୁ ମୁକ୍ତ କରିବାକୁ ଏହି ପରୀକ୍ଷା ବେଶ ସହାୟକ ହୋଇଥାଏ। କିନ୍ତୁ ମେଡ଼ିକାଲରେ 'ଏନବିଏସ' ରକ୍ତ ପରୀକ୍ଷା ବ୍ୟବସ୍ଥା ଏକ ବର୍ଷରୁ ଅଧିକ କାଳଧରି ଆରମ୍ଭ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଲାବ୍‌ରେ ଜଣେ ମଧ୍ୟ ଟେକ୍ନିସିଆନଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ନବଜାତଙ୍କ ରକ୍ତ ନମୁନା ସଂଗ୍ରହ କରିବା ଅସମ୍ଭବ ହୋଇପଡିଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ମୁଖ୍ୟ ବାରମ୍ବାର ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉନାହିଁ। ଫଳରେ ମେଡ଼ିକାଲରେ ପ୍ରସବ କରିଥିବା ସମସ୍ତ ଥାଏରଏଡ଼ ରୋଗୀଙ୍କ ନବଜାତ ଶିଶୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବାରେ ସମସ୍ୟା ଉପୁଜିଛି। ଶିଶୁ ଜନ୍ମର ୪୮ରୁ ୭୨ଘଣ୍ଟା ମଧ୍ୟରେ ରକ୍ତନମୁନା ସଂଗ୍ରହ କରି ଏନ୍‌ବିଏସ୍ ପରୀକ୍ଷା କରିବା ଜରୁରୀ। ଲାବ୍ ଟେକ୍ନିସିଆନ ନଥିବାରୁ ବିଭିନ୍ନ ସମୟରେ ବିଭାଗୀୟ ଡ଼ାକ୍ତର ନବଜାତଙ୍କ ନମୁନା ସଂଗ୍ରହ କରୁଥିବା ବେଳେ ଆବଶ୍ୟକ ସଂଖ୍ୟକ ଏନବିଏସ ରକ୍ତ ପରୀକ୍ଷା ହେଉନଥିବା ଅଭିଯୋଗ ହୋଇଛି। ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଅଧିନରେ ଥିବା ଲେବର ରୁମରେ ପ୍ରତ୍ୟହ ଶତାଧିକ ଶିଶୁ ଜନ୍ମଗ୍ରହଣ କରିଥାନ୍ତି। ସେଥିମଧ୍ୟରୁ କିଛି ନବଜାତ ଶିଶୁଙ୍କ ଜନ୍ମବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ।

ଶିଶୁଟି ଜନ୍ମ ସମୟରେ ନକାନ୍ଦିବା, ସଠିକ୍ ଭାବେ ନଖାଇବା ଓ ଗୋଡ଼ହାତ ନହଲେଇବା ଆଦି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଗର୍ଭଧାରଣ ସମୟରେ ମା'ଙ୍କ ଶରୀରରେ ଯଦି ଥାଏରଏଡ଼ ରୋଗ ଥାଏ ତେବେ ସେଥିରୁ ଅଧିକାଂଶ ନବଜାତ ଶିଶୁଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଏହାକୁ ଯଦି ଅଣଦେଖା କରାଯାଏ ତେବେ ଶିଶୁଟିର ମସ୍ତିଷ୍କ ସମେତ ଶରୀରର ବିକାଶରେ ପ୍ରଭାବ ପଡ଼ିଥାଏ। ପରବର୍ତ୍ତୀ ସମୟରେ ଉକ୍ତ ଶିଶୁଟି ପରିବାର ଓ ସମାଜ ପାଇଁ ଏକ ପ୍ରକାର ବୋଝ ହୋଇଯାଏ। ଏଭଳି ଶିଶୁଙ୍କ ନ୍ୟୁବର୍ଣ୍ଣ ସ୍କ୍ରିନିଂ ପରୀକ୍ଷା ନିମନ୍ତେ ଗତବର୍ଷ ଅଗଷ୍ଟ ୮ତାରିଖ ଠାରୁ ମେଡ଼ିକାଲରେ ଆରମ୍ଭ ହୋଇଥିଲା ପରୀକ୍ଷା ବ୍ୟବସ୍ଥା। ରାଜ୍ୟର ମେଡ଼ିକାଲ କଲେଜ ଗୁଡିକ ମଧ୍ୟରେ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଥମେ ଏହି ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କରାଯାଇଥିଲା। ଏନ୍‌ବିଏସ ପରୀକ୍ଷାରେ ଶିଶୁଙ୍କ ରକ୍ତ ନମୁନାରେ ଯଦି ପଜିଟିଭ ଚିହ୍ନଟ ହୁଏ ତେବେ ଉକ୍ତ ଶିଶୁମାନେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଅତିକମରେ ୩ମାସ ଔଷଧ ସେବନ କରି ସୁସ୍ଥ ହୋଇଥାଆନ୍ତି। କିନ୍ତୁ ନବଜାତ ଶିଶୁଙ୍କ 'ଏନବିଏସ' ରକ୍ତ ପରୀକ୍ଷା କ୍ଷେତ୍ରରେ ମେଡ଼ିକାଲ ପକ୍ଷରୁ ହୋଇଥିବା ଅବ୍ୟବସ୍ଥା କାରଣରୁ ରୋଗୀଙ୍କ ରକ୍ତନମୁନା ସଂଗ୍ରହ ଧିମା ପଡ଼ିଯାଇଛି। ଫଳରେ ନବଜାତମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ନିକଟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ବିଧାନସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବଶୀଘ୍ର ଏକ ଲାବ୍ ଟେକ୍ନିସିଆନଙ୍କୁ ନିଯୁକ୍ତି ଦେବା ସହ ଆବଶ୍ୟକ ମୁତାବକ 'ଏନବିଏସ' ରକ୍ତ ପରୀକ୍ଷା କରିବାକୁ ବିଧାୟକ ଦାବି କରିଥିଲେ।




## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଏଆଇ ସମ୍ମିଳନୀ



**ବ୍ରହ୍ମପୁର,୧୨।୧୨(ସମିସ):** ଓଡ଼ିଶା ଆସୋସିଏସନ୍ ଅଫ୍ ଆମେରିକା ଓ ଆଇଇଇଇର ମିଳିତ ଉଦ୍ୟମରେ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ଏଆଇ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟସ୍ତରୀୟ ଏଆଇ ହ୍ୟାକାଥନର ଅଧ୍ୟକ୍ଷ ଡ଼. ସୁକାନ୍ତ କୁମାର ମହାପାତ୍ର, ନିଷ୍ଟ ବିଶ୍ୱବିଦ୍ୟାଳୟ ଭାଇସ ଚାନ୍ସେଲର ଡ. ପ୍ରିୟଦର୍ଶନ ପାତ୍ର, ଅରୁଣ କୁମାର ରଥ ଓ ନିଷ୍ଟ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ବିଷ୍ଣୁକର ନାୟକ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ସଚେତନତା ସୃଷ୍ଟି କରିବା, ଏଆଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍‌କୁ ସାମିଲ କରିବା, ଏଆଇ ବ୍ୟବହାର କରି କ୍ଷେତ୍ରୀୟ ଚ୍ୟାଲେଞ୍ଜ ଏବଂ ସେଗୁଡିକୁ ସମାଧାନ କରିବା ପାଇଁ ସମ୍ଭାବ୍ୟ ଚିନ୍ତାଧାରା ଚିହ୍ନଟ କରିବା ଓ ସମାଧାନ ପାଇଁ ଅନୁବାଦିତ ହୋଇପାରିବା ଭଳି ଚିନ୍ତାଧାରା ଥିବା ଲୋକଙ୍କୁ ଚିହ୍ନଟ କରିବା ଭଳି ବିଭିନ୍ନ ବିଷୟକୁ ନେଇ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଡ଼ିନ ଡ. ପି ରାଜେଶ କୁମାର ଅଧକ୍ଷତା ଆନୁଷ୍ଠିତ ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସଟିପିଆର ଜୁନିଟ ଡାଇରେକ୍ଟର ସୁସିଲ ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଡ. ବ୍ରଜ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା




**ବ୍ରହ୍ମପୁର,୧୨।୧୨(ସମିସ):** ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍-କ୍ରସର ମିଳିତ ଆନୁକୂଲ୍ୟରେ ପିସିଆର୍ ସ୍ୱାସ୍ଥ୍ୟ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଓ ରାଜ୍ୟସ୍ତରରେ ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଥିବା ତଥା ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନାର ପ୍ରାକ୍ତନ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରଫେସର୍ ଜି. ଗୋବିନ୍ଦ ରାଓ ପ୍ରଶିକ୍ଷକ ଭାବେ ଯୋଗଦେଇ ଦୁର୍ଘଟଣାଜନିତ ପ୍ରାଥମିକ ସହାୟତା, ହୃଦ୍‌ଘାତ ଓ ମସ୍ତିଷ୍କାଘାତର ପ୍ରାଥମିକ ଉପଚାର ତଥା କୌଶଳ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଶେଷକରି ସି ପି ଆ ର୍ ( କା ର୍ଡି ଓ - ପ ଲ୍ମୋ ନା ରୀ - ରେସୁସ୍କିଟେସନ୍) ସ୍ୱାସ୍ଥ୍ୟ ସମସ୍ୟାର ଆଶୁ ଉପଚାର ଓ ଆସନ୍ନ ବିପଦରୁ ମୁକୁଳିବାର କୌଶଳ, ପ୍ରାକ୍-ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା, ଯୁବ ରେଡ୍-କ୍ରସ୍ ଅଧିକାରୀ ଡ. ଚିତ୍ତରଞ୍ଜନ ମହାନ୍ତି, ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା, ଜାତୀୟ ସେବା ଯୋଜନାର ଅନ୍ୟତମ ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନା ଛାତ୍ରୀ ଶାଖାର ଅଧିକାରୀ ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## କୁସୁମି ଓଏଭିରେ ଏନ୍‌ସିସିର ଶୁଭାରମ୍ଭ

**ବ୍ରହ୍ମପୁର,୧୨।୧୨(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ କୁସୁମୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମ ଥର ଲାଗି ଏନସିସି(ଆର୍ମି ୱିଙ୍ଗ୍) ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ପ୍ରଗତି, ଶୃଙ୍ଖଳା, ନୀତି, ନିଷ୍ଠା ଓ ଦେଶସେବାର ମୂଲ୍ୟବୋଧ ଗଢ଼ିବା ପାଇଁ ଏନସିସି ଏକ ଉତ୍କୃଷ୍ଟ ମାଧ୍ୟମ। ୧୦(ଓଡ଼ିଶା) ବାଟାଲିୟନର କମାଣ୍ଡିଙ୍ଗ୍ ଅଫିସର ଲେଫ୍ଟନେଣ୍ଟ କର୍ଣ୍ଣେଲ ନିତିନ ସହାୟିଙ୍କ ତତ୍ତ୍ୱାବଧାନରେ ଏହି ସ୍କୁଲରେ ଏନସିସି ଆରମ୍ଭ ହୋଇଛି। ଏହି ଅବସରରେ କ୍ୟାପଟେନ ସାଇ ପ୍ରସାଦ ପାତ୍ର ଏବଂ କ୍ୟାପେଟନ ଶରତ ଗୌଡ଼ ଛାତ୍ରଛାତ୍ରୀଙ୍କୁ କ୍ୟାଡେଟ ଭାବେ ଯୋଗଦେବା, ଶିକ୍ଷଣ ପ୍ରଣାଳୀ ବିଷୟରେ ସୂଚନା ଦେଇଥିଲେ। ପ୍ରଥମ ବର୍ଷ ପାଇଁ ୧୩ ଜଣ ବାଳକ ଓ ୧୨ ଜଣ ବାଳିକାଙ୍କୁ ଏନସିସି କ୍ୟାଡେଟ ଭାବେ ଚୟନ କରାଯାଇଛି।

## ଗାଈ କଟାକୁ ନେଇ ଉତ୍ତେଜନା; ଥାନାରେ ମାମଲା

**ରଙ୍ଗେଇଲୁଣ୍ଡା/କୁକୁଡ଼ାଖଣ୍ଡି, ୧୨।୧୨ (ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ ପୁରୁଣାପାଟଣା ନିକଟସ୍ଥ ସୋରାବାଡ଼ି ଜଙ୍ଗଲରେ ଗାଈ କଟା ନେଇ ଉତ୍ତେଜନା ଦେଖାଦେଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଜା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଖବର ଅନୁସାରେ ଏହି ଥାନା ଅଧିନସ୍ଥ ପୁରୁଣାପାଟଣା ନିକଟସ୍ଥ ସୋରାବାଡ଼ି ଜଙ୍ଗଲରେ ଶୁକ୍ରବାର ଭୋର୍‌ରୁ ୫ଜଣ ବ୍ୟକ୍ତି ଦୁଇଟି ଗାଈକୁ ମାରି ମାଂସ କାଟୁଥିଲେ। ଖବର ପାଇ ପଞ୍ଚମା ଗ୍ରାମର ବିଜେପି କର୍ମୀ ଓ ଆଖପାଖ ଅଞ୍ଚଳର କିଛି ଯୁବକ ପହଞ୍ଚିଥିଲେ। ଯୁବକମାନଙ୍କୁ ଦେଖି ୪ଜଣ କଟାଳି ଖସି ପଳାଇଥିଲେ। ଅନ୍ୟଜଣକୁ ଯୁବକମାନେ କାବୁ କରି ପଚରା ଉଚରା କରିଥିଲେ। ଖବର ପ୍ରସାରଣ ପରେ ଆରଏସ୍‌ଏସ୍, ବଜରଙ୍ଗଦଳ ଓ ଗୋ-ରକ୍ଷକ ମାନେ ପହଞ୍ଚିଥିଲେ। ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ଗୋଳନ୍ଥରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଜଣେ ବ୍ୟକ୍ତିକୁ ସେଠାରୁ ପୁଲିସ ଉଦ୍ଧାର କରିଥିଲା। ଥାନାକୁ ଆଣି ଅଟକ ରଖି ପଚାର ଉଚରା କରୁଥିବା ସୂଚନା ମିଳିଛି। ଏହି ମାଂସକୁ ଖାଇବା ସହ ବିକ୍ରି କରିବା ପାଇଁ କଟା ଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। କଟା ମାଂସକୁ ନିକଟସ୍ଥ ଜଙ୍ଗଲରେ ପୁଲିସ ପୋତି ଦେଇଛି। ଏନେଇ ଥାନାରେ ୫ଜଣଙ୍କ ନାମରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଘଟଣାରେ ଜନୈକ ସରପଞ୍ଚଙ୍କ ବାପାଙ୍କ ସମ୍ପୃକ୍ତ ଥିବା ନେଇ ଉତ୍ତେଜନା ପ୍ରକାଶ ପାଇଛି।



## ପୂର୍ବ ଶତ୍ରୁତାରୁ ଗୋଷ୍ଠୀସଂଘର୍ଷ; ଛୁରାମାଡ଼ରେ ୪ ଆହତ

**କୋଦଳା,୧୨।୧୨(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ସନ୍ଧ୍ୟା ୫ଟାବେଳେ କୋଦଳା ଥାନା ଅନ୍ତର୍ଗତ ଫାଶୀ ଗ୍ରାମର ମୁଖ୍ୟ ଛକରେ ଗୋଷ୍ଠୀ ସଂଘର୍ଷ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିଛି ବ୍ୟକ୍ତି ଅଚାନକ ଗାଁରେ ପହଞ୍ଚି ଗୋଟିଏ ପରିବାରର ବାପା ଓ ଦୁଇ ପୁଅଙ୍କୁ ଛୁରାମାଡ଼ କରିଥିଲେ। ପରେ ଉଭୟଙ୍କ ପକ୍ଷରୁ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଘଟଣାରେ ଫାଶୀ ଗ୍ରାମର ରାଜେଶ କୁମାର ପଲେଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବଡ଼ ଭାଇ ରାକେଶ କୁମାର ପଲେଇ ଓ ବାପା ଭାବଗ୍ରାହୀ ପଲେଇ ମଧ୍ୟ ଆକ୍ରମଣରେ ଆହତ ହୋଇଥିବା ବେଳେ ବାହାର ଗାଁରୁ ୮ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆସି ଗଣ୍ଡଗୋଳ ଘଟାଇଥିଲେ। ସେମାନଙ୍କ ମଧ୍ୟରୁ ବାଦପଲ୍ଲୀ ଗ୍ରାମର ଭଗବାନ ସ୍ୱାଇଁ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ମଧ୍ୟ ଏମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

## ଶିଶୁ ସାହିତ୍ୟ ବିକାଶ ପରିଷଦର ଶୀତ ସାହିତ୍ୟ ଆସର

**ବ୍ରହ୍ମପୁର, ୧୨।୧୨ (ସମିସ):** ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅଗ୍ରଣୀ ଶିଶୁ ସାହିତ୍ୟ ଅନୁଷ୍ଠାନ ଶିଶୁ ସାହିତ୍ୟ ବିକାଶ ପରିଷଦର ଶୀତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହାଡ଼ିବନ୍ଧୁ ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, କାର୍ଯ୍ୟକାରୀ ସଭାପତି ବିଜୟଚନ୍ଦ୍ର ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ସଂଯୋଜିକା ଭାବରେ କବୟିତ୍ରୀ ପଦ୍ମିନୀ ମିଶ୍ର ମଞ୍ଚାସିନ ଥିଲେ। ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀମାଳି ଶିଶୁ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ସ୍ୱେନକ୍ଷତ୍ର ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ପ୍ରେମଶିଳା ନନ୍ଦ ଏବଂ ଶଙ୍କର୍ଷଣ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ସଂଯୋଜିକା କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିଶୁ ସାହିତ୍ୟ ଆସରରେ ଅନୁଷ୍ଠାନର ଉପଦେଷ୍ଟା ଡ. ବିଜୟ ଚନ୍ଦ୍ର ମହାରଣାଙ୍କ ସମେତ ବରିଷ୍ଠ କବି ବିରୁପାକ୍ଷ ଦାଶ, ବଂଶିଧର ସେଠୀ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଶଙ୍କର୍ଷଣ ତ୍ରିପାଠୀ, ଡ଼. ସୁବ୍ରତ କୁମାର ସାହୁ, ପ୍ରେମଶିଳା ନନ୍ଦ, ଜ୍ୟୋତ୍ସ୍ନାମୟୀ ପ୍ରଧାନ ଓ ଅଧ୍ୟାପକ କୁରେଷୁ ମହାରଣା ପ୍ରମୁଖ କବି ଓ କବୟିତ୍ରୀ ଶୀତ ସମ୍ପର୍କିତ କବିତା ପାଠ କରିଥିଲେ। ଶେଷରେ ବିଜୟ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




## ୧୭ରେ ଗଞ୍ଜାମ ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର,୧୨।୧୨(ସମିସ):** ଆସନ୍ତା ୧୭ତାରିଖରେ ଗଞ୍ଜାମ ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବିତ ଗସ୍ତକୁ ନେଇ ଆଜି ପୁଲିସ ଓ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୀଳକଣ୍ଠନଗର ସ୍କୁଲର ଏକ ଉତ୍ସବରେ ଯୋଗଦେବା ପରେ ସହରର ଏକ ଲୋକାଭିମୁଖୀ କାର୍ଯ୍ୟକୁ ଉଦଘାଟନ କରିବା ସହ ଦିଗପହଣ୍ଡି ସମେତ ବିଭିନ୍ନ ସ୍ଥାନକୁ ଯିବାର କାର୍ଯ୍ୟକ୍ରମ ଥିବା ଜଣାପଡିଛି। ସୁରକ୍ଷା ସହ ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥାର ତଦାରଖ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ପ୍ରସ୍ତୁତି ହୋଇଛି।

## ବୀମାଯୁକ୍ତ ଗ୍ରାମ ହେଲା ଇନ୍ଦ୍ରାକ୍ଷୀ



**ବ୍ରହ୍ମପୁର,୧୨।୧୨(ସମିସ):** ୨୦୨୪-୨୫ବର୍ଷରେ ସର୍ବାଧିକ ପଲିସି କରିଥିବା ହେତୁ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକର ଇନ୍ଦ୍ରାଖୀକୁ ବୀମାଯୁକ୍ତ ଗ୍ରାମଭାବେ ଘୋଷଣା କରାଯାଇଛି। ଏନେଇ ଗ୍ରାମ ପରିସରରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ସିନିୟର ବ୍ରାଞ୍ଚ ମ୍ୟାନେଜର ଏଲଆଇସି ବ୍ରହ୍ମପୁର-୨ ପ୍ରତାପ ଚନ୍ଦ୍ର ସାହୁ, ବ୍ରାଞ୍ଚ ମ୍ୟାନେଜର ହିଞ୍ଜିଳିକାଟୁ ସନ୍ତୋଷ କୁମାର ମୋହିନୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମର ଉନ୍ନତି ସକାଶେ ଏକ ଲକ୍ଷ ଟଙ୍କା ସହାତୟା ପ୍ରଦାନ କରିଥିଲେ। ଉକ୍ତ ଟଙ୍କା ଜନହିତରେ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

## ଏମ୍‌ଏଭି ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା

**ବ୍ରହ୍ମପୁର,୧୨।୧୨(ସମିସ):** ସ୍ଥାନୀୟ ହିଲପାଟଣା ସ୍ଥିତ ମାତୃଶ୍ରୀ ଆଙ୍ଗେ୍ଲାଭେଦିକ (ଏମଏଭି) ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ କେସି ହାଇସ୍କୁଲ ଖେଳପଡିଆରେ ପାଳିତ ହୋଇଯାଇଛି। କେସି ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଏହି ଉତ୍ସବ ଅବସରରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଦୌଡ, ଲମ୍ବା ଡିଆଁ, ସଟ୍‌ପୁଟ ଓ ଡିସକସ ଥ୍ରୋରେ ଅଂଶଗ୍ରହଣ କରିଥିଲେ। ସ୍କୁଲର କାର୍ଯ୍ୟକାରୀ ସିଭାପତି ତଥା ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଣ୍ଡା, ସମ୍ପାଦକ କୁମୁଦ ରଞ୍ଜନ ପାଢ଼ୀ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଶୁଭାରମ୍ଭ କରିଥଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଏମସି ଡେପୁଟି କମିସନର ଆଶିର୍ବାଦ ପରିଡା ଏବଂ ସମ୍ମାନିତ ଅତିଥି ଭାବେ ଜାତୀୟସ୍ତରୀୟ ପ୍ରଶିକ୍ଷକ ସଚିନ ରାଉତ ଯୋଗ ଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥଲେ। ଜୁନିଅର ବାଳକ ବିଭାଗରେ ଝୁଲେଲାଲ ପରିଡା ଏବଂ ବାଳିକା ବିଭାଗରେ ଆର. ମିନାକ୍ଷୀ, ସିନିୟର୍ ବାଳକ ବିଭାଗରେ ସ୍ନେହାଶିଷ ପାତ୍ର ଏବଂ ବାଳିକା ବିଭାଗରେ ମଧୁସ୍ମିତା ମହାରଣା ଓ ଭିଦିଶା ରାଉତ ଯୁଗ୍ମ ଚମ୍ପିୟାନ ହୋଇଥିଲେ। ଏହି ପ୍ରତିଯୋଗିତାକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପାଢିଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପରିଚାଳନା କରିଥଲେ।



## ଏଫ୍‌ପିଓ କର୍ମକର୍ତ୍ତାଙ୍କ ଆନ୍ତଃରାଜ୍ୟ ଗସ୍ତ

**ବ୍ରହ୍ମପୁର,୧୨।୧୨(ସମିସ):** ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୫୮ଟି କୃଷକ ଉତ୍ପାଦନ ସଂଘ (ଏଫପିଓ) କୃଷକମାନଙ୍କ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା ପାଇଁ ବିଭିନ୍ନ ସଂସ୍ଥା ଦ୍ୱାରା ଗଠନ କରାଯାଇଛି। ରାଜ୍ୟ ଉଦ୍ୟାନ ବିଭାଗ ତତ୍ତ୍ୱାବଧାନରେ ଏଫପିଓ ମାନଙ୍କ କାର୍ଯ୍ୟକ୍ରମକୁ ତଦାରଖ କରାଯାଉଥିବା ବେଳେ ଓଡ଼ିଶା କୃଷି ଓ ବୈଷୟୀକ ବିଶ୍ୱବିଦ୍ୟାଳୟ ବୈଷୟିକ ଅଂଶୀଦାର ଭାବେ ସରକାରଙ୍କ ଦ୍ୱାରା ସ୍ୱୀକୃତ ହୋଇଛନ୍ତି। ତେଣୁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ, ବ୍ରହ୍ମପୁର ଦ୍ୱାରା "ଓଡ଼ିଶା କୃଷି ଓ ବୈଷୟୀକ ବିଶ୍ୱବିଦ୍ୟାଳୟ ଏଫପିଓ ଉତ୍କର୍ଷ କେନ୍ଦ୍ର' ଯୋଜନାରେ ଗତ ଦୁଇବର୍ଷ ହେଲା ସେମାନଙ୍କର କାର୍ଯ୍ୟଧାରାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହିକ୍ରମରେ ନିକଟରେ କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର ଦ୍ୱାରା ଜିଲ୍ଲାର ୬ଟି ଏଫପିଓ ପରିଦର୍ଶନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ସେମାନେ ଆନ୍ଧ୍ର ପ୍ରଦେଶର ଡାଲି ବିପଣନରେ ପ୍ରସିଦ୍ଧି ଲାଭ କରିଥିବା ଗ୍ରୀନ୍ ବାର୍ଡ, ବାକ୍ସାନା, ଗ୍ରିନ୍ ବ୍ଲେଣ୍ଡ ଇତ୍ୟାଦି କୃଷକ ଉତ୍ପାଦନ ଗୋଷ୍ଠୀ ମାନଙ୍କୁ ଭ୍ରମଣ କରି ତାଙ୍କର ବିପଣନ ଶୈଳୀ ଅନୁଧ୍ୟାନ କରିଥିଲେ। ସେହି ଗୋଷ୍ଠୀ ମାନଙ୍କ କର୍ମକର୍ତ୍ତା ଓ ସଭ୍ୟ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଗଞ୍ଜାମ ଜିଲ୍ଲା ଡାଲି ଉତ୍ପାଦନରେ ରାଜ୍ୟରେ ଆଗୁଆ ଥିଲାବେଳେ ଡାଲି ପ୍ରକ୍ରିୟାକରଣ ଓ ବଜାର ପାଇଁ ଏହି ମାନଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତିର ପରିଚାଳନାକୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ର ଏଫପିଓ କାର୍ଯ୍ୟନିର୍ବାହୀ ବୈଜ୍ଞାନିକ ଡ.ଦେବାଶିଷ ଷଡ଼ଙ୍ଗୀ ନେତୃତ୍ୱ ନେଇଥିଲେ।



# ସକାଳ
THE SAKALA

## ସମ୍ପାଦକୀୟ



ସଫଳତା ଏମିତି ହଠାତ୍ ଆସେ ନାହିଁ । ଏଥିପାଇଁ ଲୋଡ଼ା ଶିକ୍ଷା, କଠିନ ପରିଶ୍ରମ, ସମର୍ପଣ ଓ କର୍ମ ପ୍ରତି ଭଲ ପାଇବାର ସଂକଳ୍ପ ।

-ପେଲେ

## ରହସ୍ୟମୟ ଫେରାର୍

ଗୋଆ ନାଇଟକ୍ଲବ୍ ବିର୍ଚରେ ଘଟିଥିବା ଲୋମହର୍ଷକ ହୃଦୟବିଦାରକ ଅଗ୍ନିକାଣ୍ଡ ଏଥି ମଧ୍ୟରେ ଏକ ସପ୍ତାହ ଅତିକ୍ରମ କରିଗଲାଣି । ଏଥିରେ ମୃତକଙ୍କ ସଂଖ୍ୟା ୨୫ ହୋଇଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ଆହତ ହେବା ଘଟଣା ସମଗ୍ର ଦେଶବାସୀଙ୍କ ମନରେ ବିଷାଦର ଛାୟା ଖେଳାଇ ଦେଇଛି । ଏହି ଦୁର୍ଘଟଣାର କାରଣ ଓ ନିରାକଣ ସଂପର୍କରେ ଚାଲିଥିବା ତର୍ଜମାରୁ ସ୍ପଷ୍ଟ ହୋଇଛି ଯେ ସେଠାରେ ଅଗ୍ନି ନିରୋଧକ ବ୍ୟବସ୍ଥା ନଥିଲା । କେବଳ ସେତିକି ନୁହେଁ ପ୍ରସ୍ଥାନ ପଥ ଏତେ ସଂକୀର୍ଣ୍ଣ ଥିଲା ଯେ ଅଘଟଣରୁ ମୁକ୍ତି ପାଇଁ ଅନ୍ତେବାସୀଙ୍କ ମୁକ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା । ଏହି ଅଗ୍ନିକାଣ୍ଡର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଦିଲ୍ଲୀରେ ଅବସ୍ଥାନ କରୁଥିବା ନାଇଟ୍କ୍ଲବ୍ର ଦୁଇମାଲିକ ସୌରଭ ଓ ଗୌରବ ଲୁଥ୍ରା ଘଟଣା ଘଟିବାର ୫ ଘଣ୍ଟା ମଧ୍ୟରେ ପୁଲିସର ଗିରଫଦାରୀକୁ ଏଡ଼ାଇ ଦେଶ ଛାଡ଼ି ଚାଲିଯିବାକୁ ସମର୍ଥ ହୋଇଛନ୍ତି । ଏହା ପ୍ରଶାସନର ଦୋଷ ଦୁର୍ବଳତା ନା ଉଦ୍ଦେଶ୍ୟ ପ୍ରଣୋଦିତ ସୁଯୋଗ ସୃଷ୍ଟି ସେନେଇ ଏବେଠାରୁ କିଛି ମତାମତ ଦେବା ଠିକ୍ ହେବ ନାହିଁ । ତେବେ ଲୁଥ୍ରାଭ୍ରାତାଙ୍କ ରହସ୍ୟମୟ ଉଭାନ ଯେ ଅକ୍ଷମଣୀୟ ଏକଥା ସତ ।

ଏହି ଅଗ୍ନିକାଣ୍ଡର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହୁଏ, ବୁଝାମଣାରେ ନାଇଟ୍କ୍ଲବ୍ ବେପାର ଚାଲିଥିଲା । ଯେଉଁ ଜମି ଉପରେ ଏହାର ଇମାରତ ଗଢ଼ି ଉଠିଥିଲା ତାହା ସରକାରୀ ନକ୍ସାରେ ଶିକ୍ଷାନୁଷ୍ଠାନ ସକାଶେ ଉଦ୍ଦିଷ୍ଟ ଥିଲା ଓ ଲୁଥ୍ରାଭ୍ରାତାଙ୍କ ଚାପରେ ଏହା ପରିବର୍ତ୍ତନ କରାଯାଇଥିଲା । ଏପରିକି ବିର୍ଚ ନାଇଟକ୍ଲବ୍ର ଲାଇସେନ୍ସକୁ ନେଇ ମଧ୍ୟ ମତଭେଦ ରହିଛି । ଏଥିରୁ ସ୍ପଷ୍ଟ ଯେ ପ୍ରଭାବଶାଳୀ ଲୋକଙ୍କ ସାହାଯ୍ୟ ଓ ସମର୍ଥନରେ ଦୁଇଭାଇ ନିରଙ୍କୁଶ ବେପାର ଚଳାଇଥିଲେ । ଏପରିକି ସେମାନଙ୍କୁ ଦେଶଛାଡ଼ି ଚାଲିଯିବା ସକାଶେ ସୁଯୋଗ ଦିଆଯାଇଛି । ବଡ଼ବଡ଼ିଆଙ୍କ ମହଲରେ ଆତଯାତ ଥିବା ସୌରଭ ଓ ଗୌରବଙ୍କ ପତ୍ତା ଓ ଠିକଣା ଗୋଆ ପୁଲିସ ନିକଟରେ ଯେ ନଥିଲା ଏକଥା ନୁହେଁ । ଡିସେମ୍ବର ୭ ତାରିଖ ରାତି ୧୨ଟାରେ ଏହି ଦୁର୍ଘଟଣା ସଂପର୍କରେ ପୁଲିସ ଅବଗତ ଥିଲା । ଗୋଆ ଡିଜିପି ଚାହିଁଥିଲେ ତୁରନ୍ତ ଦିଲ୍ଲୀ ପ୍ରତିପକ୍ଷଙ୍କୁ ଅବଗତ କରାଇ ଲୁଥ୍ରାଭାତାଙ୍କୁ ଗିରଫ କରିବାରେ କିଛି ଅସୁବିଧା ହୋଇନଥାନ୍ତା । ଦେଶରେ ଇଣ୍ଡିଗୋ ବିମାନ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିଲ୍ଲୀ ବିମାନ ବନ୍ଦରରୁ ଦୁଇ ଭାଇ ସୀମିତ ସମୟ ମଧ୍ୟରେ ଥାଇଲାଣ୍ଡ ଟିକଟ, ଇମିଗ୍ରେସନ କ୍ଲିୟରାନ୍ସ, ସୁରକ୍ଷାଗତ ସମସ୍ତ ସୁବିଧା ହାସଲ କରି କିଭଳି ଥାଇଲାଣ୍ଡ ଯାତ୍ରା କରିପାରିଲେ ତାହା ଯେ କୌଣସି ଲୋକକୁ ଚକିତ କରିବ । ସବୁର ଉର୍ଦ୍ଧ୍ୱରେ ସେମାନେ ଭିଆଇପି ନୁହନ୍ତି ଅପରାଧୀ । ଲୁଥ୍ରାଭ୍ରାତାଙ୍କ ଅନ୍ୟତମ ସହଯୋଗୀ ଅଜୟ ଗୁପ୍ତାଙ୍କ ସମେତ ୬ ଜଣଙ୍କୁ ଏଥିମଧ୍ୟରେ ଗିରଫ କରାଯାଇଛି । ଥାଇଲାଣ୍ଡ ପଳାୟନ କରିଥିବା ଦୁଇ ଭାଇଙ୍କ ବିରୋଧରେ ଇଣ୍ଟରପୋଲ ବ୍ଲୁକର୍ଣ୍ଣର ନୋଟିସ୍ ଜାରି କରାଯାଇଛି । ଏହା ଛଡ଼ା ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ସେମାନଙ୍କ ବିରୋଧରେ ଅଛି । ଆମର ଏଠାରେ କହିବାର କଥା ହେଲା, ଅପରାଧର ଗୁରୁତ୍ୱ ନିର୍ବିଶେଷରେ ପ୍ରଭାବଶାଳୀ ଅପରାଧୀ ଦେଶର ଆଇନକାନୁନ୍କୁ ଏଡ଼ାଇଯାଇ ଦେଶଛାଡ଼ି ଚାଲିଯିବାକୁ ସମର୍ଥ ହେଉଛନ୍ତି । ଯାହାକି ଚିନ୍ତାର ବିଷୟ ପାଲଟଇଛି ।

## କହିଦେଉଥାଏ ପରକୁ...

ଚଳିତ ଶୀତକାଳୀନ ବିଧାନସଭା ଅଧିବେଶନ ବିଭିନ୍ନ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଉଲ୍ଲେଖ କରି ଜନପ୍ରତିନିଧିଙ୍କୁ ଆଚରଣଗତ ଶୃଙ୍ଖଳା ରକ୍ଷା କରିବା ସହ ଉତ୍ତରଦାୟିତ୍ୱ ସଂପର୍କରେ ସଚେତନ କରାଇଥିଲେ । ଏସବୁ ସତ୍ତ୍ୱେ ବିଜେପି ବିଧାୟକ ସନ୍ତୋଷ ଖୁଣ୍ଟିଆ ଆଦୌ ପ୍ରାସଙ୍ଗିକତା ନଥିଲେ ମଧ୍ୟ ମହାତ୍ମାଗାନ୍ଧିଙ୍କୁ ଆଲୋଚନା ପରିସରକୁ ଟାଣିଆଣି ତାଙ୍କ ସଂପର୍କରେ ଯେଉଁ ନାକରାତ୍ମକ ମନ୍ତବ୍ୟ ଦେଲେ ତାହା ବିଧାନସଭା ମର୍ଯ୍ୟାଦା ଉଲ୍ଲଂଘନ କେବଳ ନୁହେଁ ଏକ କଳା ଅଧ୍ୟାୟ ସୃଷ୍ଟି କରିଛି କହିଲେ ଭୁଲ ହେବନି । ତାଙ୍କର ଏହି ଆଚରଣ ପାଇଁ ସରକାର ଅପଦସ୍ଥ ହେଲେ ଓ ଗୃହର ବିବରଣୀରୁ ସେହି ମନ୍ତବ୍ୟ ବାଦ ଦିଆଗଲା । ଏପରିକି ବିଧାୟକଙ୍କ ମନ୍ତବ୍ୟକୁ ସରକାର ନିନ୍ଦା କରିବା ପର୍ଯ୍ୟନ୍ତ କଥା ଯାଇଥିଲା । ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଦିଆଯାଇଥିବା ସୁଚିନ୍ତିତ ପରାମର୍ଶର କୌଣସି ପ୍ରଭାବ ଅନୁଭୂତ ହୋଇନଥିଲା ବିଧାୟକଙ୍କ ଆଚରଣରେ ।

ଚଳିତ ବିଧାନସଭା ନିର୍ଦ୍ଧାରିତ ୧୮ ଟି କାର୍ଯ୍ୟଦିବସ ପୂର୍ବରୁ ଶେଷ ହୋଇଗଲା । କାରଣ ସ୍ୱରୂପ କୁହାଯାଇଛି ଯେ କୌଣସି ସରକାରୀ କାର୍ଯ୍ୟନଥିବାରୁ ଗୃହକୁ ମୁଲତବୀ ରଖାଗଲା । ପୂର୍ବବର୍ଷ ମଧ୍ୟ ୧୬ ଦିନ ପୂର୍ବରୁ ଅଧିବେଶନ ବନ୍ଦ କରି ଦିଆଯାଇଥିଲା । ଆମକୁ ଏଠାରେ କହିବାକୁ ପଡୁଛି ଯେ ଚଳିତ ଅଧିବେଶନରେ ବିରୋଧୀଦଳର ଅଭୂତପୂର୍ବ ସହଯୋଗ ସହ ଗୋଟିଏ ଦିନ ପାଇଁ ଗୃହକୁ ଅଚଳ କରିନାହାନ୍ତି । ବିଧାନସଭାରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଓ ଖର୍ଚ୍ଚଦାବି ଆଲୋନା ସବୁ ସୁରୁଖୁରୁରେ ଚାଲିଥିଲା । ବରିଷ୍ଠ କନିଷ୍ଠ ନିର୍ବିଶେଷରେ ବିଧାୟକଙ୍କୁ ଅଂଶ ଗ୍ରହଣ ଓ ଆଲୋଚନାରେ ଭାଗନେବାକୁ ସୁଯୋଗ ମିଳିଥିଲା । ଏତେ ଅନୁକୂଳ ପରିସ୍ଥିତି ଓ ପରିବେଶ ସତ୍ତ୍ୱେ ସରକାରଙ୍କୁ ୧୮ ଟି କାର୍ଯ୍ୟ ଦିନର ପୂର୍ବରୁ ଅଧିବେଶନ ଶେଷ କରିବାକୁ ପଡିଲା କାହିଁକି? ବିଧାନସଭା କାର୍ଯ୍ୟବିଧି ଆଇନରେ ୧୭୭ ଧାରା ସଂଶୋଧନ ଶେଷ କରାଯାଇ ବର୍ଷକୁ ୬୦ ଦିନ ଗୃହକାର୍ଯ୍ୟ ଚାଲିବା ସକାଶେ ନିୟମ ପ୍ରସ୍ତୁତ ହୋଇଥିଲା । ଏଭଳି ଅନୁକୂଳ ପରିବେଶରେ ଯଦି ଗୃହକାର୍ଯ୍ୟ ୬୦ ଦିନ ଚାଲିନପାରୁଛି ତେବେ ପୁଣି ଏକ ସଂଶୋଧନ ମାଧ୍ୟମରେ ଏହି କାର୍ଯ୍ୟଦିବସକୁ ଆହୁରି ସଂକୁଚିତ କରାଯାଇପାରେ । ଆମେ ଏଠାରେ କେବେଳ କ୍ଷମତାସୀନ ଏବର ସରକାରଙ୍କ କଥା କହୁନୁ ପୂର୍ବ ସରକାର ମଧ୍ୟ ନିର୍ଦ୍ଧାରିତ ଦିନ ନିର୍ଘଣ୍ଟକୁ ପୂରଣ କରୁନଥିଲେ । ହେଲେ ସେତେବେଳର ବିରୋଧୀ ବିଜେପି କଟୁ ସମାଲୋଚନା କରିବା ସହ ସରକାର ପଳାୟନପନ୍ଥୀ ହୋଇ ଗୃହକୁ ଆଗୁଆ ମୁଲତବୀ ରଖୁଥିବାର ଅଭିଯୋଗ କରିଥିଲେ । ତେଣୁ ଏଠାରେ ଆମେ କହିବା 'କହି ଦେଉଥାଏ ପରକୁ ବୃଦ୍ଧି ନ ଦିଶଇ ଘରକୁ' ଚଳିତ ଅଧିବେଶନର ଅନ୍ୟ ଏକ ଦିଗ ହେଲା ମନ୍ତ୍ରୀ ଓ ବିଧାୟକଙ୍କ ବେତନ, ଭତ୍ତା ବୃଦ୍ଧି ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଛି । ଏହା ପୁଣି ୧୮ ମାସ ପିଛିଲା କାର୍ଯ୍ୟକାରୀ ହେବ ଏହି ବର୍ଦ୍ଧିତ ବେତନ ଭତ୍ତା ପ୍ରଚଳିତ ହାର ଠାରୁ ୩ ଗୁଣ ଅଧିକ । ବିଧାୟକଙ୍କ ମାସିକ ବେତନ ଭତ୍ତା ୩ ଲକ୍ଷ ୪୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ପେନସନ୍ ମଧ୍ୟ ୩୫ ହଜାରରୁ ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଏହା କୁଆଡେ ଦେଶର ସବୁ ବିଧାନସଭାରେ ପ୍ରଚଳିତ ବ୍ୟବସ୍ଥାକୁ ଟପିଛି । ଗୃହ ପରିଚାଳନାଠାରୁ ବେତନ – ଭତ୍ତା ନିର୍ଦ୍ଧାରଣ ପର୍ଯ୍ୟନ୍ତ ସବୁ ବୁଝାମଣା ଭିତ୍ତିରେ ଚାଲିଛି ଓ ଆଗକୁ ତାହା ଚାଲିବାକୁ ଦିଆଯାଉ । ହେଲେ ଗୃହ ଦିବସକୁ ସଂକୁଚିତ ନ କରି ରାଜ୍ୟବାସୀଙ୍କ ଅଭାବ –ଅସୁବିଧା ଓ ସମସ୍ୟା ସମାଧାନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉ ।

# ପୁଟିନଙ୍କ ଭାରତ ଗସ୍ତର କୂଟନୀତିକ ଦିଗ

**ଡ. ସୁଶାନ୍ତ କୁମାର ପରିଡା**

ଭାରତ–ରୁଷ ସମ୍ପର୍କ ନେଇ ଆଜି ଯେତେ ଆଲୋଚନା ହେଉଛି, ସେହି ଚର୍ଚ୍ଚାର ମଝିରେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଭ୍ରମଣ ଏକ ନୂଆ ଅର୍ଥ ନେଇ ଆସିଛି । ଆଜିର ବିଶ୍ୱ ବ୍ୟବସ୍ଥାଟି ପୁରା ଅଲଗା, ଏକଧ୍ରୁବୀୟ ଆମେରିକୀୟ ନେତୃତ୍ୱ ହସ୍ତକ୍ଷୀଣ, ଚୀନର ଉତ୍ଥାନ, ୟୁରୋପର ସୁରକ୍ଷା ଚିନ୍ତା ଓ ରୁଷ-ୟୁକ୍ରେନ ଯୁଦ୍ଧରେ ନୂଆ ଅସ୍ଥିରତା-ଏସବୁରେ ଭାରତ ନିଜ ତୃତୀୟ ଆଖିରେ ଦେଖୁଛି ଜଗତକୁ । ଏହି ପରିପ୍ରେକ୍ଷୀରେ ପୁଟିନଙ୍କ ଭାରତ ଭ୍ରମଣ କେବଳ ଦୁଇ ଦେଶର କୂଟନୀତିକ ଆଦାନ-ପ୍ରଦାନ ନୁହେଁ; ଏହା ଏକ ଗଭୀର ସନ୍ଦେଶ-ଭାରତ ଓ ରୁଷ ଆଜି ମଧ୍ୟ ଏକାପରିକା ଓ ଏକାପରି ।

ଭାରତ ଓ ରୁଷ ସମ୍ପର୍କକୁ "ସମୟ ପରୀକ୍ଷିତ" ବୋଲି କୁହାଯାଏ । ଶୀତଳ ଯୁଦ୍ଧରୁ ଆରମ୍ଭ କରି କୌଶଳିକ ସହଯୋଗ ପର୍ଯ୍ୟନ୍ତ ରୁଷ ସବୁବେଳେ ଭାରତର ସହଯୋଗୀ ରହିଛି । ୧୯୭୧ର ଇଣ୍ଡୋ–ସୋଭିଏତ ଶାନ୍ତି, ମିତ୍ରତା ଓ ସହଯୋଗ ଚୁକ୍ତିରୁ ଆରମ୍ଭ କରି, ନାଭାଲ ପ୍ଲାଟଫର୍ମ, ସାମରିକ ଉପକରଣ, ଅନ୍ତରୀକ୍ଷ ସହଯୋଗ, ଶକ୍ତି ବ୍ୟବସ୍ଥା-ସବୁଥିରେ ରୁଷ ଭାରତକୁ ଦୃଢ଼ ଭିତ୍ତି ଦେଇଛି । କିନ୍ତୁ ଏବେ ପରିବେଶ ଅଲଗା । ଚୀନ ଆଜି ଦୁଇ ଦେଶଙ୍କ ପାଇଁ ଅଲଗା–ଅଲଗା ଭାବେ ଅନୁଭବୀୟ ଅକଳି ସୃଷ୍ଟି କରୁଛି । ଭାରତ ପାଇଁ ସୀମା ସମସ୍ୟା, ରୁଷ ପାଇଁ ଅଧିକ ନିର୍ଭରତା । ପଶ୍ଚିମ ଦେଶଗୁଡିକ ଭାରତକୁ ଇଣ୍ଡୋ–ପାସିଫିକ୍ର ଗୁରୁତ୍ୱପୂର୍ଣ୍ଣ ନେତା ଭାବେ ଦେଖୁଛନ୍ତି, ରୁଷକୁ ତାଙ୍କର ନିଜ ଅନୁଶାସନୀୟ ପରିକଳ୍ପନାର ଅଂଶ ମାନୁଛନ୍ତି । ଏମିତି ସମୟରେ ପୁଟିନଙ୍କ ଭାରତ ଯାତ୍ରା ଦୁଇ ଦେଶକୁ ପୁଣିଥରେ ନୂଆ ମଞ୍ଚରେ ଡାକୁଛି-କେମିତି ପ୍ରାଚୀନ ସମ୍ପର୍କକୁ ଆଧୁନିକ ଯୁଗର ଚ୍ୟାଲେଞ୍ଜ ସହିତ ମେଳ କରିବା?

ପୁଟିନଙ୍କ ଯାତ୍ରାକୁ ବୁଝିବା ପାଇଁ ୟୁକ୍ରେନ ଯୁଦ୍ଧର ପ୍ରେକ୍ଷାପଟ ଅତ୍ୟନ୍ତ ଆବଶ୍ୟକ । ରୁଷ ପଶ୍ଚିମ ରାଷ୍ଟ୍ର ପକ୍ଷରୁ ଅପରିମିତ ନିଷେଧ ଦେଖୁଛି ଓ ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ପ୍ରାୟ ଅଲଗା କରାଯାଇଛି । ଏହି ସମୟରେ ଭାରତ ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାରଥୀ-ତେଲ କ୍ରୟ, ସାମରିକ ହାର୍ଡୱେର କ୍ରୟ, ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସନ୍ତୁଳିତ ଭୂମିକା ଭାରତ ପଶ୍ଚିମ ପକ୍ଷରୁ ଚାପ ଥିଲେ ମଧ୍ୟ ନିଜ ହିତକୁ ଭିତ୍ତି କରି ରୁଷ ସହ ସମ୍ପର୍କ ଜାରି ରଖିଛି ।

ପୁଟିନଙ୍କ ଯାତ୍ରା ଏହାକୁ ସୂଚାଇ ଦେଲା-ରୁଷ ଭାରତକୁ ଦୀର୍ଘମିଆଦୀ ମିତ୍ର ବୋଲି ମାନେ ଓ ଭାରତ ନିଜ ସ୍ୱାଧୀନ କୂଟନୀତି ପଥକୁ ପୁନର୍ବଳ ପ୍ରଦାନ କରେ ।

ଭାରତ ପାଇଁ ରୁଷର ଅପରିହାର୍ଯ୍ୟ ଗୁରୁତ୍ୱ । ଆମେ ବହୁ ସମୟରେ କହୁଛୁ ଯେ ଭାରତ ଆଜି ବହୁଧ୍ରୁବୀୟ ଶକ୍ତିକେନ୍ଦ୍ରର ନେତୃତ୍ୱ ନେଉଛି, କିନ୍ତୁ ସତ୍ୟ ହେଲା-କୌଣସି ମହାଶକ୍ତିକୁ ପୂରା ଛାଡ଼ି ଭାରତ ଆଗକୁ ବଢ଼ିପାରିବ ନାହିଁ । ରୁଷ ଏଠାରେ ଅପରିହାର୍ଯ୍ୟ: ସାମରିକ ସହଯୋଗ କ୍ଷେତ୍ରରେ ଭାରତର ରକ୍ଷା ପ୍ରଣାଳୀର ୫୦ ଭାଗ ରୁଷ ଆଧାରିତ । ସୁଖୋଇ- ୩୦ ଏମ୍କେଆଇ, ଟି-୯୦, ଏସ୍-୪୦୦, କିଲୋ-କ୍ଲାସ୍ ସବ୍ମେରିନ୍-ସବୁ ରୁଷୀୟ ମୂଳଭୂତ୍ତି । ନୂଆ ପ୍ରଣାଳୀ ଯଥା ବ୍ରହ୍ମୋସ୍ ମିସାଇଲ ସଂଯୁକ୍ତ ଉତ୍ପାଦନର ଉଦାହରଣ ।

ଉର୍ଜା ସୁରକ୍ଷା କ୍ଷେତ୍ରରେ ସାଂଗଠିକ ଭାବେ ଭାରତ ଆଜି ଅପେକ୍ଷାକୃତ ଶସ୍ତା ରୁଷ ତେଲ ଉପରେ ନିର୍ଭର କରୁଛି । ଏହା ଭାରତର ବଜାର ଭାରକୁ ଅନେକ କମାଇଛି । ଅନ୍ତରୀକ୍ଷ ଓ ପରମାଣୁ ସହଯୋଗ କ୍ଷେତ୍ରରେ କୁଡ଼ନ୍କୁଲମ୍ ପରମାଣୁ ପ୍ଲାଣ୍ଟ ରୁଷ–ଭାରତ ସମ୍ପର୍କର ଏକ ପ୍ରତୀକ । ଇସ୍ରୋ-ରସ୍କସ୍ମସ୍ ସହଯୋଗ ଭାରତର ମାନବ ଅନ୍ତରୀକ୍ଷ ମିଶନକୁ ନୂଆ ଦିଗ ଦେଇଛି । ଏହାର ଅର୍ଥ-ରୁଷକୁ ଛାଡ଼ି ଭାରତ ତା'ର ସୁରକ୍ଷା ଓ ଉର୍ଜା ଉନ୍ନତିକୁ ସଂପୂର୍ଣ୍ଣ କରିପାରିବା କଷ୍ଟ ।



ପୁଟିନଙ୍କ ଯାତ୍ରା ପଶ୍ଚିମ ଦେଶଗୁଡ଼ିକୁ ଏକ ନିର୍ମଳ, କିନ୍ତୁ ସ୍ପଷ୍ଟ ସନ୍ଦେଶ ପଠାଇଛି-ଭାରତ କେବଳ ପାର୍ଶ୍ୱଭାଗୀ ନୁହେଁ; ସ୍ୱାଧୀନ ନୀତି ଅଙ୍ଗୀକାର କରୁଥିବା ଏକ ଅପରିହାର୍ଯ୍ୟ ଶକ୍ତି । କ୍ୱାଡ୍, ଆଇ୨ୟୁ୨, ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି- ଯେଉଁଭଳି ଭାରତ ଅଛି, ସେଠି ତାଙ୍କର ନୀତି ଆମେରିକୀୟ ପାଠକୁ ମାନିବା ମାତ୍ର ନୁହେଁ । Bharat acts in its own interest. ଏହି ଯାତ୍ରା ଏକ କୂଟନୀତିକ ସ୍ୱାଧୀନତାର ପ୍ରତୀକ ।

ପୁଟିନ–ମୋଦୀ ଆଲୋଚନାର ପୃଷ୍ଠଭୂମିରେ ଚୀନର ଛାୟା ଅନିବାର୍ଯ୍ୟ । ଚୀନ–ରୁଷ ସମୀକରଣ ବଢୁଛି, ଚୀନ–ଭାରତ ସୀମା ସଂକଟ ଜାରି ରହିଛି । ଏହାର ଭାରତୀୟ ଅର୍ଥ-ରୁଷକୁ ଭାରତ ସହ ସମ୍ପର୍କ ସଂରକ୍ଷଣ ଆବଶ୍ୟକ, ଯାହା ତାଙ୍କୁ ଚୀନ ପ୍ରତି ଅତ୍ୟଧିକ ନିର୍ଭରତାରୁ ବଞ୍ଚାଇପାରିବ । ଭାରତ ପାଇଁ ମଧ୍ୟ ଏହି ସମୀକରଣ ଗୁରୁତ୍ୱପୂର୍ଣ୍ଣ । ଏକ ରୁଷ–ଚୀନ ବ୍ଲକ୍ ଭାରତର ରଣନୀତିକ ସ୍ଥାନକୁ କମାଇଦେଇପାରେ । ତେଣୁ ଦୁଇ ଦେଶ ନିଜ ମଧ୍ୟରେ ସନ୍ତୁଳନ ରଖିବାକୁ ଚାହୁଁଛନ୍ତି ।

ପୁଟିନଙ୍କ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଆର୍ଥିକ ସମ୍ପର୍କକୁ ପୁନର୍ଗଠନ କରିବା । ସାମରିକ କ୍ଷେତ୍ର ବ୍ୟତୀତ ଭାରତ–ରୁଷ ବ୍ୟାପାର ତତ୍ତ୍ୱରେ ସୀମିତ ରହିଛି । ନୂଆ ସୂଚୀରେ-ଫାର୍ମା, ଆଇ.ଟି, କୃଷି ଓ ଖାଦ୍ୟପ୍ରକ୍ରିୟା, ନିର୍ମାଣ, ରେଲ୍ୱେ ଓ ଅଫଶୋର ତେଲ ପ୍ରକଳ୍ପ ସବୁକୁ ନୂଆ ଗତି ଦେବା ଉଦ୍ଦେଶ୍ୟ । ବିଶେଷକରି ଉତ୍ତର–ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର (INSTC) ଭାରତକୁ ଇଉରେସିଆ ମଝିରେ ବ୍ୟାପକ ସଂଯୋଗ ଦେଇପାରେ ।

ଯେତେବେଳେ ଅନ୍ୟ ଦେଶର ରାଷ୍ଟ୍ରପତିମାନେ ମଞ୍ଚରେ ଆସନ୍ତି, ସେଥିରେ ନାଗରିକମାନଙ୍କ ପାଇଁ କ'ଣ ଆସେ? ଭାରତ–ରୁଷ ସମ୍ପର୍କର ଆଉ ଏକ ଗଭୀର ଦିଗ ରହିଛି-ସଭ୍ୟତା ଓ ସଂସ୍କୃତିର ସଂଳାପ । ଦୋସ୍ତୋଏଭସ୍କି, ଟଲସ୍ଟୟ, ଟାଗୋର-ସବୁ ଭାରତ–ରୁଷ ସମ୍ପର୍କର ସାହିତ୍ୟିକ ସୂତ୍ର । ବିଜ୍ଞାନ, ସଙ୍ଗୀତ, ଶିକ୍ଷା-ବିବିଧ ମଞ୍ଚରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ଗଭୀର ସମ୍ପର୍କ ରହିଛି । ପୁଟିନଙ୍କ ଯାତ୍ରା ଏହି ସମ୍ପର୍କକୁ ନୂଆ ଦିଶା ଦେଲା ।

ଆଜି ଦୁନିଆ ଏକ ନୂଆ ଦିଗକୁ ଯାଉଛି । ଆମେରିକୀୟ ପ୍ରଭୁତ୍ୱର ଯୁଗ ଆସ୍ତେ–ଆସ୍ତେ ଶିଥିଳ ହେଉଛି, ଚୀନ ଉଡୁଁଛି, ୟୁରୋପ ଅସ୍ଥିର । ମଧ୍ୟପ୍ରାଚ୍ୟ ପୁନଃ ତଫାତ୍ରେ । ଏହି ସମୟରେ ଭାରତ ଓ ରୁଷ ପାଇଁ ପରସ୍ପର ସମ୍ପର୍କ ଏକ ରଣନୀତିକ ଆବଶ୍ୟକତା । ବହୁଧ୍ରୁବୀୟ ଜଗତ ଏହାକୁ ଆଉ ଗଭୀର କରେ-India and Russia are partners in shaping a balanced global order. ପୁଟିନଙ୍କ ଭାରତ ଯାତ୍ରା କହିଦେଲା-ଭାରତ ପରାନୁସରଣକାରୀ ନୁହେଁ । ଭାରତ ନିଜ ସ୍ୱାଧୀନ କୂଟନୀତିକ ହିତକୁ ପ୍ରଥମେ ରଖେ ।

କ୍ୱାଡ୍ ସହିତ ସମ୍ପର୍କ ରହିଛି, ବ୍ରିକ୍ସ ସହିତ ସମ୍ମିଳନ ରହିଛି, ଏସ୍ସିଓ ସୁରକ୍ଷା ମଞ୍ଚରେ ଭାଗ ନେଉଛି, ପଶ୍ଚିମ ସହ ଆର୍ଥିକ ସମ୍ପର୍କ, ରୁଷ ସହ ପରମାଣୁ–ରକ୍ଷା–ଉର୍ଜା ସହଯୋଗ , ଏହି ସବୁକିଛି ଏକ ସଂକେତ: ଭାରତ ଏବେ ବିଶ୍ୱ ରାଜନୀତିର ନିର୍ମାତା; କେବଳ ଅନୁସାରୀ ନୁହେଁ ।

ପୁଟିନଙ୍କ ଏହି ସଂକ୍ଷିପ୍ତ ଭାରତ ଗସ୍ତ ଭିତରେ ରହିଛି ଦୀର୍ଘମିଆଦୀ ପରିଣାମ । ଆମେ ଯେପରି ଦେଖୁଛୁ-ବିଶ୍ୱ ରାଜନୀତିର ପୁନର୍ଗଠନ, ଭାରତର ବୃଦ୍ଧିଶୀଳ ଶକ୍ତି ସ୍ଥାନ, ରୁଷର ପଶ୍ଚିମବିମୁଖ ରଣନୀତି , ଚୀନର ଉତ୍ଥାନ ଏହି ଦୁଇ ଦେଶକୁ ପୁଣି ଏକାଠି କରି ଆଣିଛି । ପୁଟିନଙ୍କ ଭାରତ ଯାତ୍ରାର ମୂଳ ସନ୍ଦେଶ ଏକ-"In a changing world, India and Russia still need each other."ଭାରତ ନୂତନ ବିଶ୍ୱ ବ୍ୟବସ୍ଥାର ନିର୍ମାଣକାରୀ । ରୁଷ ତାହାର ପ୍ରାକ୍ତନ ମିତ୍ର ଓ ଭବିଷ୍ୟତ ସହପାଠୀ । ଏବଂ ଏହି ଯାତ୍ରା ଦୁଇ ଦେଶକୁ ସଂପର୍କର ନୂଆ ପର୍ବକୁ ଆଣିଛି-ଏକ ସହଯୋଗିତା ଯାହା ଇତିହାସର ଉପରେ ଭିତ୍ତି କରିଛି ଓ ଭବିଷ୍ୟତର ଦୃଷ୍ଟିକୋଣରେ ଦୃଢ଼ ହେଉଛି ।

**ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ**
**ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା**
**ମୋ- ୯୪୩୭୨୧୦୪୫୮**

# ବ୍ୟବସ୍ଥାପକଙ୍କ ବେତନ ବୃଦ୍ଧି: ଏକ ଅନୁଶୀଳନ

**ଶ୍ରୀ ଅବନୀ ଚନ୍ଦ୍ର ଦାସ**

ସମୟର ଚକ୍ର ଘୂର୍ଣ୍ଣାୟମାନ । କେବେ କାହା ଭାଗ୍ୟରେ ଧନ ସମ୍ପଦ ଅବା ଐଶ୍ୱର୍ଯ୍ୟର ବର୍ଷା ହୁଏ ତ, କେବେ କାହାକୁ ଚୁଲି ଜାଳିବା ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡ଼େ । ଓଡ଼ିଶା ବିଧାନସଭାରେ ଆଗତ ହୋଇ ସଦ୍ୟ ପାରିତ ହୋଇଥିବା "ବେତନ ଓ ଭତ୍ତା ବୃଦ୍ଧି ବିଲ୍"ଏହି ସତ୍ୟକୁ ହିଁ ସ୍ପଷ୍ଟ କରିଛି । ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଓ ପୂର୍ବତନ ବିଧାୟକ ଆଦି ବିଧି ବ୍ୟବସ୍ଥାପକଙ୍କ ପେନ୍ସନ୍/ବେତନ ବୃଦ୍ଧିର ଘୋଷଣା ସରିଛି । ସଂସଦୀୟ ପରମ୍ପରାର ଅଂଶ ଭାବେ ଏହିପରି ବିଲ୍ ପାସ୍ ହେବା ଏକ ରାଜନୈତିକ ପ୍ରକ୍ରିୟା ନିଶ୍ଚିତ, କିନ୍ତୁ ଏହାଦ୍ୱାରା ସାଧାରଣ ଜନତାଙ୍କ ମନରେ ଗୁଞ୍ଜରି ଉଠୁଥିବା ପ୍ରଶ୍ନଗୁଡ଼ିକୁ କଦାପି ଅବଦମିତ କରିବା ସମ୍ଭବ ନୁହେଁ ।

ଏକ ମୁଖ୍ୟ ସାମ୍ବିଧାନିକ ପ୍ରଶ୍ନ ଆଜି ସମାଜରେ ଚିନ୍ତାର କାରଣ ସାଜି ସଭିଙ୍କ ମନରେ ନିଆଁ ପରି ହୁତୁହୁତୁ ହୋଇ ଜଳୁଛି । ସମାଜ ପାଇଁ, ସରକାରଙ୍କ ପାଇଁ ଅହରହ କର୍ତ୍ତବ୍ୟ ସମ୍ପାଦନ କରୁଥିବା ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଯୋଜନା କର୍ମୀ, ସର୍ବନିମ୍ନସ୍ତରୀୟ କର୍ମଚାରୀ, ସଫେଇ କର୍ମଚାରୀ, ଶ୍ରମିକ/ଠିକା କର୍ମଚାରୀ, ଏପରିକି ଠିକା ସଂସ୍ଥା ଜରିଆରେ ଅନେକ ସରକାରୀ କାର୍ଯ୍ୟ କରୁଥିବା ଡାକ୍ତର, ଇଞ୍ଜିନିୟର ତଥା ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନଙ୍କ ବେତନ ବୃଦ୍ଧିର ଆବଶ୍ୟକତା ନାହିଁ କି ? ସେମାନେ କୌଣସି ଶ୍ରେଣୀଭୁକ୍ତ କର୍ମଚାରୀ / ଅଧିକାରୀ ନୁହନ୍ତି କି ?

ବିଧାୟକମାନଙ୍କ ଦରମା ବୃଦ୍ଧି ହେବାରେ କେତେକ ନିର୍ଦ୍ଦିଷ୍ଟ ଯୁକ୍ତି ରହିଥିବା କୁହାଯାଉଛି, ଯଥା: ସେମାନଙ୍କ ଉପରେ ରହୁଥିବା ଦାୟିତ୍ୱଭାର, ନିର୍ବାଚନୀ ଖର୍ଚ୍ଚ, ନିଜ ଅଞ୍ଚଳ / ଜିଲ୍ଲା ଭ୍ରମଣ, ଅନ୍ୟାନ୍ୟ ଜନସେବାର ଦାୟିତ୍ୱ, ଇତ୍ୟାଦି । ଏସବୁ ପ୍ରସଙ୍ଗମାନ ସଠିକ୍ ବୋଲି ଗ୍ରହଣ କରାଯାଉଥିଲେ ମଧ୍ୟ ଆମ ସମାଜର ଅନ୍ୟ କ୍ଷେତ୍ରରେ ପ୍ରତ୍ୟହ ୮ ରୁ ୧୦ ଘଣ୍ଟା ଶ୍ରମଦାନ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, କ୍ଷେତ୍ର - କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ଜୀବନର ସ୍ଥିତି ଉପରେ ଅନୁଧ୍ୟାନ କରିବାପାଇଁ କେବେ ସମୟ ମିଳେ ? ଯଥାଯୋଗ୍ୟ ବେତନ ପାଇଁ ସେମାନେ ଭାଜ୍ୟ ନୁହନ୍ତି କି ?

ସାଧାରଣ କର୍ମଚାରୀଙ୍କ ଘରକୁ ବହୁଥିବା ଝାଞ୍ଜିପିଟା ଗରମ ପବନରେ ମିଶ୍ରିତ ବଜାର ଦର, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ପରିବାର ସଦସ୍ୟଙ୍କ ଚିକିତ୍ସା ଖର୍ଚ୍ଚ ଆଦି କେମିତି ଅବା ବଡ଼ବଡ଼ିଆଙ୍କ ଚଳଣି ସହ ତୁଳନୀୟ ହୋଇପାରିବ? ଏହି ପ୍ରଶ୍ନ ଆଜି ଅନେକଙ୍କ ମନକୁ ଆନ୍ଦୋଳିତ କରୁଛି ।

ଆମ ରାଜ୍ୟରେ ଜଣେ ଶିକ୍ଷକ ହୁଅନ୍ତୁ କି, ଜଣେ ଶ୍ରମିକ ୨୫-୩୦ ବର୍ଷ ପର୍ଯ୍ୟନ୍ତ 'ସମାନ କାମ କୁ ସମାନ ଦରମା' ନ୍ୟାୟରେ ତତ୍ ଜନିତ ଅସଙ୍ଗତି ଦୂର କରିବାକୁ କିମ୍ବା ବେତନ ବୃଦ୍ଧି ପାଇଁ ଯେପରି ବିକଳ ଚିତ୍କାର କରି ଚାଲିଛନ୍ତି, ତାହା ପ୍ରାୟ କାହାରିକୁ ଅବିଦିତ ନୁହେଁ । ଏହି ନିମ୍ନବର୍ଗ କର୍ମଚାରୀ ବା ସେବା ପ୍ରଦାନକାରଙ୍କ ଦରମା ବୃଦ୍ଧି, ସୁରକ୍ଷା, ସାମାଜିକ ସମ୍ମାନ ଆଦି ସବୁ ଯେମିତି ଆଜି ମଧ୍ୟ 'ପରବର୍ତ୍ତୀ ସଭା'ର ଅପେକ୍ଷାରେ ଥିବା ନଥିପତ୍ରର ନାଲି ଫିତା ତଳେ ବନ୍ଧା ପଡ଼ିଛି ।

ବିଧି ବ୍ୟବସ୍ଥାପକ ତଥା ନିର୍ବାଚିତ ଜନସେବକମାନଙ୍କ ଦରମା ବଢ଼ିବା ପାଇଁ ଯେପରି ଯୁକ୍ତି ଉପସ୍ଥାପିତ ହୋଇଥାଏ, ସେହି ଯୁକ୍ତିକୁ ନିମ୍ନ ବର୍ଗର ସରକାରୀ କର୍ମଚାରୀ, ଦିନ ମଜୁରିଆ, ଚାକିରି ପ୍ରାର୍ଥୀ ଯୁବକ, ଅଧିକୃତ ଦଖଲକାରୀ, ଗ୍ରାମାଞ୍ଚଳରେ ଜୀବିକାଧାରୀ ମାନଙ୍କ ପାଇଁ କାହିଁକି ସମାନ ପ୍ରକାର ମାପଦଣ୍ଡରେ ପ୍ରୟୋଗ କରାଯାଏ ନାହିଁ?

ସମାଜର ଅସମତା ସେତେବେଳେ ଅଧିକ ପ୍ରଗାଢ଼ ହୋଇଯାଏ, ଯେବେ କୌଣସି ବର୍ଗ ବୃତ୍ତିଧାରୀଙ୍କ ଦୀର୍ଘ ପଥ ଯାତ୍ରା ସୌଖିନ ଯାନରେ ସମାହିତ ହେଲାବେଳେ, ତଥାପି ତାହାକୁ 'ସମୟର ଆବଶ୍ୟକତା' ବୋଲି ବର୍ଣ୍ଣନା କରାଯାଏ । ଆଉ ଠିକ୍ ସେହି ବେଳେ ଅନ୍ୟ କୌଣସି ନିମ୍ନ ବର୍ଗ ସରକାରୀ କର୍ମଚାରୀଙ୍କ ପରିଶ୍ରମକୁ ବଜେଟ୍ ସଙ୍କଟର ଦ୍ୱାହି ଦେଇ ଉପେକ୍ଷା କରାଯାଏ । ଜନସେବକ/ପ୍ରତିନିଧିମାନେ ଯଦି ସମାଜର ମୂଳ ଆଧାର, ତେବେ ସମସ୍ତ ଜନସେବକଙ୍କ ପାଇଁ ସମ ନୀତି ପ୍ରଣୟନ ହେବା ଆବଶ୍ୟକ ନୁହେଁ କି ? ଏଥିରେ ବ୍ୟତିକ୍ରମ ହେଲେ ଜନତାର ବିଶ୍ୱାସ, ଯାହା ଗଣତନ୍ତ୍ରର ପ୍ରଥମ ବିଧି ବ୍ୟବସ୍ଥା ସେହିଥିରୁ ବିଚ୍ୟୁତ ହୋଇଯିବା ସ୍ୱାଭାବିକ ।

ବେତନ ବୃଦ୍ଧି କୌଣସି ଅପରାଧ ନୁହେଁ କି, ଅଯୌକ୍ତିକ/ ଅବାନ୍ତର ନୁହେଁ । କିନ୍ତୁ ଏଥିରେ ସମାନତାର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ । ବିଧାୟକଙ୍କ ବେତନ ବୃଦ୍ଧିକୁ ଯେତିକି ଗୁରୁତ୍ୱ ଦିଆଯାଉଛି; କଲ୍ୟାଣକର ଯୋଜନା ବୋଲି ବିବେଚନା କରାଯାଉଛି; ଅନୁରୂପେ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, କ୍ଷେତ୍ର କର୍ମଚାରୀ, ଠିକା କର୍ମଚାରୀ, ନିମ୍ନ ବର୍ଗ ପଦବୀଧାରୀ କର୍ମଜୀବୀ, ଅଥବା ଶ୍ରମିକ ତଥା ଦିନ ମଜୁରିଆଙ୍କ ବେତନ ବୃଦ୍ଧି କରି ସେମାନଙ୍କୁ ମଧ୍ୟ ସ୍ୱ ସ୍ୱ ଜୀବନରେ ଆଶାର ନୂଆ ଖାତା ଖୋଲିବାର ସହଜ ଅନୁଭବ କରିବାର ସୁଯୋଗ ଦିଆଯିବା ଆବଶ୍ୟକ ।

ସରକାରୀ ଦପ୍ତର ଟେବୁଲ୍ ଯଦି ସମାନ ନ୍ୟାୟର ପାଦପୀଠ ହୋଇଯାଆନ୍ତା, ତେବେ ଆମ ରାଜ୍ୟର ଦୃଶ୍ୟ ଭିନ୍ନ ହୋଇଯାନ୍ତା ଏବଂ ଅମୃତ ଅନୁଭବ ଦେବାରେ ସହାୟକ ହୋଇପାରନ୍ତା । ବିଧାନସଭାର ପବିତ୍ର ଅଟ୍ଟାଳିକା ଉପରେ ଯେପରି ସୂର୍ଯ୍ୟ ଆଲୋକ ବିଚ୍ଛୁରିତ ହୁଏ, ସେପରି ରଶ୍ମି ମଧ୍ୟ ସାଧାରଣ କର୍ମଚାରୀଙ୍କ ଘର ଅଗଣାରେ ପ୍ରତିଭାତ ହୁଏ । ତେବେ ସୂର୍ଯ୍ୟରଶ୍ମି ବିକିରଣରେ ସମାନତା ଥିବା ନ୍ୟାୟରେ ବିଧି ବ୍ୟବସ୍ଥାପକ ମାନଙ୍କ ଭଳି ସାଧାରଣ କର୍ମଚାରୀଙ୍କ ବେତନ ବୃଦ୍ଧି ବ୍ୟାପାରକୁ ସମାନ ଆଧାରରେ ବିଚାର କରାଯିବା ଜରୁରୀ । ଏହାହିଁ ହେଉଛି ସତ୍ୟ ସୁଶାସନର ମୂଳ ମନ୍ତ୍ର ।

**ପ୍ରଶାନ୍ତି ବିହାର, ଭୁବନେଶ୍ୱର-୨୪**
**ଦୂରଭାଷ ନଂ: ୯୯୩୭୫୩୭୯୭୪**

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଗୁରୁ ପଦ୍ମ ସମ୍ଭବ ତାନ୍ତ୍ରିକ ବୌଦ୍ଧ ଧର୍ମ-ବଜ୍ରଯାନକୁ ତିବ୍ବତ ଏବଂ ଭୂଟାନ, ସିକ୍କିମ୍, ନେପାଳ, ଲଦାଖ, ଅରୁଣାଚଳ ପ୍ରଦେଶ ଆଦି ହିମାଳୟ ଅଞ୍ଚଳରେ ଅଷ୍ଟମ ଶତାବ୍ଦୀରେ ହିଁ ପ୍ରତିଷ୍ଠା ଓ ପ୍ରଚାର ପ୍ରସାର କରିଥିଲେ । ଗୁରୁ ପଦ୍ମସମ୍ଭବ ସେହି ଅଞ୍ଚଳରେ ଧର୍ମ ପ୍ରଚାର କାର୍ଯ୍ୟରେ ଭ୍ରମଣ କରୁଥିବା ସମୟରେ ଏହି ହଜୋ ଅଞ୍ଚଳ ସହ ମଧ୍ୟ ସମ୍ବନ୍ଧିତ ତଥା ସଂଯୁକ୍ତ ରହିଥିଲେ । ଯଦିଚ ତାହା ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ନୁହଁ, ତେବେ ହଜୋ ନିଶ୍ଚିତ ଭାବେ ଅନ୍ୟ କୌଣସି ବୌଦ୍ଧଧର୍ମର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆଚାର୍ଯ୍ୟଙ୍କ ସହ ସଂପର୍କିତ ରହିଥିଲା । ସେହି ଆଚାର୍ଯ୍ୟ ନିଶ୍ଚିତ ରୂପେ ବୁଦ୍ଧଙ୍କ ଭଳି ସମ୍ମାନ କିମ୍ବା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧଗୁରୁ ହୋଇଥିବେ ଏବଂ ସେହିଭଳି ସମ୍ମାନ ବୌଦ୍ଧଜଗତରେ ପାଉଥିବେ । ଗୁରୁ ପଦ୍ମସମ୍ଭବ ସମଗ୍ର ବୌଦ୍ଧଜଗତରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଥିବା ସହ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀମାନେ ତାଙ୍କୁ ଭଗବାନ ବୁଦ୍ଧଙ୍କଠାରୁ ଅଧିକ ସମ୍ମାନ ତଥା ଭକ୍ତି ଅର୍ପଣ କରୁଥିଲେ । ଏଣୁ ନିଶ୍ଚିତ ଭାବେ ଏହି ହଜୋ ପୁଣ୍ୟକ୍ଷେତ୍ରଟି ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣ ସ୍ଥଳ । ସେ ଏହି ଅଞ୍ଚଳ ସହ ଅଧିକ ଜଡ଼ିତ ଏବଂ ତିବ୍ବତରୁ ଫେରିବା ପରେ ଜୀବନର ଶେଷକାଳରେ ଏ ଅଞ୍ଚଳକୁ ସେ ଅଧିକ ଯିବାଆସିବା କରୁଥିଲେ । ତାଙ୍କର ଅନ୍ତିମ ରହଣି ସ୍ଥଳ ଓଡ଼ିଶାର ଉଦୟଗିରି ମହାବିହାର ଥିଲା ।

ଉଦୟଗିରି - ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବଙ୍କର ଯାଜପୁରରେ ବିରଜାଙ୍କ ସହ ଐତିହାସିକ ସମ୍ବନ୍ଧ । ନେପାଳର ତାନ୍ତ୍ରିକ ପରମ୍ପରାରେ ବୁଦ୍ଧଙ୍କର ଭବିଷ୍ୟବାଣୀ ରହିଛି । ଏଥିରେ ଭଗବାନ ବୁଦ୍ଧ ସାରୀପୁତ୍ତଙ୍କୁ ଆଶ୍ୱାସନାବାଣୀ ଶୁଣାଉଛନ୍ତି କି ଭବିଷ୍ୟତରେ ସେ ପଦ୍ମସମ୍ଭବ ନାମ ଧାରଣ କରି ଜଣେ ବୁଦ୍ଧ ଭାବରେ ଜନ୍ମଗ୍ରହଣ କରିବେ ଏବଂ ସେତେବେଳେ ତାଙ୍କର ବିରଜାଙ୍କ ନିକଟରେ ବୋଧିପ୍ରାପ୍ତି ହେବ । ପଦ୍ମସମ୍ଭବ, ତାରା ଓ ଅନ୍ୟ ଦେବଦେବୀଙ୍କୁ ଆବାହନପୂର୍ବକ ଦଣ୍ଡାୟମାନ ଅବସ୍ଥାରେ ରହିଥିବା ବୋଧିସତ୍ତ୍ୱ ମୂର୍ତ୍ତିର ପଛପାଖରେ ପଚିଶ ଧାଡ଼ିବିଶିଷ୍ଟ ଏକ ଲମ୍ବା ଅଭିଲେଖ ଖୋଦିତ ହୋଇଛି ଏବଂ ଏହି ମୂର୍ତ୍ତି ବିରଜାଙ୍କ ନିକଟରେ ଉଦୟଗିରି ମହାବିହାରର ଧ୍ୱଂସାବଶେଷରେ ରହିଛି । ଏଥିରେ ଲେଖାଯାଇଛି- 'ତଥାଗତାଧିଷ୍ଠିତ ଧାତୁଗର୍ଭ ସ୍ତୂପ(ତଥାଗତ ବୁଦ୍ଧଙ୍କ ଦେହାବଶେଷ ଏଠାରେ ସ୍ତୂପ ମଧ୍ୟରେ ରହିଛି) । ସେହି ସ୍ତୂପ ସେହି ସ୍ଥାନରେ ରହିଥିବା ସେହି ଅଭିଲେଖ ଦର୍ଶାଉଛି । ଏହି ସ୍ତୂପରେ ନିଶ୍ଚିତଭାବେ ପଦ୍ମସମ୍ଭବଙ୍କର ଦେହାବଶେଷ ରହିଛି ଏବଂ ଏହି ସ୍ତୂପର ଧ୍ୱଂସାବଶେଷ ନିଶ୍ଚିତଭାବେ ସେହି ମୂର୍ତ୍ତି ରହିଥିବା ସ୍ଥାନଟିର ଆଖପାଖରେ ରହିଛି ବୋଲି ଗବେଷକମାନଙ୍କର ବିଶ୍ୱାସ ।

ଏସବୁରୁ ଏହା ସୂଚିତ ହେଉଛି ଯେ ଗୁରୁ ପଦ୍ମସମ୍ଭବଙ୍କ ପିତା ଇନ୍ଦ୍ରଭୂତି ଯେକି ଉଡ୍ଡୀୟାନ ଅଞ୍ଚଳର ଜଣେ ରାଜା ଥିଲେ । ଏହି ଉଡ୍ଡୀୟାନ ହେଉଛି ବର୍ତ୍ତମାନର ଓଡ଼ିଶା, ଯାହା ହେଉଛି ଓଡ୍ରପୀଠ । ଏହି ପୀଠର ପୀଠ ଦେବାଦେବୀ ହେଉଛନ୍ତି ଜଗନ୍ନାଥ ଓ ବିରଜା । ଉଦୟଗିରି ମହାବିହାରରେ କୌଣସି ମତେ ଭଗବାନ ବୁଦ୍ଧଙ୍କର ଦେହାବଶେଷ ଥିବାର କୌଣସି ସୂଚନା କୌଣସିଠାରେ ହିଁ ନାହିଁ । ତେଣୁ ଭବିଷ୍ୟବାଣୀ ମୁତାବକ ଏହି ଦେହାବଶେଷ ହେଉଛି ପଦ୍ମସମ୍ଭବଙ୍କର ।

ଉପରେ ପଦ୍ମସମ୍ଭବଙ୍କ ଦେହାବଶେଷ ତଥା ମହାପରିନିର୍ବାଣ ସଂପର୍କରେ ବିସ୍ତୃତଭାବେ ଆଲୋଚନା କରାଗଲା । ଆଲୋଚନା ମତେ ପଦ୍ମସମ୍ଭବଙ୍କର ଦେହାବଶେଷ ଉଭୟ ଆସାମର କୁଶନଗର ଅଥବା ହଜୋ ଏବଂ ଓଡ଼ିଶାର ଉଦୟଗିରିଠାରେ ରହିଥିବା ଜଣାଯାଉଛି । ଗବେଷକମାନେ ଏହି ଉଭୟସ୍ଥଳକୁ ମଧ୍ୟ ତାଙ୍କର ମହାପରିନିର୍ବାଣ ସ୍ଥଳଭାବେ ଚିହ୍ନଟ କରୁଛନ୍ତି । ପରମ୍ପରା ହଜୋର ଗୁରୁତ୍ୱ ଦର୍ଶାଉଥିବା ବେଳେ ପୁରାଣତ୍ତ୍ୱିକ ପ୍ରାମାଣିକ ତଥ୍ୟ ଦୃଢ଼ଭାବରେ ଉଦୟଗିରି ବିଷୟ ଦର୍ଶାଉଛି । ଗୁରୁ ପଦ୍ମସମ୍ଭବ ତିବ୍ବତରୁ ଫେରିବା ପରେ ଏହି ଉଦୟଗିରିଠାରେ ହିଁ ଅବସ୍ଥାନ କରୁଥିଲେ । ଜୀବନର ଶେଷ ଭାଗରେ ତାଙ୍କର ଜନ୍ମଭୂମି ଉଡ୍ଡୀୟମାନ (ଓଡ଼ିଶା)ରୁ ଆସାମ, ଭୂଟାନ ଅଞ୍ଚଳକୁ ଅନେକବାର ଯିବା ଆସିବା କରୁଥିଲେ । ଏଣୁ ଉଭୟ ସ୍ଥଳ ତାଙ୍କର ମହାପରିନିର୍ବାଣ ସ୍ଥଳ ହୋଇପାରେ । ମାତ୍ର ପୁରାଣତାତ୍ତ୍ୱିକ ଦୃଷ୍ଟିକୋଣରୁ ଉଦୟଗିରିକୁ ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣସ୍ଥଳ ବୋଲି ଦୃଢ଼ ଭାବେ ଗ୍ରହଣ କରାଯାଇପାରିବ । (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

**କାର୍ଯ୍ୟନିର୍ବାହୀ ସମ୍ପାଦକ**



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ବର୍ଷିଲେ ପ୍ରଫୁଲ୍ଲ ସାମନ୍ତରା

# ‘ପ୍ରଶ୍ନ ପଚାରି ବ୍ୟବସ୍ଥା ପରିବର୍ତ୍ତନ କରନ୍ତୁ ଯୁବପିଢ଼ି’

**ଭୁବନେଶ୍ୱର, ୧୨ ।୧୨(ସମିସ):** ଥରେ ବିଧାୟକ ହେଲେ ସାଢ଼େ ୩ ଲକ୍ଷ ଟଙ୍କା ଦରମା ମିଳିବ । ଦିନେ ପାଇଁ ବିଧାୟକ ହେଲେ ବି ଦରମା ସାଙ୍ଗକୁ ପେନସନ ପାଇଁ ହକଦାର ହେବେ । ଜଣେ ବିଧାୟକ ଯଦି ସାଂସଦ ହେବେ ବା ହୋଇଥିବେ, ତାହେଲେ ଦୁଇଟି ପେନସନ୍ ପାଇବେ । ଲୋକଙ୍କ ସେବା ପାଇଁ ଆସୁଥିବା ଲୋକ ପ୍ରତିନିଧିମାନେ ମଧ୍ୟ ନୈତିକତା ହରାଇ ଏକାଧିକ ପେନସନ୍ ନେଉଛନ୍ତି । ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାୟକଙ୍କ ଦରମାକୁ ରାଜ୍ୟ ସରକାର ୩ ଗୁଣ ବୃଦ୍ଧି କରିବା ପରେ ସରକାର ଓ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା ।

ଶ୍ରୀ ସାମନ୍ତରା କହିଛନ୍ତି ଯେ ଜଣେ ବ୍ୟକ୍ତି ଏକାଧିକ ସରକାରୀ ଚାକିରି କରିଥିଲେ ମଧ୍ୟ କେବଳ ଗୋଟିଏ ପେନସନ୍ ପାଉଛନ୍ତି । ହେଲେ ଲୋକଙ୍କ ସେବା କରିବାକୁ କହି ନିର୍ବାଚିତ ହେଉଥିବା ଲୋକ ପ୍ରତିନିଧିମାନେ ଏକାଧିକ ପେନସନ୍ ଉଠାଉଛନ୍ତି । ଏହା ପେନସନ୍ ପ୍ରଦାନରେ ଅସମାନତା ସୃଷ୍ଟି କରୁଥିବାରୁ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ରାଜ୍ୟ ଓ ଦେଶର

**ଲୋକ ପ୍ରତିନିଧି ନେଉଛନ୍ତି ଏକାଧିକ ପେନସନ୍**

**ଆର୍ଥିକ ସ୍ୱଚ୍ଛଳ ସତ୍ତ୍ୱେ କାହିଁକି ମିଳୁଛି ସହାୟତା**

ନିର୍ବାଚିତ ପ୍ରତିନିଧିଙ୍କୁ ସେ ଆହ୍ୱାନ ଦେଇଛନ୍ତି । ଅନୁରୂପ ଭାବେ ନିକଟରେ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତିକୁ ସେ ନିନ୍ଦା କରିଛନ୍ତି । ଦେଶରେ ବେକାରୀ ହାର ବଢୁଥିବାବେଳେ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଉ ନାହିଁ । କୌଣସି ଭତ୍ତା ପ୍ରଦାନ କରାଯାଉ ନାହିଁ । ଦିନ ମଜୁରିଆଙ୍କ ଦୈନିକ ମଜୁରୀ ବଢ଼ାଇବାକୁ ସରକାର ପ୍ରସ୍ତୁତ ନାହାନ୍ତି । ଅନେକ ଦିନକୁ ମାତ୍ର ଶହେ ଟଙ୍କାରେ ଖଟୁଛନ୍ତି । ଅସହାୟ ବୃଦ୍ଧ ବୃଦ୍ଧାଙ୍କ ପେନସନ୍‌କୁ ସେମାନଙ୍କ ଚଳିବା ଭଳିଆ ପ୍ରଦାନ କରାଯାଉ ନାହିଁ । ହେଲେ ନୀତି ନିର୍ଦ୍ଧାରଣ କରୁଥିବା ବିଧାୟକ ନିଜର ଦରମା ନିଜେ ବଢ଼ାଇ ଦେଉଛନ୍ତି । ଏହା ଅନୈତିକ ଓ ଜନତାଙ୍କ ପ୍ରତି ସ୍ପଷ୍ଟ ପ୍ରତାରଣା ବୋଲି ଶ୍ରୀ ସାମନ୍ତରା କହିଛନ୍ତି । ସେହିପରି ବିଧାୟକ ଓ ସାଂସଦ ମାନଙ୍କୁ ଆଜୀବନ ପେନସନ୍ ପ୍ରଦାନକୁ ସେ ବିରୋଧ କରିଛନ୍ତି । ସାଧାରଣ ଲୋକେ ରାସନ୍‌କାର୍ଡ ଖଣ୍ଡେ କରିବା ପାଇଁ ଯେପରି ବିଭିନ୍ନ ମାନଦଣ୍ଡ ରହିଛି, ବିଧାୟକଙ୍କ କ୍ଷେତ୍ରରେ ମଧ୍ୟ ମାନଦଣ୍ଡ ରହିବା ଆବଶ୍ୟକ । ଅନେକ ବିଧାୟକ ଆର୍ଥିକ ସ୍ୱଚ୍ଛଳ ଥିବାରୁ ସେମାନଙ୍କୁ ପେନସନ୍ ପ୍ରଦାନ କରିବା ଯଥାର୍ଥ ନୁହେଁ । ରାଜ୍ୟ ଓ ଦେଶର ଯୁବପିଢି ଏହାକୁ ନେଇ ପ୍ରଶ୍ନ କରିବା ସହ ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

# ବିଧାୟକଙ୍କ ଦରମା ବୃଦ୍ଧିକୁ ସିପିଆଇ(ଏମ୍)ର ତୀବ୍ର ବିରୋଧ

**ଭୁବନେଶ୍ୱର,୧୨ ।୧୨(ସମିସ):** ଓଡ଼ିଶା ବିଧାନସଭା ସଦସ୍ୟଙ୍କ ବେତନ, ଭତ୍ତା ଓ ପେନ୍‌ସନ୍ (ସଂଶୋଧନ) ବିଲ୍-୨୦୨୫କୁ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି(ସିପିଆଇଏମ୍)ର ଓଡ଼ିଶା ରାଜ୍ୟ କମିଟି ତୀବ୍ର ବିରୋଧ କରିଛି । ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ବେତନ, ଭତ୍ତା ଓ ପେନସନ୍ ବଡ଼ ପରିମାଣରେ ବଢ଼ାଇବା ପାଇଁ ଏହି ବିଲ୍ ପାରିତ ହୋଇଛି । ଏହି ବିଲ୍ କୌଣସି ଗୁରୁତ୍ୱପୂର୍ଣ୍ଣ, ଗଭୀର ଏବଂ ବ୍ୟାପକ ଆଲୋଚନା ବିନା ପାରିତ ହୋଇଛି । ତେଣୁ ରାଜ୍ୟପାଳ ଏହି ଜନବିରୋଧୀ ବିଲ୍‌କୁ ଫେରାଇ ଦିଅନ୍ତୁ ବୋଲି ଦଳ ଅନୁରୋଧ କରିଛି ।

ଦଳ ପକ୍ଷରୁ କୁହାଯାଇଛି, ଏହି ବିଲ୍ ଓଡ଼ିଶାର ଲୋକଙ୍କ ଯନ୍ତ୍ରଣା ପ୍ରତି ସମ୍ପୂର୍ଣ୍ଣ ଅସମ୍ବେଦନଶୀଳତା ପ୍ରତିଫଳିତ କରୁଛି । ଏବେ ରାଜ୍ୟରେ ଭୟଙ୍କର ବେକାରୀ, କୃଷି ସଙ୍କଟ, ଅସ୍ଥାୟୀ, ଆଉଟ୍‌ସୋର୍ସିଂ, ଠିକା କର୍ମଚାରୀଙ୍କ ପାଇଁ ଅତି କମ୍

**ବିଲ୍ ଫେରାଇଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ**

ମଜୁରୀ/ ବେତନ ସାଙ୍ଗକୁ ଅତ୍ୟାବଶ୍ୟକ ଜିନିଷର ଆକାଶଛୁଆଁ ଦର ରହିଛି ଏବଂ ହଜାର ହଜାର ସ୍କିମ୍ କର୍ମୀ, ଶ୍ରମିକ, ଶିକ୍ଷକ, ଚୁକ୍ତିଭିତ୍ତିକ କର୍ମଚାରୀ, ଚାଷୀ ଓ ଗ୍ରାମୀଣ ଶ୍ରମିକମାନେ ବଞ୍ଚିବା ପାଇଁ ସଂଘର୍ଷ କରି ଗାନ୍ଧୀ ମାର୍ଗରେ ହାଡ଼ଭଙ୍ଗା ଶୀତରେ ଡେରା ପକାଇଛନ୍ତି । ମାତ୍ର ଜୀବନ ଏବଂ ଜୀବିକାର ଏପରି ଏକ ସଂକଟ ସମୟରେ ନିଜ ଲାଭ ଏବଂ ଲୋଭ ପାଇଁ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅନ୍ୟାୟ, ଅଗଣତାନ୍ତ୍ରିକ ଏବଂ ଲୋକବିରୋଧୀ ବୋଲି ସିପିଆଇ(ଏମ୍) କହିଛି । ଲୋକପ୍ରତିନିଧିମାନେ ଲୋକଙ୍କ ସମସ୍ୟା ଏବଂ ଯନ୍ତ୍ରଣାକୁ ପ୍ରତିଫଳିତ କରିବା ଉଚିତ୍ । ନିଜ ପଦବୀକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି ସିପିଆଇ(ଏମ୍) କହିଛି । ରାଜ୍ୟବାସୀଙ୍କ ହିତରେ ପୁଣିଥରେ ବ୍ୟାପକ ଆଲୋଚନା, ପରୀକ୍ଷଣ ଓ ପୁନର୍ବିଚାର କରିବାକୁ ରାଜ୍ୟପାଳ ଏହି ବିଲ୍ ବିଧାନସଭାକୁ ଫେରାଇଦେବାକୁ ଦଳ ଦାବି କରିବା ସହ ରାଷ୍ଟ୍ରପତି ମଧ୍ୟ ଏହି ବିଲ୍ ଉପରେ ହସ୍ତକ୍ଷେପ କରନ୍ତୁ ବୋଲି ଦଳ ନିବେଦନ କରିଛି । ଏହିପରି ଲୋକବିରୋଧୀ ବିଲ୍‌କୁ ସ୍ୱଚ୍ଛ ଆଲୋଚନା ଓ ଲୋକ ପରାମର୍ଶ ବିନା କାର୍ଯ୍ୟକାରୀ ହେବାକୁ ଅନୁମତି ନ ଦେବାକୁ ଦଳ କହିଛି ।

# ଦୋଷମୁକ୍ତ କର୍ମଚାରୀଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦଣ୍ଡିତ କରାଯାଇପାରିବ ନାହିଁ: ହାଇକୋର୍ଟ

**କଟକ,୧୨ ।୧୨(ସମିସ):** ଭିଜିଲାନ୍ସ ପ୍ରକ୍ରିୟାରେ ଦୋଷମୁକ୍ତ ହୋଇଥିବା କର୍ମଚାରୀଙ୍କୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏଥିସହ ଆବେଦନକାରୀଙ୍କ ବିରୋଧରେ ପୁଲିସ ଡିଜିଙ୍କ ପକ୍ଷରୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଗତ ୨୦୧୯ ଜୁନ୍ ୩୦ରେ ପ୍ରଦାନ କରାଯାଇଥିବା ଦୁଇଟି ବ୍ଲାକ୍ ମାର୍କ ଦଣ୍ଡକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି । ଅନ୍ୟପଟରେ ଆବେଦନକାରୀଙ୍କ ପକ୍ଷରୁ ଉପରୋକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କରି ସରକାର ପ୍ରଦାନ କରିଥିବା ଗତ୨୦୨୧ ଅକ୍ଟୋବର୩୦ର ଆଦେଶକୁ ମଧ୍ୟ ଅଦାଲତ ରଦ୍ଦ କରିଦେଇଛନ୍ତି । ଅଜୟ କୁମାର ଜେନାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଚାକିରିରେ ଥିବା ବେଳେ ତାଙ୍କ ବିରୋଧରେ ଗତ ୨୦୧୧ରେ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ଏହି ମାମଲାରେ ତାଙ୍କୁ ଗତ ୨୨.୦୯.୨୦୧୫ ତାରିଖର ରାୟ ଅନୁଯାୟୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ । ହେଲେ ଭିଜିଲାନ୍ସ ମାମଲା ଆଧାରରେ ଆବେଦନକାରୀଙ୍କ ବିରୋଧରେ ଚାଲିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦୁଇଟି ବ୍ଲାକ ମାର୍କ ଦଣ୍ଡ ଦେଇଥିଲେ । ଯେଉଁ ଭିଜିଲାନ୍ସ ମାମଲା ଆଧାରରେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ସେହି ମାମଲାରେ ଦୋଷମୁକ୍ତ ହେବା ସତ୍ତ୍ୱେ ତାଙ୍କୁ ବ୍ଲାକ ମାର୍କ ମିଳିବା ବେଆଇନ ଦର୍ଶାଇ ସରକାରଙ୍କୁ ଫେରାଦ ହୋଇଥିଲେ ।

## ଅବଶିଷ୍ଟାଂଶ...

### ସରିଲା ବିଧାନସଭା...

କରିଛନ୍ତି । ବିକ୍ଷୋଭରେ ଶିକ୍ଷକଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗଦେଇ କହିଥିଲେ, ବିରୋଧୀ ଦଳରେ ଥିବାବେଳେ ଶିକ୍ଷକମାନଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହ ଧାରଣାସ୍ଥଳକୁ ଆସି ଆନ୍ଦୋଳନକୁ ସମର୍ଥନ କରିଥିବା ଏବକାର ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଶାସନକୁ ଆସିବା ପରେ ଟାଳଟୁଳ ନୀତି ଆପଣାଇ ଶିକ୍ଷକମାନଙ୍କୁ ପ୍ରତାରିତ କରିଛନ୍ତି । ଅପରପକ୍ଷରେ କାଳକ୍ଷେପଣ ନୀତି ସଦୃଶ କମଟି ଗଠନ କରିଛନ୍ତି । ପୂର୍ବରୁ ଏକାଧିକବାର କମିଟି ଗଠନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏଣୁ କମିଟି ଗଠନ ଆଳରେ ବିଳମ୍ବ ନ କରି ସେମାନଙ୍କ ଦାବିକୁ ତ୍ୱରିତ ପୂରଣ କରିବାକୁ ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର କହିଛନ୍ତି । ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ସଚିବ ଆଲୋଚନା କରିଛନ୍ତି । ସମସ୍ତ ଦାବିକୁ ଶୁଣିବା ପରେ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ସଂଘ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

ଅନୁରୂପ ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶୁକ୍ରବାର ଗାନ୍ଧୀମାର୍ଗରେ ଆନ୍ଦୋଳନ କରିଛନ୍ତି । ଦୀର୍ଘ ବର୍ଷରୁ ନିରବଚ୍ଛିନ୍ନ ଭାବେ ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବା ସହ କ୍ରୀଡ଼ା ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପଛରେ ରହିଥିବା ଶିକ୍ଷକଙ୍କ ଦାବିକୁ ପୂରଣ କରିବାକୁ ଦାବି କରିଛନ୍ତି । ଏଣୁ ସେମାନଙ୍କ ପାଇଁ କ୍ୟାରିଅର୍ ଆଡ୍‌ଭାନ୍ସମେଣ୍ଟ ପଲିସି ଲାଗୁ କରିବା ସହ ନିୟମିତ କରିବାକୁ ସଂଘର ଆବାହକ ଜଗଦାନନ୍ଦ ଗିରି ଓ ରଶ୍ମିରଞ୍ଜନ ସାହାଣୀଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି ।

### ରାତିରେ ଶୀତର...

କରାଯାଇଛି । ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଥିବା ବେଳେ ଶୀତର ପ୍ରଭାବ ଅଧିକ ରହୁଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୨୪ ଘଣ୍ଟାରେ ୯ ଜିଲ୍ଲା ଅର୍ଥାତ ସୁନ୍ଦରଗଡ, ଅନୁଗୁଳ, ଝାରସୁଗୁଡା, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଅନୁଭୂତ ହେବାର ସମ୍ଭାବନା ରହିଛି । ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେପଟେ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେଉଥିବା ବେଳେ ଆହୁରି ୪୮ ଘଣ୍ଟା ଘନ କୁହୁଡିର ପ୍ରଭାବ ରହିବ ବୋଲି ଜଣାପଡ଼ିଛି । ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼ ଓ କୋରାପୁଟରେ ଘନ କୁହୁଡ଼ିର ଦୃଶ୍ୟମାନ ହୋଇପାରେ, ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେ ଆହୁରି କହିଛନ୍ତି, ରାଜ୍ୟରେ ଆହୁରି ଦୁଇ ଦିନ ଯାଏଁ ପ୍ରବଳରୁ ଅତିପ୍ରବଳ ଶୀତ ଅନୁଭୂତ ହେବ । ଏହାପରେ ଗୋଟିଏ କିମ୍ବା ଦୁଇ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ । ଆସନ୍ତା ୭ ଦିନ ମଧ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି ।

### ବୀମା କ୍ଷେତ୍ରରେ...

ଯାହା ଫଳରେ ସେବାର ଗୁଣବତ୍ତା ଉନ୍ନତ ହେବ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୀମା ଶିଳ୍ପରେ ବିଦେଶୀ ନିବେଶ ସୀମାକୁ ୭୪%ରୁ ୧୦୦% କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ ।

### ନବମ ଶ୍ରେଣୀ...

କରିଥିଲା । ତାକୁ ଧରିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା । ପୁଲିସ ତା’ ପରିବାରଲୋକଙ୍କୁ ଏ ସଂପର୍କରେ ଖବର ଦେବା ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେଇଛି ।

ଛାତ୍ରଜଣଙ୍କ ପୂର୍ବରୁ ମଧ୍ୟ ବହୁବାର ସ୍କୁଲକୁ ବନ୍ଧୁକ ଆଣିଥିବା କର୍ତ୍ତୃପକ୍ଷ କହିଛନ୍ତି । ଏତେ ଛୋଟ ପିଲା ପାଖରେ ବନ୍ଧୁକ, ଗୁଳି କେଉଁଠୁ ଆସିଲା, କିଏ ତାକୁ ଦେଇଛି, ସେନେଇ ପୁଲିସ ତଦନ୍ତ ଚଳାଇଛି । ଏହା ପଛରେ ଚୋରା ବନ୍ଧୁକ ରାକେଟ୍‌ର ସଂପୃକ୍ତି ଥିବା ଅନୁମାନ କରାଯାଉଛି । ପୁଲିସ ନଜରରୁ ବର୍ତ୍ତିବା ପାଇଁ ଛୋଟଚୋଟ ପିଲାଙ୍କ ଜରିଆରେ ବନ୍ଧୁକ ଚୋରା କାରବାର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ଏହି ଘଟଣା ପଦାକୁ ଆସିବା ପରେ ବୁଦ୍ଧିଜୀବୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟ ପରିସରରେ ଶିକ୍ଷା ପରିବେଶ ନିରାପଦ କରିବା ପାଇଁ ପୁଲିସ ଓ ଶିକ୍ଷା ବିଭାଗ ଦୁହିଁଙ୍କୁ ସୁଦ୍ଧାର ଓ ନିରୀକ୍ଷଣ ବଢ଼ାଇବା ଦାବି ଉଠିଛି ।

### କୋର୍ଟ ରୁମ୍‌ରେ...

୪୦ ପର୍ଯ୍ୟନ୍ତ ଚାଲିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପୁଣି ୩ଟାରୁ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ନିଜନିଜ ଯୁକ୍ତିକୁ ନେଇ ଜୋରଦାର ତର୍କ ହୋଇଥିଲା । ଏହା ବ୍ରହ୍ମପୁର କୋର୍ଟ ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଉଛି ।

ଏହି ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ମୋଟ ୧୬ଜଣଙ୍କୁ ଗିରଫ କରିଛି । ସେଥିମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ପିଣ୍ଟୁ ଦାଶ, ଆଇନଜୀବୀ ମଦନ ମୋହନ ଦଳେଇ, ସୁନୀଲ ହୋତା ଓ ଶୂନ୍ୟଚନ୍ଦ୍ର ଦାସଙ୍କ ପାଇଁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି । କୋର୍ଟଙ୍କ ଆଦେଶକ୍ରମେ ପୁଲିସ ଗତ ୯ ତାରିଖରେ ୩୭୨ପୃଷ୍ଠା ବିଶିଷ୍ଟ କେସ୍ ଡାଏରୀ (ସିଡି) ଦାଖଲ କରିବା ପରେ ଉକ୍ତ ଦିନ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଆରମ୍ଭ ହୋଇଥିଲା । ଆଜି ପୁଣି ଶୁଣାଣି ହୋଇଥିଲା ।

ବିକ୍ରମଙ୍କ ସମେତ ଜାମିନ ଆବେଦନ କରିଥିବା ସମସ୍ତ ୫ଜଣଙ୍କ ଗିରଫଦାରୀକୁ ନେଇ ସେମାନଙ୍କ ଓକିଲମାନେ ଆପତ୍ତି ଉଠାଇଥିଲେ । ପୁଲିସ ସମସ୍ତଙ୍କୁ ବେଆଇନ ଭାବେ ଗିରଫ କରି ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରିଥିବା ଦର୍ଶାଇଥିଲେ । ଖାସ୍ କରି ଅଭିଯୁକ୍ତଙ୍କ ଗିରଫ କ୍ଷେତ୍ରରେ ପୁଲିସ ‘ମେମୋ ଅଫ ଆରେଷ୍ଟ’ ଓ ‘ଗ୍ରାଉଣ୍ଡ ଅଫ୍ ଆରେଷ୍ଟ’ ସଠିକ୍ ଭାବେ ଦର୍ଶାଇ ନଥିବା ବେଳେ ସେଥିରେ ସାକ୍ଷ୍ୟ ଭାବେ ଦର୍ଶାଇଥିବା ବ୍ୟକ୍ତିଙ୍କୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ ।

ବଡ଼ କଥା ହେଲା, ବିକ୍ରମଙ୍କୁ ତାଙ୍କ ଘରୁ ଉଠାଇନେବା ଓ ପରେ ଗିରଫ ଦର୍ଶାଯାଇଥିବା ବେଳେ ମେମୋ ଅଫ୍ ଆରେଷ୍ଟରେ ସ୍ଥାନୀୟ ଲୋକ ପରିବର୍ତ୍ତେ ବଡ଼ବଜାର ଅଞ୍ଚଳର ଚନ୍ଦ୍ରଶେଖର ଗୌଡ଼ ନାମକ ଜଣେ ସମ୍ମାନିତ ବ୍ୟକ୍ତିଙ୍କୁ ପୁଲିସ ସାକ୍ଷୀ ରଖିବା ଘଟଣାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଜୋରଦାର୍ ବିତର୍କ ହୋଇଥିଲା । ଜଣେ ମଦ ବ୍ୟବସାୟୀ, ଯାହାଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଛି, ସେ କିଭଳି ଭାବେ ପୁଲିସ ଆଖିରେ ଜଣେ ସମ୍ମାନିତ ବ୍ୟକ୍ତି ହେଲେ ଏବଂ ବିକ୍ରମଙ୍କ ପରିବାର ସଦସ୍ୟଙ୍କୁ କାହିଁକି ପୁଲିସ ବିଶ୍ୱାସକୁ ନେଲା ନାହିଁ, ତାକୁ ନେଇ ମଧ୍ୟ ପ୍ରଶ୍ନ କରିଥିଲେ ବିକ୍ରମଙ୍କ ଓକିଲ । ପୁଲିସର ଏଭଳି ବିଭିନ୍ନ ଭୁଲଭଟ୍‌କାକୁ ଦର୍ଶାଇ ଅଭିଯୁକ୍ତଙ୍କ ଓକିଲ ଜାମିନ ପ୍ରଦାନ କରିବାକୁ କୋର୍ଟକୁ ନିବେଦନ କରିଥିଲେ ।

ସେପଟେ, ଜାମିନ ଆବେଦନକୁ ଖାରଜ କରିବାକୁ ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି । ସିଡିଆର୍ ରିପୋର୍ଟ ଏବଂ ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ଅନେକ ସୁରାକ ମିଳିଛି । ବର୍ତ୍ତମାନ ପରିସ୍ଥିତିରେ ଜାମିନ ପ୍ରଦାନ କରାଗଲେ ସାକ୍ଷୀଙ୍କୁ ପ୍ରଭାବିତ କରି ତଦନ୍ତ ଦିଗହରା ହେବାର ଆଶଙ୍କା ରହିଛି ବୋଲି ଯୁକ୍ତି ବାଢ଼ିଥିଲେ ।

ନିଜନିଜ ଯୁକ୍ତି ସପକ୍ଷରେ ଉଭୟ ପକ୍ଷର ଓକିଲଙ୍କ ପକ୍ଷରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟ ସମେତ ସୁପ୍ରିମକୋର୍ଟଙ୍କ ରାୟକୁ ଉପସ୍ଥାପନ କରିଥିଲେ । ଦୀର୍ଘ ସମୟ ଧରି ଉଭୟ ପକ୍ଷର ଯୁକ୍ତି ଓ ସେମାନଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ଉଚ୍ଚ ଅଦାଲତର ରାୟକୁ ଧ୍ୟାନର ସହ ଶୁଣିଥିଲେ ବିଚାରପତି । ଜାମିନ ଆବେଦନର ଶୁଣାଣି ଶୁକ୍ରବାର ଶେଷ ହୋଇଥିବା ବେଳେ ଆସନ୍ତା ୧୬ ତାରିଖ ମଙ୍ଗଳବାର ରାୟ ପ୍ରକାଶ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ସରକାରଙ୍କ ଦ୍ୱାରା ନିଯୁକ୍ତ ତଥା ମକଦ୍ଦମା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି କାଳୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।

ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସମେତ କୁମାରକାନ୍ତ ବେହେରା, କୈଳାଶ ପଣ୍ଡା, ଦୀପକ ପଟ୍ଟନାୟକ, ସଂଜିତ କୁମାର ପାଣିଗ୍ରାହୀ, ଶିବ ନାରାୟଣ ସାହୁ, ଅନନ୍ତ ନାରାୟଣ ମହାନ୍ତି, ରବୀନ୍ଦ୍ର କୁମାର ଦେଓ, ଚକ୍ରପାଣି ନାହକ ଓ ଶୈଳଜା ନନ୍ଦନ ଦାସ ପ୍ରମୁଖ ମକଦ୍ଦମା ପରିଚାଳନା କରିଥିଲେ ।

### ରାଜଧାନୀର ହୁକ୍କା ବାର୍‌ରେ...

ଅଗ୍ନିଶମ ବିଭାଗକୁ ଫୋନ୍ ଯାଇଥିଲା । ୭ଟି ଦମକଳ ଗାଡି ଓ ଅଗ୍ନିଶମ କର୍ମଚାରୀ ୨ ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ ।

ତେବେ ନିଆଁ କେମିତି ଲାଗିଲା ଏହାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକଙ୍କ ସହ ବିବାଦ ଯୋଗୁଁ ରେଷ୍ଟୋରାଁରେ କେହି ଜାଣିଶୁଣି ନିଆଁ ଲଗାଇ ଦେଇଥିବା ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ରେଷ୍ଟୋରାଁ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ କହିବା ମୁତାବକ ନିକଟସ୍ଥ ଏକ ହୋଟେଲର ଏୟାର କଣ୍ଡିସନରରେ ପ୍ରଥମେ ସର୍ଟ୍ ସର୍କିଟ୍ ହୋଇଥିଲା ଓ ପରେ ନିଆଁ ସାରା ରେଷ୍ଟୋରାଁକୁ ବ୍ୟାପିଥିଲା । ଅନ୍ୟପକ୍ଷରେ ଅନ୍ୟ କିଛି ଲୋକ ଅଗ୍ନିକାଣ୍ଡ ପାଇଁ ରେଷ୍ଟୋରାଁ ମାଲିକ ଏବଂ କର୍ମଚାରୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି । ପ୍ରକୃତ କାରଣ ଖୋଜିବାକୁ ପୁଲିସ ଏହାର ଅନୁସନ୍ଧାନ ଚଳାଇଛି ।

ଏହି ରେଷ୍ଟୋରାଁରେ ଅଗ୍ନିକାଣ୍ଡ ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ଲୋକେ ଏକତ୍ର ହୋଇ ରେସ୍ତେରାଁରେ ଚାଲିଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରିଥିଲେ । ଅଗ୍ନିକାଣ୍ଡ ପରେ ରେଷ୍ଟୋରାଁ ପରିଚାଳନାକୁ ନେଇ ଉଠିଛି ଅନେକ ପ୍ରଶ୍ନ । ଏହି ରେଷ୍ଟୋରାଁକୁ ବାର୍ ଭଳି ପରିଚାଳନା କରାଯାଉଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଥିଲା । ଏଠାରେ ମଦ ପରସେ ଯାଉଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ରାତି ୪ଟା ପର୍ଯ୍ୟନ୍ତ ଖୋଲାଯାଉଥିଲା । ସ୍ଥାନୀୟ ଲୋକେ ବାରମ୍ବାର ଏହାକୁ ନେଇ ଭୁବନେଶ୍ୱର ଡିସିପିଙ୍କୁ ଅଭିଯୋଗ କରିଥିଲେ । ଏହାପରେ ଅବକାରୀ ବିଭାଗ ଉକ୍ତ ରେସ୍ତେରାଁରେ ରେଡ୍ କରିଥିଲେ ମଧ୍ୟ କିଛି ଲାଭ ହୋଇ ନଥିଲା ।

ତେବେ ସତ୍ୟବିହାର ଭଳି ଏକ ରେସିଡେଣ୍ଟାଲ୍ ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଭଳି ଭାବେ ରେଷ୍ଟୋରାଁ ଅପରେଟ୍ କରୁଥିଲା ବୋଲି ପ୍ରଶ୍ନ ଉଠିଛି । ଯଦି ଏଠାରେ ମଦ ପରସାଯାଉଥିଲା ପୁଲିସ କିମ୍ବା ଅବକାରୀ ବିଭାଗ କିପରି କିଛି ଜାଣିପାରୁ ନ ଥିଲା । ଅନ୍ୟପକ୍ଷରେ ବାରରେ ଥିବା ଏକ ଖାତା କିଛି ଫର୍ଦ୍ଦ ଗଣମାଧ୍ୟମ ସାମ୍ନାକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ । ରେଷ୍ଟୋରାଁ ପକ୍ଷରୁ ପ୍ରତ୍ୟେକ ମାସରେ ବିଏମ୍‌ସି ପାଇଁ ୩ହଜାର ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ ପିସିଆର୍ କର୍ମଚାରଙ୍କ ପାଇଁ ଦୈନିକ ୫ଶହ ଟଙ୍କା ଖର୍ଚ୍ଚ କରାଯାଉଥିବା ଉଲ୍ଲେଖ ରହିଛି । ଏହି ଟଙ୍କା ସେମାନେ ପୁଲିସ ଏବଂ ବିଏମ୍‌ସି ପାଇଁ ଖର୍ଚ୍ଚ କରୁଥିଲେ ତାହାକୁ ନେଇ ଏବେ ସନ୍ଦେହ ବଢିବାରେ ଲାଗିଛି ।

ଏନେଇ ଅଗ୍ନିକାଣ୍ଡ ପରେ ସାମ୍ନାକୁ ଆସିଛି ଅବକାରୀ ବିଭାଗ । ଅବକାରୀ ବିଭାଗ ପକ୍ଷରୁ କୌଣସି ବାର୍ ଲାଇସେନ୍ସ ଦିଆଯାଇ ନାହିଁ ବୋଲ ସ୍ପଷ୍ଟ କରାଯାଇଛି । ଅବକାରୀ ସୁପରିଟେଣ୍ଟ୍ ଦେବାଶିଷ ପଟେଲ କହିଛନ୍ତି ଏକ ମାସ ତଳେ ଏଠାରେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା । ଏହାପରେ ଅବକାରୀ ବିଭାଗ ଘଟଣାସ୍ଥଳରେ ପହଁଞ୍ଚି ଯାଞ୍ଚ କରିଥିଲେ ବି ସେପରି କିଛି ସାମଗ୍ରୀ ମିଳି ନ ଥିଲା ।

ତେବେ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ମଧ୍ୟ ସନ୍ଦେହ ଘେରକୁ ଆସିଛି । ଏହି ରେଷ୍ଟୋରାଁର ଫାୟାର ଲାଇସେନ୍ସ ନ ଥିଲା ବେଳେ ଏହାକୁ ଚାଲିବାକୁ କିପରି ଅନୁମତି ଦିଆଯାଇଥିଲା । କଣ ପାଇଁ ରେଷ୍ଟୋରାଁକୁ ବନ୍ଦ କରାଗଲା ନାହିଁ । କିଛିଦିନ ତଳେ ଗୋଆ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା । ଏହି ଘଟଣାରୁ ଅଗ୍ନିଶମ ବିଭାଗ କିପରି କିଛି ଶିଖି ପାରିଲା ନାହିଁ ବୋଲି ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ଏହି ସମୟରେ ଫାୟାର ଡ଼ିଜି ସୁଧାଂଶୁ ଷଡ଼ଙ୍ଗୀ ଆସନ୍ତା ୧୦ଦିନ ମଧ୍ୟରେ ସମସ୍ତ ବାର୍‌ର ଫାୟାର ଲାଇସେନ୍ସ ଯାଞ୍ଚ କରାଯିବ ବୋଲି ଘୋଷଣା କରିଛନ୍ତି ।

**PUBLIC NOTICE**

This is to inform that my client, Mrs. Kamini Kar, has lost the original registered sale deed No. 552, dated 14/02/1992 relating to Khata No. 519/74, Plot No. 23/1066, Mouza-Puri Sahar Unit No. 17, Dolamandap Sahi, Puri. An FIR (Complaint No. 245020390 72500150) has been lodged at Puri Town Police Station on 11th Dec 2025. Any person having a claim or objection over the said property is required to submit it with proof within 15 days from the date of this notice. If the original deed is not found within this period, the certified copy from the registry office will be treated as the original document.

Jayashree Jena (Advocate) Puri
Court Ph: 8144775325

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
• B. Pharm — Rs. 58,000/- P.A. — Eligibility: +2 Sc. (PCB/M & OJEE Appeared)
• D. Pharm — Rs. 48,000/- P.A. — Eligibility: +2 Sc. (PCB/M)
• B.M.L.T. — Rs. 58,000/- P.A. — Eligibility: +2 Sc. (PCB/M with 50 % Mark)
• D.M.L.T. — Rs. 48,000/- P.A. — Eligibility: +2 Sc. Pass (PCB/M )
• M.P.H. — Rs. 42,000/- P.A. — Eligibility: Any Graguate
ALL COURSE FEES ARE EXCLUDING HOSTEL

**Tender Notice**

IGSSS invites quotations from reputed and experienced service providers for Pond Desilting and Toilet Construction work. Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, **please contact 9711387171 / 8984983103**

**AFFIDAVIT**

By Virtue of an affidavit Before the Executive Magistrate: Sadar, Cuttack, Odisha. I **Smt. HARSHITA KANKARIA,** aged about 25 years, D/O: Rajendra Kankaria, Village: Gulab Badi, PO: Arya Samaj Road, P.S.: Kota, Kota City, Dist: Rajasthan-324006. declare by this Affidavit No.: 10680, dtd: 13.10.2023, I have Changed my name from Harshita Kankaria to **HARSHITA CHORARIA.** Harshita Kankaria & Harshita Choraria is one and the same person. Henceforth I shall be known as **HARSHITA CHORARIA** for all purposes.

**AFFIDAVIT**

By virtue of an affidavit no.2927, before Executive Magistrate, Phulbani dated 24.11.2025 I, Krishnamayee Majhi, residing at Bandhagada, P.O. Bandhagada, P.S.: Phiringia, Dist.: Kandhamal, - 762011 have changed my name from Krishnamayee Majhi to Krishna Majhi. Henceforth I shall be known as Krishna Majhi for all purposes.

Sd/- Krishna Majhi

**AFFIDAVIT**

By virtue of an affidavit sworn before the Executive Magistrate, Oupada, Balasore, Odisha vide Sl. No. 617 on dated 09/12/2025 I, Hemanta Kumar Malik, S/o. Krushna Chandra Malik, At. Similipal, Po. Badapokhari, Ps. Oupada, Dist. Balasore, Odisha, Pin code- 756047, declare that I have changed the name of my daughter from Meghana Malik to Meghnarani Malik. Henceforth, she will be known as **Meghnarani Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 113, dated. 10.12.2025 I, PADMAN JANI, S/o- Late. Somnath Jani, At Village- Nua Hirli, PO - Agnipur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PADMA JANI to PADMAN JANI. Henceforth, I shall be known as PADMAN JANI for all purposes.

Sd/- PADMAN JANI

**AFFIDAVIT**

By virtue of an affidavit no.2955, before Notary Public, Sukinda, dtd.19.11.2025 I, Rekha Pradhan, residing at Village Madhapur (Rangitangar), Po/Ps.: Sukinda, Dist: Jajpur,-755018 hereby declare that my correct name is Rekha Pradhan but in my Aadhaar Card wrongly recorded as Rekh Pradhan. That both names “Rekha Pradhan” and “Rekh Pradhan” refer to the same and one person, i.e., myself.

यूनियन बैंक ऑफ़ इंडिया Union Bank of India
ଏଡଲାପାଡୁ ଶାଖା, ଡୋର ନଂ. 4-53/1, ଆନ୍ଧ୍ରା ବ୍ୟାଙ୍କ କମ୍ପ୍ଲେକ୍ସ, ମେନ୍ ରୋଡ୍, ଏଡଲାପାଡୁ – 522 232,
ଇ-ମେଲ୍: ubin0819221@unionbankofindia.bank

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସୂଚନା**

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନୋଲିଖିତ ଗ୍ରାହକମାନେ ଯେଉଁମାନେ ଆମ ଶାଖା ଦ୍ୱାରା ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଥିଲେ, ସେମାନେ ଅନେକଥର ସୂଚନା ଦେବା ସତ୍ତ୍ୱେ ମଧ୍ୟ ଋଣ ପରିଶୋଧ କରିନାହାନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରିପେମେଣ୍ଟ ନ ହେବାରୁ, ସେମାନଙ୍କ ସ୍ୱର୍ଣ୍ଣ ଅଳଙ୍କାର ତା.୨୯.୧୨.୨୦୨୫ରିଖ (ସୋମବାର), ସନ୍ଧ୍ୟା ୪.୦୦ ଶାଖା ପରିସରରେ ସାର୍ବଜନିକ ନିଲାମରେ ବିକ୍ରୟ କରାଯିବ । ବିକ୍ରୟ ରାଶି ସମ୍ବନ୍ଧିତ ଖାତାକୁ ଜମା ହେବ । ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୯.୧୨.୨୦୨୫ରିଖ ଅପରାହ୍ନ ୨.୦୦ ଘଟିକା ପୂର୍ବରୁ ତାଙ୍କ ଅସ୍ତିତ୍ୱ ପରିଚୟ ପତ୍ର ଦେଖାଇବା ସହ ଏବଂ ୫,୦୦୦/-ଟଙ୍କା ଅମାନତ ରାଶି ଜମା କରିବା ଆବଶ୍ୟକ । ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ନିଲାମ ବାତିଲ କିମ୍ବା ସ୍ଥଗିତ କରିବାର ଅଧିକାର ସୁରକ୍ଷିତ ରଖିଅଛି । ନିଲାମ ପରେ ମଧ୍ୟ ସୁନା ବିକ୍ରୟ ରାଶି ପରେ ଯଦି କୌଣସି ଅବଶେଷ ଦାବୀ କିମ୍ବା ଖର୍ଚ୍ଚ ରହିଯାଏ, ତେବେ ଗ୍ରାହକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ । ଯଦି ଗ୍ରାହକ ଦେହାନ୍ତରଣ ହୋଇଛନ୍ତି, ଏହି ସୂଚନା ତାଙ୍କ ବିଧିସମ୍ମତ ଉତ୍ତରାଧିକାରୀଙ୍କୁ ପ୍ରଯୁଜ୍ୟ ହେବ ।

| ଋଣ ଆକାଉଣ୍ଟ ନଂ. | ଆକାଉଣ୍ଟଧାରୀଙ୍କ ନାମ ଏବଂ ଠିକଣା | ଓଜନ (ଗ୍ରାମରେ) |
|---|---|---|
| 192216540005034 | ମେଦିମି ଜନାର୍ଦ୍ଦନ ରାଓ, ପିତା: ଏମ୍. ରାଜା ରାଓ, ଗଣେଶ ନଗର ୪ର୍ଥ ଲେନ୍, ବ୍ରହ୍ମପୁର ଗାଁ, ବ୍ରହ୍ମପୁର ସଦର, ଗଞ୍ଜାମ, ଓଡ଼ିଶା-୭୬୦୦୦୨ | ୧୩.୮୦ |

ତା.୧୧.୧୨.୨୦୨୫, ସ୍ଥାନ: ଏଡଲାପାଡୁ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଡଲାପାଡୁ ଶାଖା, ପାଲନାଡୁ ଜିଲ୍ଲା

MM-366

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION**
E-mail id – dfo.redhakhol@odisha.gov.in
**OFFICE ORDER NO.339/1F (Accounts), Dt. 11.12.2025**

The following E-Tenders under Tender Bid Notification No. F&E /RKL/01,1(02),1(03),1(04) (Online)/2025-26 dt.18.11.2025 are hereby cancelled due to following reasons.

| SL No. | Name of the Work | Tender Amount in Rs. | No of Bidder applied | Remarks |
|---|---|---|---|---|
| 1 | Construction of Forest Guard Quarter at Jharapada of Rairakhol Forest Range under Redhakhol Forest Division | Rs.13,35,593/- | 0 | Cancelled due to non receipt of minimum bid |
| 2 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 3 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 4 | Construction of ACF Quarter at Forest Colony under Redhakhol Forest Division | Rs.16,77,966/- | 1 | Cancelled due to participation of Single Bidder. |

OIPR-08146/11/0035/2526

Divisional Forest Officer
Redhakhol Forest Division

**CENTRE FOR REHABILITATION SERVICES & RESEARCH (CRSR)**

**APPOINTMENT**

Applications are invited from the eligible candidates with requisite qualifications to fill up the following vacancies of CRSR, Bhadrak on contractual basis. The candidates are required to file their applications with complete Bio-data through Registered Post / Speed Post / E-mail by 01.01.2026 positively to the General Secretary, Centre for Rehabilitation Services & Research (CRSR), At- Prasanti Bhawan, Dahanigadia, Po- Charampa, Bhadrak-756101 (E-mail-crsrorissa@gmail.com). Suitable candidates will be call for interview after due scrutiny.

| Post | Nos. | Qualification |
|---|---|---|
| Physiotherapist | 03 | BPT with 03 years' experience / MPT from any recognized university. |
| Clinical Psychologist | 01 | M.A in Clinical Psychology with 03 years exp, in Disability management. Preference will given to exp. In Counseling & guidance of IDD. |
| Occupational Therapist | 01 | BOT with 03 years' experience / MPT from any recognized university. |
| Social Worker | 01 | MSW from reputed Institution with 05 years' experience in Disability rehabilitation and management. |
| Multipurpose Rehabilitation Assistant | 01 | PG Diploma in Community Based Rehabilitation/Diploma in Community Based Rehabilitation with 02 Yrs. Exp. |
| Speech Language Pathologist | 01 | BASLP from recognized university with 02 years' experience. |

# ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଶାରି କିଣାରେ ଦୁର୍ନୀତି

ରାୟଗଡ଼, ୧୨।୧୨(ସମିସ)

ସରକାର ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ସାଙ୍ଗକୁ ସେମାନଙ୍କୁ ସୁରକ୍ଷିତ ଓ ସୁସ୍ଥ ରଖିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏନେଇ ଆସୁଥିବା ବହୁ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଶାରୀ କିଣାରେ ଅନିୟମିତତା ଅଭିଯୋଗ ହେଉଛି। ଏପରି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଥିବା ଏସ୍‌ଏସ୍‌ଡି ବିଭାଗୀୟ ସ୍କୁଲ ମାନଙ୍କରେ। ତେବେ ଏଥିରେ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତ ଓ ଚାପରେ ଏହିପ୍ରକାର ଘୋଟଲା ହୋଇଥିବା ଆଶଙ୍କା କରାଯାଉଥିବାରୁ ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକର ପଞ୍ଚାୟତ ପ୍ରତିନିଧିମାନଙ୍କ ସମେତ ସାଧାରଣରେ ଦାବି ହେଉଛି।

ରାୟଗଡ଼ ବ୍ଲକରେ ଥିବା ସମସ୍ତ ମଙ୍ଗଳ ବିଭାଗୀୟ ବିଦ୍ୟାଳୟ ମାନଙ୍କରେ ଅନ୍ତେବାସୀ ଓ ଅନ୍ତେବାସିନୀ ମାନଙ୍କ ନିମନ୍ତେ ମଶାରି କିଣିବାକୁ ଚଳିତ ବର୍ଷ ଜୁଲାଇରେ ବିଦ୍ୟାଳୟର ଯୁଗ୍ମ ଜମା ଖାତାକୁ ସରକାରଙ୍କ ପକ୍ଷରୁ ଟଙ୍କା ଆସିଥିଲା। ତେବେ ମଶାରି କିଣା କାଗଜକଲମ ଓ ମିଥ୍ୟା ବିଲ୍ ଭାଉଚରରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଉକ୍ତ ମଶାରି କିଣା ଜମା ଟଙ୍କା ଉଠାଣ କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ କିଣିବାକୁ ନିର୍ଦ୍ଦେଶ ଥିବା ବେଳେ ଯୁଗ୍ମ ଜମା ଖାତାରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଷ୍ଣୁ ପ୍ରସାଦ ସେଠୀଙ୍କ ନାମ ଥିବାରୁ ଏହାର ଫାଇଦା ଉଠାଇ ପ୍ରଧାନ ଶିକ୍ଷକଙ୍କ ଉପରେ ଚାପ ପକାଇ ଭୁବନେଶ୍ୱର ସ୍ଥିତ ଗ୍ରୀନ୍ ଓଡ଼ିଶା ସର୍ଭିସେସ୍ ଠିକା ସଂସ୍ଥାକୁ ଯୋଗାଣ କରିବାକୁ ବାଧ୍ୟ କରିଥିଲେ। ଏଥିରେ କିଛି ଶିକ୍ଷକ ଆପତ୍ତି କରିବାରୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶ ବୋଲି କହି ଜୋର୍ ଜବରଦସ୍ତ କରି ଚେକ୍ ନେଇଥିବା କେତେଜଣ ପ୍ରଧାନ ଶିକ୍ଷକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଚେକ୍ ନେବାର ପ୍ରାୟ ଏକ ମାସ ପରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ସେଠୀ ଶିକ୍ଷକ ମାନଙ୍କୁ ବ୍ଲକକୁ ଡ଼ାକି କିଛି କିଛି ମଶାରି ଦେଇଥିଲେ। ତେବେ ଶିକ୍ଷକମାନେ ଏତେ କମ୍ ମଶାରି ନଦେଇ ଯେତିକି ଟଙ୍କା ଡିପୋଜିଟ କରାଯାଇଛି ସେତିକି ମଶାରି କାହିଁକି ଦିଆଯାଉନି ବୋଲି ପଚାରିବାରୁ ଆଉ କିଛିଦିନ ପରେ ଆସିବ ବୋଲି କହି ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ତେବେ ଟଙ୍କା ନେବାର ଦୀର୍ଘ ୬ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅବଶିଷ୍ଟ ମଶାରି ସମ୍ପୃକ୍ତ ଠିକା ସଂସ୍ଥା କି ଅଧିକାରୀ ଯୋଗାଇ ପାରିନାହାନ୍ତି। ତେଣୁ ଏ ପ୍ରକାର ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ଦେଖିବାକୁ ମିଳିଛି। କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି କରାଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ସଲମାନ ରାଇକାଙ୍କ ସହ ଯୋଗାଯୋଗ କରାଯିବାରୁ ଏ ପ୍ରକାରର ଦୁର୍ନୀତି ମୋ ନଜରରେ ଆସିନାହିଁ। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଜି.ଉଦୟଗିରିରେ ତାପମାତ୍ରା ୩.୧ ଡିଗ୍ରୀ



ଜି.ଉଦୟଗିରି, ୧୨।୧୨(ସମିସ): କନ୍ଧମାଳରେ ଦିନକୁ ଦିନ ପାରଦ ତଳମୁହାଁ ହେବାରେ ଲାଗିଛି। ଜି.ଉଦୟଗିରିରେ ଶୁକ୍ରବାର ପାରଦ ୩. ୧ ଡିଗ୍ରୀ ରହିଥିବା ରେକର୍ଡ ହୋଇଛି। ଏହା ଚଳିତ ବର୍ଷର ସର୍ବନିମ୍ନ ତାପମାତ୍ର ହୋଇଛି। ଏଠାରେ ଏକ ସପ୍ତାହ ହେଲା ପାଞ୍ଚ ଡିଗ୍ରୀ ତଳେ ରହୁଥିବା ଦେଖିବାକୁ ମିଳିଛୁ। ଯାହା ଫଳରେ ଅସହ୍ୟ ଶୀତରେ ଜନ ଜୀବନ ପ୍ରଭାବିତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ନାହିଁ ନଥିବା ଅବସ୍ଥା ଦେଖାଦେଇଛି। ରାତି ପାହିଲେ ମଜୁରୀ ଲାଗିଲେ ପେଟ ପୋଷୁଥିବା ଲୋକେ ଏମିତି ଥଣ୍ଡାରେ କାମ କରିବା ସମ୍ଭବ ହୋଇ ପାରୁନଥିବା ବେଳେ ପରିବା ଚାଷ ପ୍ରଭାବିତ ହୋଇଛି। ସହରାଞ୍ଚଳରେ ସିଟିକୁ ଦୃଷ୍ଟିରେ ରଖି ବୟସ୍କ ଲୋକଙ୍କ ସହିତ ଯୁବକ ଯୁବତୀ ମାନେ ମଧ୍ୟ ପ୍ରାତଃ ଭ୍ରମଣ ବନ୍ଦ କରିଥିବା ଇଣ୍ଡୋର ବ୍ୟାୟାମ କରୁଥିବା କହିଛନ୍ତି। ଦିନ ତମାମ ଶୀତ ଲାଗି ରହିଥିବା ବେଳେ ସନ୍ଧ୍ୟା ହେବା ମାତ୍ରେ ଶୀତ ମାଡି ଆସୁଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଗରମ ପୋଷାକ ସହିତ ଖରା, ନିଆଁ ସାହାରା ନେଇଥାନ୍ତି। ଏମିତି ଶୀତ ଆଉ ଦୁଇଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିବା ବେଳେ ଶିଶୁ ମାନଙ୍କ ସହିତ ବୟସ୍କ ଲୋକ ସହ୍ୟ କରିବା କଷ୍ଟକର ହୋଇପଡ଼ିଛି। ଅନ୍ୟ ପଟେ ଶୀତରେ ମଜା ନେବା ପାଇଁ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କ ଗହଳି ଲାଗିଲାଣି।

# ମହିଳାଙ୍କୁ ଦଳିଦେଲା ଦନ୍ତା

ଭଞ୍ଜନଗର, ୧୨।୧୨(ସମିସ): ମହିଳାଙ୍କୁ ଦଳି ମାରିଦେଲା ଦନ୍ତା। ଗଂଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ତାରାସିଙ୍ଗି ବନାଞ୍ଚଳ ଅନ୍ତର୍ଗତ ତୋଲଡି ଗାଁ ନିକଟରେ ଘଟିଛି ଏଭଳି ଘଟଣା। ନିକଟସ୍ଥ ଚାଙ୍ଗୁଡିନାଲକୁ ପାଣି ଆଣିବାକୁ ମହିଳା ଜଣକ ଯାଇଥିବା ବେଳେ ଏକୁଟିଆ ବୁଲୁଥିବା ଦନ୍ତା ହାବୁଡ଼ରେ ପଡ଼ିଥିଲେ। ଦନ୍ତାକୁ ଦେଖି ମହିଳା ଜଣକ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଦନ୍ତାହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ କଚାଡ଼ି ଦଳି ମାରିଥିଲା। ମୃତ ମହିଳା ଜଣକ ନିକଟସ୍ଥ ନୂଆଁସାହି ଗାଁର ନୀଳେନ୍ଦ୍ରି ବେହେରା। ଘଟଣାସ୍ଥଳରେ ପରିବାର ଲୋକେ ଏବଂ ବନବିଭାଗ କର୍ମଚାରୀ ପହଞ୍ଚି ଗୁରୁତର ନୀଳେନ୍ଦ୍ରିଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଏସ୍‌ଏନ୍‌ଏଲ୍ ସେବା ପ୍ରଭାବିତ

ଜି.ଉଦୟଗିରି, ୧୨।୧୨(ସମିସ): ଜି.ଉଦୟଗିରି ସହର ସହିତ ଗ୍ରାମାଞ୍ଚଳରେ ଦିନ ଦିନକୁ ବିଏସଏନଏଲ ସେବା ଦୟନୀୟ ହେବା ଫଳରେ ଲୋକେ ମୁହଁ ଫେରାଇଲେଣି। ଅଧିକାଂଶ ଦିନ ନେଟୱାର୍କ ନ ରହିବା, ରହିଲେ ବି କଲ୍ ଡ୍ରପ ହେବା, ବିଦ୍ୟୁତ ଗଲେ ନେଟୱାର୍କ କାମ ନାଁ କରିବା, ସିଗାନାଲ ଠିକ ନ ଆସିବା, ଦୁର୍ବଳ ଏବଂ କମ୍ ବେଗ ହିଁ ଡାଟା ଆଦି କାରଣରୁ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ବେଳେ ବିଭାଗ ଚେତା ପଶୁନି। ସରକାରୀ ସଂସ୍ଥା ହିସାବରେ ଉଚ୍ଚମାନର ସେବା ପାଇଁ ସରକାର ଉପଭୋକ୍ତାଙ୍କ ଠାରେ ଉତ୍ତରଦାୟୀ ରହିବା ସ୍ଥଳେ ବେଖାତିରି ମନୋଭାବ ପୋଷଣ କରୁଛନ୍ତି। ଫଳରେ ଘରୋଇ କାମ୍ପାନୀଙ୍କ ଠାରୁ ଶସ୍ତା ହେଲେ ମଧ୍ୟ କାହିଁକି ଲୋକେ ଏହାକୁ ବ୍ୟବହାର କମ କରୁଛନ୍ତି ଏଥିରୁ ଅନୁମେୟ। ସତରେ ଏହା ଟେକ୍ନିକାଲ ଫଲଟ୍ ନାଁ ମଣିଷକୃତ। ଏହା ପଛରେ କାହାର ଷଡଯନ୍ତ୍ର ନାହିଁ ତ? ଏମିତି ଅନେକ ପ୍ରଶ୍ନ ଉପଭୋକ୍ତାଙ୍କ ମନରେ ଉଙ୍କି ମାରୁଛି। ଲୋକେ ବିଭିନ୍ନ ସରକାରୀ ଯୋଜନା ବ୍ୟାଙ୍କ ଖାତାରେ ବାଧ୍ୟ ବାଧକରେ କେବଳ ପଇସା ଖର୍ଚ୍ଚ ଭାଲିଡିଟି ବଞ୍ଚେଇ ରଖିଛନ୍ତି। ଏହି ଦୁର୍ବଳ ସେବା ପାଇଁ ଗ୍ରାମାଞ୍ଚଳରେ ଯୁବକ ଯୁବତୀ ମାନେ ପାଠ ପଢ଼ା ପ୍ରଭାବିତ ହେବା ସହିତ ଲୋକେ ବ୍ୟାଙ୍କ ଦେଣ ନେଣ ସମସ୍ୟା ର ସମ୍ମୁଖୀନ ହୋଇଛନ୍ତି। ଲୋକେ ଖାଲିରେ ଖାଲିରେ ଅର୍ଥ ଶ୍ରାଦ୍ଧ ହେଉଥିବା ବେଳେ ଶୀଘ୍ର ସୁଧାରିଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା।




# ନିତ୍ୟାନନ୍ଦ ପାଠାଗାରର ବାର୍ଷିକ ଉତ୍ସବ



ପାରଳାଖେମୁଣ୍ଡି, ୧୨।୧୨(ସମିସ): ପାରଳାଖେମୁଣ୍ଡି ନିତ୍ୟାନନ୍ଦ ପାଠାଗାରର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ବୈଠକରେ ପାଠାଗାରର ଅନେକ ସଭ୍ୟଙ୍କ ସହ ମୁଖ୍ୟ ଅତିଥି ରୂପେ ଚାରି ନମ୍ବର ୱାର୍ଡର କାଉନସିଲର ବାଳକୃଷ୍ଣ ପାତ୍ର ଯୋଗ ଦେଇ ପାଠାଗାରର ଉନ୍ନତି ସକାଶେ ନିଜର ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସାହିତ୍ୟିକ ବିଚିତ୍ରା ନନ୍ଦ ବେବର୍ତ୍ତା ପାଠାଗାରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଗୌରହରି ପଟନାୟକ ଓ ସମ୍ପାଦକ ସୂର୍ଯ୍ୟ ନାରାୟଣ ପଟନାୟକ ପାଠାଗାର ନିମନ୍ତେ ଯଥାସାଧ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କୋଷାଧ୍ୟକ୍ଷ ରବି ନାରାୟଣ ଚୌଧୁରୀ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଉପଦେଷ୍ଟା ମଲ୍ଲିକାର୍ଜୁନ ପଟ୍ଟନାୟକ, ହରିଶ୍ଚନ୍ଦ୍ର ପାତ୍ର, ରବିନ ପଟନାୟକ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ବଂଶୀଧର ପଟ୍ଟନାୟକ, ନରସିଂହ ପାଣିଗ୍ରାହୀ ଓ ଦ୍ୱାରିକାନାଥ ପଟ୍ଟନାୟକ ସହଯୋଗ କରିଥିଲେ। ଉପ ସଭାପତି କୈଳାସ ଚନ୍ଦ୍ର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ପୋଲସରା, ୧୨।୧୨(ସମିସ): ପୋଲସରା ବ୍ଲକ କାର୍ଯ୍ୟାଳୟ ସ୍ଥିତ କନ୍‌ଫରେନ୍ସ ହଲରେ ଶୁକ୍ରବାର ମହିଳା ଓ ଶିଶୁ ବିକାଶ ଯୋଜନା ବିଭାଗ ପକ୍ଷରୁ ପ୍ରକଳ୍ପସ୍ତରୀୟ କିଶୋର କିଶୋରୀଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସିଡିପିଓ ତିଳୋତ୍ତମା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଡ଼ିଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ କିଶୋରୀ ମାନଙ୍କୁ ଶିକ୍ଷାର ମହତ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ପୋଲସରା ଥାନାର ଏଏସଆଇ କଳ୍ପନା ପ୍ରଧାନ, ଡାକ୍ତର ଶୁଭ୍ରମୟୀ ପାଢ଼ୀ, ସିଆରସିସି ନିରଞ୍ଜନ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ।

ଏଥି ସହିତ ମହିଳା ଓ ଶିଶୁ ବିକାଶ ଯୋଜନା ବିଭାଗର ସମସ୍ତ ଅଞ୍ଚଳ ପରିଦର୍ଶିକା, କର୍ମଚାରୀ, ଅଙ୍ଗନବାଡ଼ି କର୍ମଚାରୀ ସମେତ କିଶୋରୀମାନେ ଉପସ୍ଥିତ ଥିଲେ।



# ବେଆଇନ କରତ କଳ ଉପରେ ଭିଜିଲାନ୍ସ ଚଢ଼ଉ

କୁକୁଡାଖଣ୍ଡି, ୧୨।୧୨(ସମିସ): କୁକୁଡାଖଣ୍ଡି ବ୍ଲକ ସଦର ଥାନା ଅନ୍ତର୍ଗତ ଫାଦ୍ରିପଲ୍ଲୀରେ ଚାଲୁଥିବା ଏକ ବେଆଇନ କରତ କଳ ଉପରେ ଭିଜିଲାନ୍ସ ଏବଂ ବନବିଭାଗ ଚଢ଼ଉ କରିଛି। ଚଢ଼ଉ ସମୟରେ ଅନଧିକୃତ ଭାବେ ଚାଲୁଥିବା କାଠ କାଟିବା ଯନ୍ତ୍ର, ମୋଟର ଓ ବହୁ ପରିମାଣର କାଠ ଜବତ କରାଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଜବତ ସମଗ୍ରୀର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ ସୂଚନା ଦେଇଛି। ଏହି କରତ କଳ ବ୍ରହ୍ମପୁର ବନ ରେଞ୍ଜରୁ ମାତ୍ର ୧୦ କିମି ଦୂରରେ ଥିବା ସତ୍ତ୍ୱେ ଦୀର୍ଘଦିନ ଧରି କିପରି ଚାଲୁରହିଲା ଏନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରେଞ୍ଜ କାର୍ଯ୍ୟାଳୟର ଏତେ ନିକଟରେ ଥିବା ଏହି ବେଆଇନ କରତ କଳ ଦୀର୍ଘଦିନ ଧରି କାମ କରୁଥିବା ବିଷୟ ଆଶ୍ଚର୍ଯ୍ୟଜନକ। ବନବିଭାଗ ଅଧିକାରୀମାନେ କହିଛନ୍ତି ଯେ, ଘଟଣାସ୍ଥଳରୁ ମିଳିଥିବା ସମସ୍ତ ସରଞ୍ଜାମ ଓ କାଠକୁ ବିଭାଗ ଜବତ କରିଛି ଏବଂ ଏହା ସହିତ ସମ୍ପୃକ୍ତ ଲୋକମାନଙ୍କ ବିରୋଧରେ କଠୋର ବନ ଆଇନ ଅଧୀନରେ ମାମଲା ରୁଜୁ ହେବ।

# ଜୟଶ୍ରୀ ଓ ଶନି ମନ୍ଦିର ଛକଠାରେ ଓଭର୍ ବ୍ରିଜ ନିର୍ମାଣ ପାଇଁ ଦୃଷ୍ଟି ଆକର୍ଷଣ

ଗଞ୍ଜାମ, ୧୨।୧୨(ସମିସ): ୧୬ ନଂ. ଜାତୀୟ ରାଜପଥ ରାଜପଥ ଜୟଶ୍ରୀ ଛକ ଏବଂ ଶନି ମନ୍ଦିର ଛକଠାରେ ଓଭର ବ୍ରିଜ ନିର୍ମାଣ ନେଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଦୁଇ ଛକ ଦେଇ ଦୈନଦିନ ଶହ ଶହ ସ୍କୁଲ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଏଥିସହ ଗଞ୍ଜାମ ବାଇପାସ୍ ଦେଇ ଗ୍ରାସୀମ୍ କମ୍ପାନୀକୁ ଶହ ଶହ କର୍ମଚାରୀ ଯିବା ଆସିବା କରନ୍ତି। ଉଭୟ ପଟରୁ ହଜାର ହଜାର ଟ୍ରକ୍, ବସ୍ ଯିବାଆସିବା କରୁଛନ୍ତି। ଏଥିପାଇଁ ଅଧିକାଂଶ ସମୟରେ ଉଭୟ ଛକଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଗତ କିଛିଦିନ ତଳେ ଜୟଶ୍ରୀ ଛକ ଠାରେ ଏକ ଅଟୋ ରୋଡ଼ ଅତିକ୍ରମ କରୁଥିବାବେଳେ ଟ୍ରକ ଧକ୍କା ଦେଇଥିଲା। ସେହିପରି ଶନି ମନ୍ଦିର ଛକଠାରେ ମଧ୍ୟ ଜଣେ ବାଇକ୍ ଆରୋହୀକୁ ମଧ୍ୟ ଟ୍ରକ ଧକ୍କା ଦେଇ ଦ୍ରୁତ ଗତିରେ ଚାଲି ଯାଇଥିଲା। ଏଥିପାଇଁ ଦୁଇ ଛକରେ ଓଭର ବ୍ରିଜ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିନୋଦ ମହାପାତ୍ର ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଗୋ-ବନ୍ଧ୍ୟା ନିରାକରଣ ଶିବିର

ଛତ୍ରପୁର, ୧୨।୧୨(ସମିସ): ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓମଫେଡ ଓ ଟାଟା ଷ୍ଟିଲ ସହଯୋଗରେ ଟାଙ୍ଗଣାପଲ୍ଲୀ ଗ୍ରାମରେ ଗୋ-ବନ୍ଧ୍ୟା ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରାଣୀ ଚିକିତ୍ସାଳୟର ଡେପୁଟି ଡାଇରେକ୍ଟର ଡାକ୍ତର ଶୁଭ୍ରକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଦିଲେଶ୍ୱର ରାଓ, ପିଙ୍କୁ ଗୌଡ଼, ଈଶ୍ୱର ରାଓ ଏବଂ ସୁନୀଲ ସେଠି ଉପସ୍ଥିତ ରହି ବନ୍ଧ୍ୟା ଦୋଷ ଥିବା ଗାଈମାନଙ୍କର ଚିକିତ୍ସା କରିଥିଲେ। ଶିବିରରେ ୨୮ ଜଣ ଚାଷୀଙ୍କ ୫୧ ଗୋରୁଙ୍କୁ ପରୀକ୍ଷା କରାଯାଇଥିଲା ଏବଂ ମାଗଣା ଔଷଧ ଦିଆଯାଇଥିଲା। ଓମଫେଡରୁ ଚାଷୀକୁ କାମଧେନୁ ଯୋଜନା ଅଧୀନରେ ସବସିଡିଯୁକ୍ତ ବାଛୁରୀ ଖାଦ୍ୟ ପରିବହନ ପାଇଁ ଟାଟା ଷ୍ଟିଲ୍ ଦାୟିତ୍ୱ ନେବାକୁ ରାଜି ହୋଇଛି। ଏହା ସହିତ ଚାଷୀଙ୍କୁ ଚାରା ବିହନ ଦିଆଯାଇଥିଲା ଏବଂ କାମଧେନୁ ଯୋଜନା ଅଧୀନରେ ଦୀର୍ଘକାଳ ଘାସ ଚାଷ ପଇଁ ମାର୍ଗ ଦର୍ଶନ କରା ଯାଇଥିଲା।

# ଜାତୀୟ ଯୋଗାସନ ପ୍ରତିଯୋଗିତା ପାଇଁ ୭ ମନୋନୀତ

ଦିଗପହଣ୍ଡି, ୧୨।୧୨(ସମିସ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ବାଳିକା ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ, କଟକ, ପୁରୀ, ବାଲେଶ୍ୱର, ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଦେବଦତ୍ତ ସୁବୁଦ୍ଧି ଏହାର ଉଦଘାଟନ କରିଥିଲେ। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଉକ୍ତ ପ୍ରତିଯୋଗିତା ପାଇଁ କ୍ରୀଡା ପ୍ରଶିକ୍ଷକ କେ. ନାନବାବୁ ଦୋରା, ଏମ. ଗୋପାଳ ରେଡ୍ଡୀଙ୍କୁ ଚୟନ କର୍ତ୍ତା ଭାବେ ନିଯୁକ୍ତ କରାଯାଇଥିଲା। ସମୁଦାୟ ୭ ଛାତ୍ରୀଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଥିଲା। କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ଦାସ, ପ୍ରଦୀପ କୁମାର ପ୍ରଧାନ, ପ୍ରଶିକ୍ଷିକା ଏଲିଜା ପଟ୍ଟନାୟକ, ସବିତା କୁମାରୀ ପଣ୍ଡା, ସସ୍ମିତା ପ୍ରଧାନ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



# 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ସଚେତନତା



ପାରଳାଖେମୁଣ୍ଡି, ୧୨।୧୨(ସମିସ): ସ୍ଥାନୀୟ ଟାଉନ୍ ହଲ୍ ଠାରେ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ୨ ବର୍ଷରୁ ଅଧିକ ଓ ୧୦ ବର୍ଷ ପର୍ଯ୍ୟନ୍ତ ଅଚଳ ଥିବା ବ୍ୟାଙ୍କ ଖାତାରେ ଜମା ରହିଥିବା ଟଙ୍କା ଦାବିହୀନ ଜମାରାଶି ଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଡି.ଇ.ଏ. ପାଣ୍ଠିକୁ ସ୍ଥାନନ୍ତର କରାଯିବା ବିଷୟରେ ସଚେତନ କରାଯାଇଥିଲା। ଉକ୍ତ ଶିବିରରେ ଦୀର୍ଘବର୍ଷ ଧରି କାରବାର ହେଉନଥିବା ବ୍ୟାଙ୍କ ଖାତା କିମ୍ବା ଜମା ରାଶିର ଦାବିହୀନ ଖାତାର ଅର୍ଥ ରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଖାତାରେ ଜମା ଥିବା ପୁଞ୍ଜି କିପରି ଖାତାଧାରୀ କିମ୍ବା ମୃତ ବ୍ୟକ୍ତିଙ୍କ ପରିବାରବର୍ଗ ଫେରି ପାଇବେ ସଚେତନ କରାଯାଇଥିଲା। ପାରଳାଖେମୁଣ୍ଡି ୟୁନିଅନ୍ ବ୍ୟାଙ୍କ ଅଫ ଇଣ୍ଡିଆ ଅଗ୍ରଣୀ ବ୍ୟାଙ୍କ ତଫରରୁ ଆୟୋଜିତ ଶିବିରରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେନାଗାଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାରଳା ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ଯୋଗ ଦେଇଥିଲେ। ଭୁବନେଶ୍ୱର ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ରିତେଶ କୁମାର ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସେହିପରି ଗଜପତି ଜିଲ୍ଲାର ବିଭିନ୍ନ ବ୍ୟାଙ୍କରେ ୨୪, ୩୪, ୮୮ କୋଟି ଦାବିହୀନ ଜମାରାଶି ଗଚ୍ଛିତ ଥିବା ସୂଚନା ପ୍ରଦାନ କରାଯାଇଛି। ଶିବିରରେ ସର୍ବମୋଟ ୫, ୮୨, ୯୬୫/- ଦାବିହୀନ ଜମାରାଶି ୩ ଜଣଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶିବିରକୁ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ମହେଶ୍ୱର ମଣ୍ଡଳ ପରିଚାଳନା କରିଥିଲେ।

# ଚାମ୍ପିଅନ୍ ଗଜପତି ଦଳକୁ ବିପୁଳ ସମ୍ବର୍ଦ୍ଧନା

## କ୍ରୀଡ଼ାର ବିକାଶ ଦିଗରେ ସହଯୋଗ ଜାରି ରହିବ: ବିଧାୟକ

ପାରଳାଖେମୁଣ୍ଡି, ୧୨।୧୨(ସମିସ)



ଜଗତସିଂପୁରଠାରେ ଅନୁଷ୍ଠିତ ୬୯ତମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗଜପତି ଦଳ ଚାମ୍ପିଅନ୍ ହୋଇଥିବାରୁ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଆଜି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ସଫଳତା ହାସଲ କରିଥିବା ଟିମ୍ ସଦସ୍ୟ, କୋଚ୍ ଓ ପ୍ରୋତ୍ସାହନ ଦେଉଥିବା ଶିକ୍ଷକମାନଙ୍କୁ ଡାକି ସମ୍ମାନିତ କରିବା ସହ ସେମାନଙ୍କୁ ଗଜପତିର ଗର୍ବ ବୋଲି କହିଥିଲେ।

ମୁଖ୍ୟତଃ ଏହି ଟିମ୍ ଜଗତସିଂହପୁର ଯିବା ପୂର୍ବରୁ ଟିମକୁ ପ୍ରସ୍ତୁତ କରିବାରେ ବିଧାୟକଙ୍କ ପୂର୍ଣ୍ଣ ସହଯୋଗ ରହିଥିଲା। ଗସ୍ତ ପୂର୍ବରୁ ବିଧାୟକଙ୍କ ଦ୍ୱାରା ପ୍ରସ୍ତୁତ ହାଇଟେକ୍ ଏକାଡେମୀରେ ଗୋଟିଏ ମାସ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା। ବିଧାୟକ ମଧ୍ୟ ନିଜସ୍ୱ ଖର୍ଚ୍ଚରେ ଏକ ମାସ ଧରି ସ୍ୱତନ୍ତ୍ର ତାଲିମ ଦେବା ସମୟରେ ପିଲାଙ୍କ ରହିବା ଖାଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବହନ କରିଥିଲେ। ପିଲାମାନେ ଶୃଙ୍ଖଳିତ ଢଙ୍ଗରେ ଯେଉଁ ତାଲିମ ହାସଲ କରିଥିଲେ ତାହାର ଆଜି ସୁଫଳ ମିଳିଛି। ତେଣୁ ସଫଳ ହୋଇଥିବା ଖେଳାଳିମାନଙ୍କୁ ନିଜ ଜୀବନରେ ଶୃଙ୍ଖଳିତ ରହି ଗୁରୁଜନଙ୍କୁ ସମ୍ମାନ ଦେଇ ଭବିଷ୍ୟତ ଗଢିବା ପାଇଁ ପରାମର୍ଶ ଦେଇଛନ୍ତି ବିଧାୟକ ଶ୍ରୀ ପାଣିଗ୍ରାହୀ। ଏହା ସହ ଆଜିର ସଫଳତାକୁ ଆଖି ଆଗରେ ରଖି ଶୃଙ୍ଖଳିତ ଢଙ୍ଗରେ ଭବିଷ୍ୟତ ଗଢିବା ସହ କ୍ରୀଡ଼ା କ୍ଷେତ୍ରରେ ଆହୁରି ଉନ୍ନତି ଆଣି ରାଜ୍ୟ ଏବଂ ଜାତୀୟ ସ୍ତରରେ ନିଜର ଏବଂ ନିଜ ଜିଲ୍ଲାର ନାମ ରଖିବାକୁ ଭବିଷ୍ୟତରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ପାଣିଗ୍ରାହୀ ଆଗାମୀ ଦିନରେ କ୍ରୀଡାକୁ ପ୍ରୋତ୍ସାହନ ଦେବାପାଇଁ ବିଭିନ୍ନ ଗ୍ରାମାଞ୍ଚଳ ଓ ବ୍ଲକ ସ୍ତରରେ ଯାହା ଭିତ୍ତିଭୂମିର ଆବଶ୍ୟକ ରହିଛି ସେସବୁ ପୁରଣ କରିବା ଦିଗରେ ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, କ୍ରୀଡ଼ାବିତ୍ ଦେବାଶିଷ ପାଢ଼ୀ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ ପ୍ରମୁଖଙ୍କ ସମେତ ବହୁ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ।

## କର୍କଟ ପୀଡ଼ିତାଙ୍କୁ ଭେଟିଲେ ବିଧାୟକ



ଛତ୍ରପୁର, ୧୨।୧୨(ସମିସ): ସ୍ଥାନୀୟ ବିପୁଲିଙ୍ଗି ପଞ୍ଚାୟତ କରାତାଳି ଗ୍ରାମର ପୂର୍ବତନ ସରପଞ୍ଚ ଟି. ନରସିଂହ ରେଡ୍ଡୀଙ୍କ ଧର୍ମପତ୍ନୀ ଟି. ଦେବକୀ ରେଡ୍ଡୀ ଦୀର୍ଘ ଆଠ ମାସ ହେବ କର୍କଟ ରୋଗରେ ପୀଡିତ ରହି ବିଭିନ୍ନ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ତାଙ୍କ ବାସଭବନରେ ପହଞ୍ଚି ସୁବିଧା ଅସୁବିଧା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତାଙ୍କ ସହ ଯୁବନେତା ବନୋଜ ନାହାକ, ଶ୍ରମିକ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଗଞ୍ଜାମ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡ଼ା, ବଉଳଗାଁ ସମିତି ସଭ୍ୟ ରାମଚନ୍ଦ୍ର ପରିଡ଼ାଙ୍କ ସହ ବିପୁଲିଙ୍ଗି ପଞ୍ଚାୟତର କାମରାଜୁ ଖୁଣ୍ଟିଆ, ସୁକାନ୍ତ ନାହାକ, ପୂର୍ବତନ ସରପଞ୍ଚ ସୋମନାଥ ନାହାକ, ନାରାୟଣ ରେଡ୍ଡୀ, ସୀମାଦ୍ରୀ ରେଡ୍ଡୀ, ଡ଼ମ୍ବୁର ରେଡ୍ଡୀ, ବିଭୁ ଚୌଧୁରୀ, ପଞ୍ଚାନନ ଆଚାର୍ଯ୍ୟ, ମଣ୍ଡଳ ସଭାପତି ଲୋକନାଥ ରେଡ୍ଡୀଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

### ବିକାଶ ଠାରୁ ଯୋଜନ ଦୂରରେ କୁଟୁଣିଗଣ୍ଡା

# ମୌଳିକ ସୁବିଧା ଲାଗି ଦହଗଞ୍ଜି ଗ୍ରାମବାସୀ

ଧରାକୋଟ, ୧୨।୧୨(ସମିସ)

ଧରାକୋଟ ବ୍ଲକର ଅନ୍ଧାରୀମୂଳକ ବା ଅପହଞ୍ଚ ଇଲାକା କହିଲେ ସାବା ଓ ବଳରାମପୁରକୁ ବୁଝାଏ। ଏବେ ସୁଦ୍ଧା ଏହି ଦୁଇଟି ପଞ୍ଚାୟତର ପାହାଡ଼ ଉପରେ ଅବସ୍ଥିତ ଅନେକ ଗାଁରେ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ସାତ ସପନ। ରାସ୍ତା, ବିଜୁଳି, ଶିକ୍ଷା, ପିଇବା ପାଣି, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ଆଜି ବି ଗ୍ରାମବାସୀଙ୍କ ପାଇଁ ଅପହଞ୍ଚ। ଏଣୁ ସରକାରୀ ଯୋଜନା ଏଠାରେ ପହଞ୍ଚିବା କାଠିକର ପାଠ ହୋଇଛି। ସେଥି ମଧ୍ୟରୁ ସାବା ପଞ୍ଚାୟତ ଅନ୍ତର୍ଗତ କୁଟୁଣିଗଣ୍ଡା ଗାଁ ସମସ୍ୟା ଘେରରେ ଛନ୍ଦି ହୋଇ ରହିଛି। ଗାଁରେ ପ୍ରାୟ ୩୦ ପରିବାରର ୧୫୦ରୁ ଅଧିକ ଲୋକ ବାସ କରନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନ ଭଳି ମୌଳିକ ସୁବିଧାରୁ ଗାଁର ଅଧିବାସୀ ବଞ୍ଚିତ। ଢଉପଦା ଠାରୁ ନାକତିରି ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର କୁସୁମବସା ଠାରୁ ପାହାଡ଼ିଆ ରାସ୍ତାରେ ଚାରି କିମି ଚାଲିବା ପରେ ପଡ଼େ ଏହି ଗାଁ। ନିତିଦିନିଆ ରାସ୍ତାଟିଏ ନଥିବା ଯୋଗୁଁ



ଏଠାକାର ଲୋକେ ବାହାର ଦୁନିଆ ଦେଖିବା ମୁସ୍କିଲ। ଗାଁ ଲୋକମାନେ ସ୍ୱାସ୍ଥ୍ୟ ଖରାପ ହେଲେ ବହୁ ଦୂରରେ ଥିବା ଶେରଗଡ଼ ଉପରେ ନିର୍ଭର କରୁଥିବା ବେଳେ ପିଲାମାନେ ବିଦ୍ୟାଳୟ ବନ୍ଦ ଥିବାରୁ ସାବା ସେବାଶ୍ରମ ବିଦ୍ୟାଳୟରେ ନିଜ ନିଜର ପିଲାଙ୍କୁ ରଖି ପାଠ ପଢ଼ାଉଛନ୍ତି। ସୋଲାର ଚାଳିତ କଳର ପାଣି ପିଇବା ପାଇଁ ବ୍ୟବହାର କରୁଥିବା ବେଳେ ଗାଧୋଇବାକୁ ନାଳ ଉପରେ ନିର୍ଭର କରନ୍ତି। ଏଣୁ ମ୍ୟାଲେରିଆ ଭଳି ଜ୍ୱର ଜନିତ ରୋଗରେ ଅଧିକାଂଶ ଆକ୍ରାନ୍ତ ହେଉଥିବା ଜଣାଯାଇଛି। ଜନା, ସୁଆଁ, ମାଣ୍ଡିଆ, ମକା ଚାଷ କରି ଲୋକମାନେ ନିଜ ପରିବାର ଚଳାନ୍ତି। ସମ୍ପ୍ରତି ଏହି ଗାଁକୁ ବିଡିଓ ସଂଗ୍ରାମ କେଶରୀ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ପିଇଓ ରମେଶ ଚନ୍ଦ୍ର ପୃଷ୍ଟି, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ ପ୍ରମୁଖ ପହଞ୍ଚି ସ୍ଥିତି ପରଖିଛନ୍ତି। କୁଟୁଣିଗଣ୍ଡା ଗାଁର ସ୍ଥିତାବସ୍ଥା ସମ୍ପର୍କରେ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ସହ ଯୋଗାଯୋଗ ବେଳେ ଆଗରୁ ମନରେଗା ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ପାହାଡିଆ ଅଞ୍ଚଳ ହୋଇଥିବାରୁ ବର୍ଷା ଦିନେ ଏହି ରାସ୍ତା ଧୋଇ ହୋଇଯାଇଛି। ସମ୍ପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ କୁସୁମବସା ଠାରୁ ଜାମୁଝୋଳି ଭାୟା ଅଶୋକପଲ୍ଲୀ କୁଟୁଣିଗଣ୍ଡା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ସରିଛି। ଖୁବ୍ ଶୀଘ୍ର ରାସ୍ତାକାମ ଆରମ୍ଭ ହେବ ଏବଂ ଗାଁ ଲୋକ ମାନଙ୍କ ଦୁଃଖ ଦୂର ହେବ ବୋଲି ପ୍ରକାଶ କରିଛନ୍ତି। କେବେ ତିଆରି ହେବ ରାସ୍ତା, କେବେ ବଦଳିବ ଲୋକଙ୍କ ସ୍ଥିତାବସ୍ଥା ତାହା ଦେଖିବାକୁ ବାକି ରହିଲା।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଛତ୍ରପୁର, ୧୨।୧୨(ସମିସ): ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚମାଖଣ୍ଡି ଅଞ୍ଚଳର ପ୍ରହଲ୍ଲାଦ ନାୟକ (୬୦)। ପ୍ରହଲ୍ଲାଦ ତାଙ୍କ ସ୍ତ୍ରୀ ସହିତ କାଳିଆବାଲିରୁ ଘରକୁ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ଚମାଖଣ୍ଡି ପୁଲିସ ଉଦ୍ଧାର କରି ମେଡ଼ିକାଲ ନେଇଥିଲା। ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ବଡମେଡ଼ିକେଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚମାଖଣ୍ଡି ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଛନ୍ତି।

## ପୋଖରୀରେ ପଡ଼ି ଷଣ୍ଢ ମୃତ

ବେଲଗୁଣ୍ଠା, ୧୨।୧୨(ସମିସ): ଏକ ଷଣ୍ଢ ଗୁରୁବାର ମଧ୍ୟରାତ୍ରରେ ବେଲଗୁଣ୍ଠା ନେଳିଆ ବନ୍ଧ ହିଡ଼ରେ ଥିବା ବାଲୁଙ୍କେଶ୍ୱର ମନ୍ଦିର ପାର୍ଶ୍ୱରେ ପୋଖରୀକୁ ଖସି ପଡ଼ିଥିଲା। ଆଜି ସକାଳେ କିଛି ଲୋକ ପୋଖରୀରେ ଷଣ୍ଢଟି ପଡ଼ି ଫୁଲି ଯାଇଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତ ଷଣ୍ଢକୁ ପୋଖରୀରୁ ବାହାର କରିଥିଲେ। ଖବର ପାଇ ଏନ୍ଏସି କର୍ମଚାରୀମାନେ ଏକ ଗାଡ଼ି ସାହାଯ୍ୟରେ ଷଣ୍ଢକୁ ସହର ବାହାରକୁ ନେଇ ପୋତି ଦେଇଛନ୍ତି।

## ଦେଶୀମଦ ସହ ଦୁଇ ବାଇକ ଜବତ; ୬ ଗିରଫ

ଖଲ୍ଲିକୋଟ, ୧୨।୧୨(ସମିସ): ଖଲ୍ଲିକୋଟ ଅବକାରୀ ବିଭାଗ ବେଗୁନିଆପଡ଼ା ଥାନା ଅଞ୍ଚଳର ଶାଳବଣ, ଲଛିପୁର ଓ ଷଣ୍ଢମୂଳ ଛକରେ ଚଢ଼ଉ କରି ୧୮୨ ଲିଟର ଚୋରା ଦେଶୀମଦ ଓ ଦୁଇଟି ବାଇକ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଗୁରୁବାର ସକାଳେ ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ସରୋଜ କୁମାର ପରିଡ଼ାଙ୍କ ନେତୃତ୍ୱରେ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ତେଜସ୍ୱୀନୀ ପ୍ରଧାନ ଅବକାରୀ ଟିମ୍ ସହ ଶାଳବଣ, ଲଛିପୁର ଓ ଷଣ୍ଢମୂଳ ଛକରେ ଚଢ଼ାଉ କରି ୧୮୨ ଲିଟର ଚୋରା ଦେଶୀମଦ ଓ ଦୁଇଟି ବାଇକ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ହେଲେ ତାଳଗାଁର ଅମରେନ୍ଦ୍ର ବେହେରା ଓ ସୁରେନ୍ଦ୍ର ବେହେରା, ଲଛିପୁର ଗାଁର ବୁଲୁ ଦାସ ଓ ଦିଲ୍ଲୀପ ଦାସ, ତାଳସର ଗାଁର ରବି ନାହାକ ଏବଂ ମାଣିକପୁର ଗାଁର ଗୌତମ ଦାସ। ପୁଲିସ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ବିଧାୟକଙ୍କ ଦ୍ୱାରା ରାସନ କାର୍ଡ ବଣ୍ଟନ



ପାତ୍ରପୁର, ୧୨।୧୨(ସମିସ): ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଦ୍ୱାରା ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୩ ପଞ୍ଚାୟତରେ ମୋଟ ୩୮୬ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ବିଡ଼ିଓ ଲକ୍ଷ୍ମଣ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଯୋଗାଣ ଅଧିକାରୀ ଉମାକାନ୍ତ ସେଠୀ ଓ ବିଏସ୍ଏସ୍ଓ ସ୍ନେହସିଶ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ଯୋଗାଣ ସହାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ପଚାଶ ମିଟର ରାସ୍ତା ପାଇଁ ହନ୍ତସନ୍ତ ୫ଶହ ଗ୍ରାମବାସୀ

ସୋରଡା, ୧୨।୧୨(ସମିସ): ଗଞ୍ଜାମ ଜିଲ୍ଲାର ୫୦ମିଟର ରାସ୍ତା ପାଇଁ ଦୁର୍ଦ୍ଦିନରେ ପାଞ୍ଚଶହ ଗ୍ରାମବାସୀ। ଗଞ୍ଜାମ ଜିଲ୍ଲାର ଅନ୍ତିମ ବ୍ଲକ ସୋରଡ଼ା। ଯାହା ଗୋଟିଏ ପଟେ ଗଜପତି ଓ ଅନ୍ୟପଟେ କନ୍ଧମାଳ ସହ ମିଶିଛି। କନ୍ଧମାଳ ଜିଲ୍ଲାର ଅନ୍ୟ ଏକ ବ୍ଲକ ରାଇକିଆକୁ ଏହି ବ୍ଲକ ସଂଯୋଗ ପାଇଁ ମାତ୍ର ୫ ଶହ ମିଟର ରାସ୍ତା ଉଭୟ ଜିଲ୍ଲାର ଅନେକ ଦୁର୍ଗମବାସୀ ଯଥା ରାଇକିଆ ବ୍ଲକ ରଣବା, କରଡ଼ା, ଇନ୍ଦ୍ରଗଡ଼ ଭଳି ତିନୋଟି ଆଦିବାସୀ ପଞ୍ଚାୟତର ବାଦଗଡ଼, ନୂଆ କାନସୁରୁ, ପୁରୁଣା କାନସୁରୁ, ନୂଆଁପଲ୍ଲୀ, ଡେଙ୍ଗାଖମଣ, ବଡ଼ଖମଣ, ଗାନ୍ଧାରୀଭୁଇଁ, ମାଣ୍ଡିଆଖମଣ, ସିକରିଗୁଡା, ସଲପଗୁଡ଼ା, ପାଇକଗଣ୍ଡା, ବରଡ଼ା, ଇନ୍ଦ୍ରଗଡ଼, କଙ୍କଡମ୍ବା, ମାଙ୍କଡ଼ଗଣ୍ଡା, ଦାରଜୁ, ଭିତରଯୋଡ଼ି ଭଳି ୨୦୦ ଗ୍ରାମକୁ ସଂଯୁକ୍ତ ହୋଇ କରଡ଼ା ସହ ମାଲଗୁଡା ଘାଟିଦେଇ ରାଇକିଆ କଲେଜ ରାସ୍ତାକୁ ସଂଯୋଗ ପାଇଁ ଏହି ରାସ୍ତାଟି ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକର ହୁକୁମା ପଞ୍ଚାୟତ ବି କୋଟିବାଡ଼ି, ବାଗିଡି, ରାମଚନ୍ଦ୍ରପୁର, ଗୁଡିପଲ୍ଲୀ, ସୁନ୍ଦିଡ଼ିହପଲ୍ଲୀ, ନିମପଲ୍ଲୀ



ବଞ୍ଚର ସହ ଦୁର୍ଗମ ପଞ୍ଚାୟତ ଗେଞ୍ଜାର କୈଳାଶପୁର, ଭେଜିପଲ୍ଲୀ, ଗେଞ୍ଜା, ରଥପାଲି, ନୂଆପଲ୍ଲୀ, ରସଖାଲ ଭଳି ପାଞ୍ଚଶହ ଗ୍ରାମକୁ ସଂଯୋଗ କରି ବୃହତ୍ତର ଦୁର୍ଗମ ଅଞ୍ଚଳର ଜନସାଧାରଣ ପ୍ରତ୍ୟହ ସ୍କୁଲ ଠାରୁ ଆରମ୍ଭ କରି ଦୈନିକ ସଉଦା ହାଟ, ମେଡିକାଲ ଆଦି ପାଇଁ ସୋରଡ଼ା ସହର ଉପରେ ନିର୍ଭରଶୀଳ। ଏହି ସମସ୍ତ ଗ୍ରାମକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସୋରଡ଼ା ଠାରୁ ବି କୋଟିବାଡ଼ି ଦେଇ ଗେଞ୍ଜା ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇଛି। ହେଲେ କୋଟିବାଡ଼ି ଠାରେ ମାତ୍ର ପଚାଶ ମିଟର ରାସ୍ତା ନିର୍ମାଣ ଅଭାବ ହେତୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଜମି ଅକ୍ତିଆର ହେତୁ ଏଭଳି ସମସ୍ୟା ରହୁଥିବା ଜଣାପଡ଼ିଛି। ମାତ୍ର ପଚାଶ ମିଟର ରାସ୍ତା ପାଇଁ ୫ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ କଷ୍ଟ ଭୋଗିବା ଘଟଣା ଅତି ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଆଜିର ଡିଜିଟାଲ ଦୁନିଆର ବହୁ ପଛରେ ଏହି ଦୁର୍ଗମ ପଞ୍ଚାୟତ ଗୁଡ଼ିକର ଲୋକେ। ଏଣୁ ରାସ୍ତା ଖଣ୍ଡିଏ ପାଇଁ ଗତ ଜନ ଶୁଣାଣି ଅବସରରେ ପ୍ରଶାସନକୁ ନେହୁରା ହୋଇଥିଲେ ଅଞ୍ଚଳବାସୀ। ତେବେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ

ଆସିକା, ୧୨।୧୨(ସମିସ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଭେଟନଇରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷ୍ଣସାର ମୃଗ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ ଉପାଧ୍ୟାୟଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହଯୋଗୀ ବିଜୟ କୁମାର ମହାପାତ୍ର ଏବଂ ପୂର୍ବତନ ଲୋକସଭା ସଦସ୍ୟ ରବିନାରାୟଣ ପାଣି ଯୋଗ ଦେଇଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମ ସହ ଗଞ୍ଜାମ ଜିଲ୍ଲାର ଗର୍ବ ଓ ଗୌରବ ଭେଟନଇ ଜଗତି ପଡ଼ିଆରେ କୃଷ୍ଣସାର ମୃଗକୁ ଅତି ନିକଟରୁ ଦେଖି ବେଶ ଖୁସି ଅନୁଭବ କରିଥିଲେ ଶ୍ରୀ ମହାପାତ୍ର। ଉପସ୍ଥିତ ବିଜୁ ଜନତା ଦଳର ସମସ୍ତ କର୍ମୀଙ୍କୁ ବିଜୁ ବାବୁଙ୍କ ନୀତି ଓ ଆଦର୍ଶକୁ ନ ଭୁଲି ସମସ୍ତେ ଆଗକୁ ଚାଲ ଆଉ ଖୁବଶୀଘ୍ର ଶୁଭ ସଂକେତ ପାଇବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଦକ୍ଷିଣାଞ୍ଚଳ ଜୋନ ସରପଞ୍ଚ ମହାସଂଘ ସଭାପତି ତଥା କେନ୍ଦୁପଦର ଗ୍ରାମ ପଞ୍ଚାୟତର ସରପଞ୍ଚ ଭବାନୀ ଶଙ୍କର ମଲ୍ଲିକ, ଗଞ୍ଜାମ ଜିଲ୍ଲା ବିଜେଡି ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ଆସିକା ଓକିଲ ସଂଘ ସଭାପତି ଅଜିତ କୁମାର ଚୌଧୁରୀ, ସରପଞ୍ଚ ଜୟ ସେନ ସ୍ୱାଇଁ, ରାଜେଶ ପଟ୍ଟନାୟକ, ରବୀନ୍ଦ୍ର ସାହୁ, ତ୍ରିନାଥ ବେହେରା, ନନ୍ଦକିଶୋର ବିଶୋୟୀ, ଭରତ ନାହାକ, କୋକରାମ ଜେନା, ସୂର୍ଯ୍ୟନାରାୟଣ ନାହାକ, ପ୍ରତାପ ପ୍ରଧାନ, ଜୀତେନ୍ଦ୍ର ମହାରଣା, କାହ୍ନୁଚରଣ ଦଳାଇ, ବିମଳ ପ୍ରଧାନ, ନିଗମାନନ୍ଦ ରାଉତ, ସନ୍ତୋଷ ନାହାକ, ଆକାଶ ସ୍ୱାଇଁ, କେଶବ ଦାଶ, ସନାତନ ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।



## ପି. ବିଷ୍ଣୁ ରେଡ୍ଡୀଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ

ଛତ୍ରପୁର, ୧୨।୧୨(ସମିସ): ଛତ୍ରପୁର ପିଏମ୍ଶ୍ରୀ ଅନ୍ସ୍ଲୋ ସରକାରୀ ହାଇସ୍କୁଲ ନବମ ଶ୍ରେଣୀର ଛାତ୍ର ପି. ବିଷ୍ଣୁ ରେଡ଼ି ମଧ୍ୟପ୍ରଦେଶ ଟିକମଗଡ଼ ଠାରେ ହେବାକୁ ଥିବା ୬୯ତମ ବିଦ୍ୟାଳୟସ୍ତରୀୟ ଜାତୀୟ ହକି ପ୍ରତିଯୋଗିତାରେ ଖେଳିବାକୁ ଚୟନ ହୋଇଛନ୍ତି। ଏନେଇ ସୂଚନା ଦେବା ସହିତ ଶୁଭେଚ୍ଛା ଜଣାଇଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ। ଖବର ପାଇବା ପରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆଗକୁ ବଢ଼ିବା ନିମନ୍ତେ ସମସ୍ତ ପ୍ରକାରର ସହଯୋଗ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



ମାତ୍ର ୧୪ ବର୍ଷ ବୟସରେ ବିଷ୍ଣୁ ହକି ଖେଳିବାକୁ ପୂର୍ବରୁ ଲକ୍ଷ୍ନୌ ଯାଇ ସଫଳତା ପାଇଥିବା ବେଳେ ପୁଣି ମଧ୍ୟପ୍ରଦେଶକୁ ଜାତୀୟସ୍ତରୀୟ ହକି ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ବିଷ୍ଣୁ ସୁନ୍ଦରଗଡ଼ ସରକାରୀ ହାଇସ୍କୁଲ କୋଚିଂ କ୍ୟାମ୍ପରେ ଯୋଗଦେବେ। ଡିସେମ୍ବର ୧୩ରୁ ୧୮ ପର୍ଯ୍ୟନ୍ତ ସୁନ୍ଦରଗଡ଼ କ୍ୟାମ୍ପରେ ଖେଳିବା ପରେ ୧୯ରେ ମଧ୍ୟପ୍ରଦେଶକୁ ଯାଇ ସେଠାରେ ୨୨ରୁ ୨୭ ପର୍ଯ୍ୟନ୍ତ ହେବାକୁ ଥିବା ହକି ପ୍ରତିଯୋଗିତାରେ ଭାଗ ନେଇ ଓଡ଼ିଶା ପାଇଁ ଖେଳିବେ। ମାତ୍ର ୧୪ବର୍ଷ ବୟସରେ ଦୁଇ ଦୁଇ ଥର ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଖେଳିବା ପାଇଁ ସୁଯୋଗ ପାଇଥିବା ବେଳେ ଲକ୍ଷ୍ନୌରେ ହକି ଖେଳି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କର ଏଭଳି ସଫଳତାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ହକିକୁ ନେଇ ସାରା ଦେଶରେ ସୁନାମ ଅର୍ଜନ କରିଥିବା ଛତ୍ରପୁର ପୁଣି ଥରେ ନିଜର ପୂର୍ବ ଗାରିମା ଫେରି ପାଇବ ବୋଲି ଆଶା କରାଯାଇଛି। ବିଷ୍ଣୁ ଦୁଇବର୍ଷ ଧରି ଛତ୍ରପୁର ହକି ପ୍ରଶିକ୍ଷଣ କେନ୍ଦ୍ରରେ ମୁଖ୍ୟ କୋଚ ସନ୍ତୋଷ କୁମାର ଗୌଡ଼ ଓ କୋଚ ମନୋଜ କୁମାର ସ୍ୱାଇଁଙ୍କ ଠାରୁ ଦୁଇ ବର୍ଷ ହେଲା ପ୍ରଶିକ୍ଷଣ ନେଉଛନ୍ତି। ମଧ୍ୟପ୍ରଦେଶର ହକି ପ୍ରତିଯୋଗୀତାରେ ମଧ୍ୟ ନିଶ୍ଚିତ ସଫଳତା ପାଇବି ଓ ଆଗାମୀ ଦିନରେ ଆନ୍ତର୍ଜାତୀୟ ହକି ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି ବିଷ୍ଣୁ।

## ପିଏମ୍ଶ୍ରୀ ଅନ୍ସ୍ଲୋ ହାଇସ୍କୁଲ ବାର୍ଷିକ କ୍ରୀଡ଼ା



ଛତ୍ରପୁର, ୧୨।୧୨(ସମିସ): ପିଏମଶ୍ରୀ ଅନସ୍ଲୋ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ମିନି ଷ୍ଟାଡିଅମ ପରିସରରେ ଉଦ୍ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅର୍ଜୁନ ପୁରସ୍କାରପ୍ରାପ୍ତ, ଅଲିମ୍ପିକ୍ସ ଖେଳାଳୀ ତଥା ଦୌଡ ରାଣୀ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିବା ସହ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ପରିଶ୍ରମ କରିଲେ ଜଣେ ସଫଳ କ୍ରୀଡ଼ାବିତ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଚ ତଥା ବ୍ରହ୍ମପୁର ଶାରୀରିକ ଏକାଡେମୀର ମୁଖ୍ୟ ସୀମାଞ୍ଚଳ ବାରିକ, ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମା ଶଙ୍କର ଦାଶ, ବରିଷ୍ଠ ଶିକ୍ଷୟିତ୍ରୀ ସବିତାରାଣୀ ତ୍ରିପାଠୀ, ବିଦ୍ୟାଳୟ କ୍ୟାପଟେନ ଶୁଭଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କାଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଅରୁଣ କୁମାର ମାନସିଂ ପରିଚାଳନାରେ ସହଯୋଗ କରିଥିଲେ।

## ସରିବ ଶିକ୍ଷାବର୍ଷ; ଏଯାଏ ଛାତ୍ରଛାତ୍ରୀଙ୍କୁ ମିଳିନି ପୋଷାକ, ଜୋତା

କୋଦଳା, ୧୨।୧୨(ସମିସ)

ଶିକ୍ଷାବର୍ଷ ସରିବାକୁ ବସିଲାଣି ହେଲେ ଗଞ୍ଜାମ କୋଦଳା ଏନ୍ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଏଯାଏଁ ଛାତ୍ରଛାତ୍ରୀଙ୍କୁ ମିଳିନି ପୋଷାକ ଓ ଜୋତା। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କୋଦଳାରେ ଚାଲିଛି ଟ୍ରିପଲ ଇଞ୍ଜିନ ସରକାର। ଏଠି ଏନ୍ଏସି ଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାର ବିଜେପି ନେତୃତ୍ୱାଧୀନ ଥିବା ବେଳେ ଏଭଳି ଅବ୍ୟବସ୍ଥାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଦଳା ପିଏମ୍ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବର୍ଷ ଶେଷ ହେବାକୁ ଯାଉଛି। ଅଥଚ ପିଲାମାନଙ୍କୁ ୟୁନିଫର୍ମ ଓ ଜୋତା ଦିଆଯାଇନି। ଛାତ୍ରୀଛାତ୍ରଙ୍କୁ ତୁରନ୍ତ ୟୁନିଫର୍ମ ଯୋଗାଇ ଦେବାକୁ ଗତ ମାସରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଠାରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଇଛି। ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଏହି ବିଦ୍ୟାଳୟକୁ ଗତ ୨ ଦିନ ତଳେ ପରିଦର୍ଶନରେ ଯାଇ ବିଦ୍ୟାଳୟର ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ବୁଝିଥିଲେ। ଏପରିକି କୌଣସି ସମସ୍ୟା ଥିଲେ ମୋତେ ସିଧାସଳଖ ଫୋନ୍ କରି ଜଣାଇବାକୁ ଛାତ୍ରଛାତ୍ରୀଙ୍କୁ ନିଜ ମୋବାଇଲ ନମ୍ବର ବାଣ୍ଟିଥିଲେ। ହେଲେ ଛାତ୍ରଛାତ୍ରୀଙ୍କୁ ପୋଷାକ ମିଳିଛି କି ନାହିଁ ପଚାରି ନଥିଲେ। ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନଥିବା ବେଳେ ବିଦ୍ୟାଳୟର ପରିବେଶ ଅତି କଦର୍ଯ୍ୟ ହୋଇଛି। ପୂର୍ବରୁ ଏଠାରେ ଥିବା ପ୍ରଧାନ ଶିକ୍ଷକ ଅଧ୍ୟକ୍ଷଙ୍କ ହାତବାରିସି ସାଜିଥିଲେ। ଏପରିକି ପୂର୍ବ ପ୍ରଧାନ ଶିକ୍ଷକଙ୍କ ବଦଳି ହୋଇଥିଲେ ମଧ୍ୟ ଅଧ୍ୟକ୍ଷଙ୍କ ଚାପରେ ଗାଦି ଛାଡୁ ନଥିଲେ। ଏନେଇ ବାରମ୍ବାର ଅଭିଯୋଗ ପରେ ଏବେ ନୂତନ ପ୍ରଧାନ ଶିକ୍ଷକ ଭାବେ ସରୋଜ ମାଝୀ ଦାୟିତ୍ୱ ନେଇଛନ୍ତି। ସମସ୍ତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ବର୍ଷ ଶେଷ ହେବାପରେ ଅଧ୍ୟକ୍ଷଙ୍କ ଏବେ କିପରି ଛାତ୍ରଛାତ୍ରୀଙ୍କ କଥା ମନେ ପଡ଼ିଲା? ବଦନାମ ହେବା ଭୟରେ ବିଦ୍ୟାଳୟ ଗସ୍ତ କରି ମିଛିମିଛିକା ଉନ୍ନତି ବୁଝୁଥିଲେ କି? ରାଜନୈତିକ ରୁଟି ନ ସେକି ବାସ୍ତବରେ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରନ୍ତୁ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।




## ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ପାଠ୍ୟ ଆସବାବ ଉପକରଣ ବଣ୍ଟନ

ଛତ୍ରପୁର, ୧୨।୧୨(ସମିସ): ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ଶିକ୍ଷା ଭିତ୍ତିଭୂମିକୁ ଉନ୍ନତ କରିବା ସହ ଆଧୁନିକୀକରଣ କରିବା ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେସନ ଅନେକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ପ୍ରୟାସ ଅନ୍ତର୍ଗତ ଆଜି ପାଖାପାଖି ୧୦୦ଗୋଟି ପାଠ୍ୟ ଆସବାବ ଉପକରଣ ସାମଗ୍ରୀ ବଣ୍ଟନ କରାଯାଇଛି। ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସ୍ଥିତ ବଡଆର୍ଯ୍ୟପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବଡ ଆର୍ଯ୍ୟପଲ୍ଲୀ, ହରିପୁର, ଆଗ୍ରାହାରମ ଓ ଚନ୍ଦ୍ରପଦା ଉଚ୍ଚ ପ୍ରାଥମିକ ଆଦି ବିଦ୍ୟାଳୟଗୁଡିକୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି ଦୁଇ ଆସନ ବିଶିଷ୍ଟ ପାଠ୍ୟ ଟେବୁଲ ସହିତ ଚେୟାର ଯୋଗାଇ ଦିଆଯାଇଛି।

କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ପ୍ରଶାନ୍ତ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ବିଦ୍ୟାଳୟ ସଭାପତି ମୂରଲୀ ସାହୁ, ପ୍ରଧାନ ଶିକ୍ଷକ ରଜତ ଗୋଛାୟତ ଓ ବର ଆର୍ଯ୍ୟପଲ୍ଲୀ ପଞ୍ଚାୟତ ଗ୍ରାମ୍ୟ କମିଟିର ବହୁ ସଦସ୍ୟ ଓ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ଗୁଡିକୁ ବଣ୍ଟନ କରାଯାଇଥିଲା।ସରକାରୀ ବିଦ୍ୟାଳୟଗୁଡିକୁ ଏହି ଆବଶ୍ୟକୀୟ ଫର୍ନିଚର ଯୋଗାଇଯାଇଥିବାରୁ ସ୍ଥାନୀୟ ଗ୍ରାମ୍ୟ ନେତୃମଣ୍ଡଳ ଆଦାନୀ ଫାଉଣ୍ଡେସନକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ପ୍ରଶାନ୍ତ ପାତ୍ର କହିଥିଲେ ଯେ, ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ପାଠ୍ୟ ସୁବିଧା ଯୋଗାଇବା ସହ ସେମାନଙ୍କୁ ସଶକ୍ତ କରିବା ପାଇଁ ଆବଶ୍ୟକ ସମ୍ବଳ ନିଶ୍ଚିତ କରିବା ଆଦାନୀ ଫାଉଣ୍ଡେସନର ମୂଳ ଲକ୍ଷ୍ୟ ଅଟେ। ଶିକ୍ଷା ହେଉଛି ସମୃଦ୍ଧିର ମୂଳଦୁଆ ଏବଂ ଆମର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକୁ ସହଯୋଗ କରି ଆମର ଭବିଷ୍ୟତ ପିଢ଼ି ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ପ୍ରତି ଆମେ ସର୍ବଦା ବଦ୍ଧପରିକର।



ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୯୯
- ୟୁରୋ ୧୦୬.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୧୨୩ (ଭୁବନେଶ୍ୱର)
- ରୁପା : ୨,୧୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୬୭.୦୦
- ନିଫ୍ଟି ୨୬,୦୪୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବାସୁମତୀ ଆଗରେ 'ଟେକ୍ସମତୀ' ଫେଲ୍

## ପୁଣି ଟ୍ରମ୍ପ୍ ଦେଲେ ଅତିରିକ୍ତ ଟାରିଫ୍ ଧମକ

ୱାଶିଂଟନ୍,୧୨।୧୨(ଏଜେନ୍ସି): ଭାରତୀୟ ବାସମତୀ ଚାଉଳର ସୁଗନ୍ଧ ଓ ଚାହିଦା ସାରା ବିଶ୍ୱରେ ରହିଛି। ତେବେ ଆମେରିକାରେ ମଧ୍ୟ ବାସୁମତୀ ଚାଉଳର ଚାହିଦା ଅଧିକ। ଆମେରିକା ଏହାର ଆମଦାନୀ ହ୍ରାସ କରିବା ଏବଂ ସେଠାକାର ବଜାରରେ ଭାରତୀୟ ବାସମତୀର ମୁକାବିଲା ନିମନ୍ତେ ୧୯୮୦ ଦଶକରେ 'ଟେକ୍ସମତୀ' ନାମରେ କପି ଚାଉଳ ପଉତ୍ପାଦନ କରିଥିଲା। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଆମେରିକୀୟ ହାଇବ୍ରିଡ ଚାଉଳ ଭାରତୀୟ ବାସମତୀର ସମକକ୍ଷ ହୋଇପାରିନି। ଆଜି ପରିସ୍ଥିତି ଏପରି ଯେ ଆମେରିକୀୟ ଚାଷୀ ଚାପରେ ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଟାରିଫର ଚେତାବନୀ ଦେଇ ନୂଆ ବିବାଦ ଛିଡା କରିଛନ୍ତି।

ସମ୍ପ୍ରତି, ଡୋନାଲ୍ଡ ଟ୍ରମ୍ପ ଅନ୍ୟ ଦେଶରୁ ଆସୁଥିବା ଚାଉଳ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ଏଥିରେ ଆମେରିକାକୁ ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ ଭାରତ ସବୁଠାରୁ ଅଧିକ ପ୍ରଭାବିତ ହୋଇପାରେ। ଭାରତ ପୂର୍ବରୁ ଆମେରିକାର ଗହମ ସହାୟତା ଉପରେ ନିର୍ଭର କରୁଥିଲା ଏବଂ ବର୍ତ୍ତମାନ ଏହାର ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ। ଯଦିଓ ଆମେରିକା 'ଟେକ୍ସମତୀ' ଏବଂ ଜସମତୀ ପରି କିସମ ଚାଷ କରି ଚାଉଳ ଆମଦାନୀ ହ୍ରାସ କରିବାକୁ ଚେଷ୍ଟା କରିଥିଲା, ଏହି କିସମଗୁଡ଼ିକ ଭାରତୀୟ ବାସୁମତୀ ସହିତ ପ୍ରତିଯୋଗିତା କରିପାରିଲା ନାହିଁ।



୮୦ ଦଶକରେ ହାଇବ୍ରିଡ ଚାଉଳ 'ଟେକ୍ସମତୀ' ପ୍ରସ୍ତୁତ ହୋଇଥିଲା

ଆମେରିକାର ଟେକ୍ସାସ-ଭିତ୍ତିକ କମ୍ପାନୀ ରାଇସଟେକ୍ ଆମେରିକୀୟ ଲମ୍ବା-ଦାନା ଚାଉଳକୁ ବାସୁମତୀ ସହିତ ମିଶ୍ରଣ କରି ଏକ ହାଇବ୍ରିଡ୍ ଚାଉଳ କିସମ ବିକଶିତ କରିଥିଲା। ଲକ୍ଷ୍ୟ ଥିଲା ବାସୁମତୀ ପରି ସୁଗନ୍ଧ ଏବଂ ଆମେରିକୀୟ ଜଳବାୟୁ ପରିସ୍ଥିତିରେ ବଢ଼ିପାରୁଥିବା ଲମ୍ବା ଶସ୍ୟ ସହିତ ଚାଉଳ ସୃଷ୍ଟି କରିବା। ଏହାକୁ 'ଟେକ୍ସମତୀ' ନାମ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ଆମେରିକା ଜସମତୀ ଚାଉଳ ପ୍ରଚଳନ କରିଥିଲା। ବାସମତିର ଆକୃତି ଥାଇ ଜସମତୀ ଚାଉଳର ସୁଗନ୍ଧ ସହିତ ମିଶ୍ରଣ କରିଥିଲା, କିନ୍ତୁ ଏହା ମଧ୍ୟ ବିଫଳ ହୋଇଥିଲା। ଏହାକୁ ରୋଷେଇ କଲେ ସ୍ୱାଦ ଓ ସୁଗନ୍ଧରେ ମୂଳ ବାସମତୀ ଚାଉଳ ସମକକ୍ଷ ହୋଇ ପାରୁନି। ଏଣୁ ଆମେରିକୀୟ ଉପଭୋକ୍ତା ଧିରେ ଧିରେ ପୁଣି ଭାରତୀୟ ବାସମତୀକୁ ଫେରି ଆସିଥିଲେ। ଏଣୁ ଆମେରିକୀୟ ବଜାରରେ ଭାରତୀୟ ବାସମତୀର ଚାହିଦା ପାଖାପାଖି ୮୫% ପର୍ଯ୍ୟନ୍ତ ରହିଛି।

ଏବେ ବାସମତୀର ବଢୁଥିବା ଲୋକପ୍ରିୟତା ଆମେରିକୀୟ ଚାଷୀଙ୍କ ଉପରେ ଚାପ ପକାଉଛି। ଅନେକ ମିଲ୍ ମାଲିକ ବିଦେଶୀ ଚାଉଳ ଆମେରିକା ଉତ୍ପାଦିତ ଚାଉଳର ବଜାର ଅଂଶ କମାଉଥିବାର ଅଭିଯୋଗ କରିଛନ୍ତି। ଏହାପରେ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଚେତାବନୀ ଦେଇଛନ୍ତି। ଏହାଛଡା ଟ୍ରମ୍ପ ଆମେରିକୀୟ ଚାଷୀଙ୍କ ଲାଗି ୧୨ ବିଲିୟନ ଡଲାରର ଆର୍ଥିକ ପ୍ୟାକେଜ୍ ଯୋଜନା ମଧ୍ୟ ଘୋଷଣା କରିଛନ୍ତି। ତେବେ ବିଶେଷଜ୍ଞଙ୍କ ଅନୁସାରେ ଆମେରିକୀୟ ଟାରିଫର ଭାରତୀୟ ବାସମତୀ ଉପରେ ଆଂଶିକ ପ୍ରଭାବ ରହିବ। କାରଣ ଆମେରିକାକୁ ମାତ୍ର ୩% ଭାରତୀୟ ଚାଉଳ ରପ୍ତାନୀ ହେଉଛି। ଏହାଛଡା ଭାରତୀୟ ଚାଉଳର ମୁଖ୍ୟ ଆମଦାନୀକାରୀ ଉପସାଗରୀୟ ଦେଶ। ଏଥିରେ ଏବେ ଆଫ୍ରିକା ବଜାର ନୂଆ କରି ଯୋଡିହୋଇଛି। ଏଣୁ ଟ୍ରମ୍ପ୍ ପ୍ରଶାସନ ଟାରିଫ ବଢାଇଲେ ଆମେରିକୀୟ ଉପଭୋକ୍ତା ପ୍ରଭାବିତ ହେବେ ଓ ଦେଶରେ ଭାରତୀୟ ରପ୍ତାନୀ ଚାଉଳର ମୂଲ୍ୟ ବଢିବ। ତେବେ ଏଥିରେ ଭାରତୀୟ ରପ୍ତାନୀକାରୀ ପ୍ରଭାବିତ ହେବେନାହିଁ।

# ଓମ୍‌ଫେଡ୍‌କୁ 'ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦି ଓଡ଼ିଶା' ଆୱାର୍ଡ



ଭୁବନେଶ୍ୱର,୧୨।୧୨(ସମିସ): ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍)କୁ ମିଳିଲା ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦ ଓଡିଶା ସମ୍ମାନ। ଭୁବନେଶ୍ୱରଠାରେ ଆୟୋଜିତ ଆତ୍ମନିର୍ଭର ଓଡିଶା ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀକୁ ଏହି ପୁରସ୍କାର ମିଳିଛି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଓ ଡେପୁଟି ମ୍ୟାନେଜର ଡାକ୍ତର ବିଶ୍ୱରଞ୍ଜନ ତ୍ରିପାଠୀ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସ୍ୱୀକୃତି ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ କଠୋର ପରିଶ୍ରମ ଏବଂ ଅଗଣିତ ଗ୍ରାହକଙ୍କର ଭଲ ପାଇବାର ପ୍ରତୀକ। ଓମ୍‌ଫେଡ୍ ରାଜ୍ୟର କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚିପାରିଥିବାରୁ ସେମାନଙ୍କ ନିକଟରେ ଆମେ କୃତଜ୍ଞ ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ପ୍ରଧାନୀ କହିଛନ୍ତି। ଏହି ସମ୍ମାନ ଓ ଶ୍ରେୟ ଓମ୍‌ଫେଡ୍‌ର ଲକ୍ଷ ଲକ୍ଷ ଚାଷୀ, ଅଗଣିତ ଗ୍ରାହକ ଏବଂ କଠୋର ପରିଶ୍ରମ କରୁଥିବା କର୍ମଚାରୀଙ୍କର ବୋଲି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି।

# କଟକରେ ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀର ନୂତନ ଷ୍ଟୋରର ଶୁଭାରମ୍ଭ

କଟକ,୧୨।୧୨(ସମିସ): ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, କଟକରେ ଏହାର ଦ୍ୱିତୀୟ ଷ୍ଟୋର ଖୋଲିଛି। ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ରିଟେଲ ଅଭିଜ୍ଞତା ପ୍ରଦାନ କରିବା ପାଇଁ କଟକର ନୂତନ ଇନ୍ଦ୍ରିୟା ଷ୍ଟୋରକୁ ପ୍ରସ୍ତୁତ କରାଯାଇଛି। ଏଠାରେ ବ୍ରାଇଡାଲ୍ ଲାଉଞ୍ଜ୍ ଏବଂ ବିଶେଷ କାରିଗରୀ କକ୍ଷ ସହିତ ୨୮,୦୦୦ରୁ ଅଧିକ ସୁନ୍ଦର ଡିଜାଇନ୍‌ର ବିଶାଳ କଲେକ୍ସନ ରହିଛି। ଏହି ଶୁଭାରମ୍ଭ ଅବସରରେ ଫ୍ରାଞ୍ଚାଇଜ ସଞ୍ଜୀବ ହଂସ, ସଙ୍ଗୀତା ହଂସ, ଇନ୍ଦ୍ରିୟା ରିଟେଲ ମୁଖ୍ୟ ଅମିତ ଧରପ, ଇନ୍ଦ୍ରିୟା ଫ୍ରାଞ୍ଚାଇଜ ମୁଖ୍ୟ ଗୌରବ କୁମାର, ଇଷ୍ଟର ଆଂଚଳିକ ବ୍ୟବସାୟ ମ୍ୟାନେଜର ଦୀପଞ୍ଜନ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, ଆମର ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋର ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣାଦାୟକ ହୋଇଛି। କଟକରେ ଆମର ଦ୍ୱିତୀୟ ଷ୍ଟୋରର ଶୁଭାରମ୍ଭ କେବଳ ଓଡ଼ିଶାରେ ନୁହେଁ ବରଂ ପୂର୍ବାଞ୍ଚଳରେ ଇନ୍ଦ୍ରିୟାର ଉପସ୍ଥିତିକୁ ଆହୁରି ସୁଦୃଢ କରିବ।



# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଟାଟା ସିଆରା

ମୁମ୍ବଇ,୧୨।୧୨: ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ନୂତନ ପ୍ରବେଶକାରୀ ଟାଟା ସିଆରା ୧୨ ଘଣ୍ଟା ମଧ୍ୟରେ ସର୍ବାଧିକ ଇନ୍ଧନ ଦକ୍ଷତା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ନାଟ୍ରାକ୍ସ ଇନ୍ଦୋରରେ ଏକ ସାର୍ଟିଫିକେଟ୍ ରନ୍‌ରେ ସିଆରା ପୂର୍ବ ଜାତୀୟ ମାନଦଣ୍ଡକୁ ଅତିକ୍ରମ କରି ୨୯.୯ କିମିର ବିତରଣ କରିଥିଲା। ପିକ୍ସେଲ ମୋସନ ଦଳ ଦ୍ୱାରା ଏହି କୀର୍ତ୍ତିମାନ କାର୍ଯ୍ୟକାରୀ କରାଯାଇଥିଲା, ଯିଏ ନଭେମ୍ବର ୩୦ରେ ସକାଳ ୭ରୁ ରାତି ୭ ପର୍ଯ୍ୟନ୍ତ ୧.୫ଲିଟର ହାଇପରିଅନ୍ ଚାଳିତ ସିଆରାକୁ ଚଲାଇଥିଲା। ଏହି ସଫଳତାର ମୂଳରେ ହେଉଛି ସର୍ବ ନୂତନ ୧.୫ ଲିଟର ହାଇପରିଅନ୍ ପେଟ୍ରୋଲ୍ ଇଞ୍ଜିନ୍, ବିଶୋଧନ, କାର୍ଯ୍ୟଦକ୍ଷତା କିମ୍ବା ଡ୍ରାଇଭିବିଲିଟିକୁ ସାମ୍ନା ନ କରି ଉଚ୍ଚ ଦକ୍ଷତା ପ୍ରଦାନ କରିବାକୁ ଇଞ୍ଜିନିୟରିଂ। ଏହାର ଉନ୍ନତ ଜାଳେଣି ପ୍ରଣାଳୀ, ଟର୍କ-ସମୃଦ୍ଧ କାର୍ଯ୍ୟଦକ୍ଷତା ବ୍ୟାଣ୍ଡ ଏବଂ ଘର୍ଷଣ-ଅପ୍ଟିମାଇଜ୍ ସ୍ଥାପତ୍ୟ କ୍ରମାଗତ ଇନ୍ଧନ ବିତରଣ ଏବଂ ଚାଲିବା ସମୟରେ ସ୍ଥିର କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରେ।

# ସବୁ ରେକର୍ଡ ଭାଙ୍ଗିଲା ସୁନା, ରୁପା ଦର

## ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟପିଲା; ରୁପା କିଲୋ ୨.୧୩ ଲକ୍ଷ

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଘରୋଇ ବଜାରରେ ଥମୁନି ସୁନା ଓ ରୁପା ଦର ବୃଦ୍ଧି। ଏଥିରେ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପାରେ ଭାରତୀୟ ବଜାରରେ ରେକର୍ଡ ବେଗରେ ବଢୁଛି ସୁନା ଓ ରୁପା ଦର। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ସୁନା ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସୁନା ମୂଲ୍ୟ ପ୍ରାୟ ୫୦% ବୃଦ୍ଧି ପାଇଛି, ଯାହା ନିଫ୍ଟି ସୂଚକାଙ୍କ ଏବଂ ଅନ୍ୟାନ୍ୟ ପ୍ରମୁଖ ସୂଚକାଙ୍କକୁ ପଛରେ ପକାଇଦେଇଛି। ଏହି ବୃଦ୍ଧି ଅନେକ କାରଣ ଦ୍ୱାରା ପରିଚାଳିତ ହୋଇଛି, ଯେଉଁଥିରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅତ୍ୟଧିକ କ୍ରୟ, ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା, ବାଣିଜ୍ୟ ଅନିଶ୍ଚିତତା, ଡଲାର ସୂଚକାଙ୍କ ଦୁର୍ବଳ ହେବା, ଆର୍ଥିକ ମାନ୍ଦାବସ୍ଥାର ଭୟ ଏବଂ ଇଟିଏଫ୍‌ରେ ଦୃଢ଼ ନିବେଶ ପ୍ରବାହ ଅନ୍ତର୍ଭୁକ୍ତ।



ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩୩,୯୧୮ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୨,୧୦୦ ଟଙ୍କା ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୪,୦୫୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୩,୦୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୨.୧୩,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି। ନିବେଶ ପାଇଁ ସୁରକ୍ଷିତ ମାଧ୍ୟମ ହୋଇଥିବାରୁ, ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରଚୁର ମାତ୍ରାରେ ସୁନା କ୍ରୟ କରୁଥିବାରୁ ଏହି ହଳଦିଆ ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ପୂର୍ବତଟ ରେଳପଥର ସୌରଚାଳିତ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା

ଭୁବନେଶ୍ୱର, ୧୨।୧୨ (ସମିସ): ପୂର୍ବତଟ ରେଳପଥ ଏହାର ଅଧିକାରକ୍ଷେତ୍ରରେ ସୌରଚାଳିତ ସିସିଟିଭି କ୍ୟାମେରା ବ୍ୟାପକ ଭାବରେ ନିୟୋଜିତ କରି ଏବଂ ଉନ୍ନତ ମାନର ନିରୀକ୍ଷଣ ଡ୍ରୋନ ପ୍ରଚଳନ କରି ସୁରକ୍ଷା ଏବଂ ନିରୀକ୍ଷଣ ଢାଞ୍ଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା, ଅନଧିକାର ପ୍ରବେଶକୁ ରୋକିବା, ଦୁର୍ଗମ ଅଞ୍ଚଳ ଗୁଡିକରେ ନିରୀକ୍ଷଣରେ ଉନ୍ନତି ଆଣିବା ଏବଂ ରେଳ ସମ୍ପତ୍ତି ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ପୂର୍ବତଟ ରେଳପଥ ଅଧିନସ୍ଥ ମଣ୍ଡଳ ଗୁଡ଼ିକରେ ସୌରଚାଳିତ ସିସିଟିଭି କ୍ୟାମେରା ସଂସ୍ଥାପନ କରାଯାଇଛି। ଦୁର୍ଗମ ଅଞ୍ଚଳ କିମ୍ବା କୌଣସି ବିଦ୍ୟୁତ ଯୋଗାଣ ନ ଥିବା ଅଞ୍ଚଳରେ ନିରବଚ୍ଛିନ୍ନ ନିରୀକ୍ଷଣ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ତିନୋଟି ଡିଭିଜନର ଦୁର୍ଗମ ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସୌରଚାଳିତ ସିସିଟିଭି ବ୍ୟବସ୍ଥା ସ୍ଥାପନ କରାଯାଇଛି।

# ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇଲା ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୧୨।୧୨ (ସମିସ): ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲଚେୟାର ଓ ଶ୍ରବଣ ଯନ୍ତ୍ର ଉପକରଣ ପ୍ରଦାନ କରି ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, କମ୍ପାନୀ ଛତାବର, କୁଡାଲୋଇ, ପିପିଲିମାଲ ଏବଂ ବଞ୍ଜାରୀ ଗ୍ରାମ ପଞ୍ଚାୟତଗୁଡ଼ିକର ୨୦ ଜଣ ବ୍ୟକ୍ତିଙ୍କୁ ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହାୟତା ପ୍ରଦାନ କରିଥିଲା। ଏହି ପ୍ରୟାସକୁ ଆଗକୁ ବଢ଼ାଇ କମ୍ପାନୀ ୩୦ ଜଣ ଗୋଷ୍ଠୀ ସଦସ୍ୟଙ୍କୁ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ସେମାନେ ସ୍ୱାଧୀନ ଜୀବନଯାପନ କରିପାରିବେ।




ଏହି ସହାୟକ ଉପକରଣଗୁଡ଼ିକ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଅଭିଲାଷ, ପିପଲିମାଲ୍ ସରପଞ୍ଚ ରଙ୍ଗାଧର ଡିଲା, ଆଶା କର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନେ, କମ୍ପାନୀ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଭାବନାକୁ ସୁଦୃଢ଼ କରୁଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତରେ, ଆମର ସାମାଜିକ କାର୍ଯ୍ୟକ୍ରମ ସମ୍ପ୍ରଦାୟ ପାଇଁ ନ୍ୟାୟସଙ୍ଗତ ସୁଯୋଗ ସୃଷ୍ଟି କରିବାରେ ନିହିତ। ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହାୟତା କରିବା ସହିତ ସେମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାକୁ ସଶକ୍ତ କରିଥାଏ ଏବଂ ଗୋଷ୍ଠୀ ଅନ୍ତର୍ଭୂକ୍ତିକରଣ ଏବଂ ସଶକ୍ତିକରଣକୁ ମଜବୁତ କରିଥାଏ।

# ପ୍ରପେଲ ଇଣ୍ଡଷ୍ଟ୍ରିଜ୍‌ର ୪ ନୂଆ ଟିପ୍ପର ମଡେଲ

ବେଙ୍ଗାଲୁରୁ, ୧୨।୧୨: କ୍ରସିଂ ଏବଂ ସ୍କ୍ରିନିଂ ଉପକରଣଗୁଡିକରେ ଭାରତରେ ଅଗ୍ରଣୀ ସ୍ଥାନରେ ରହିଥିବା ତଥା ଇଲେକଟ୍ରିକ ଟିପ୍ପର ବିନିର୍ମାଣରେ ପ୍ରମୁଖ ସ୍ଥାନ ନେଉଥିବା ପ୍ରପେଲ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ ଚାରିଟି ନୂଆ ଟିପ୍ପର ମଡେଲ, ଏକ ସମ୍ପୂର୍ଣ୍ଣ ନୂଆ ସଂଯୋଗକାରୀ ପ୍ଲାଟଫର୍ମ ଏବଂ ପୂର୍ଣ୍ଣାଙ୍ଗ ବିକ୍ରି-ପର ସମାଧାନ ବ୍ୟବସ୍ଥାକୁ ଏକ୍ସକନ୍ ୨୦୨୫ରେ ଉନ୍ମୋଚନ କରିବା ସହିତ ଏହାର ଇଲେକ୍ଟ୍ରିକ ଖଣି ଖନନ ଏବଂ ନିର୍ମାଣ ବର୍ଗମାଳାରେ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏହି ଅବସରରେ ଡ. ସୌମ୍ୟ ରଞ୍ଜନ ସାମଲ, ଫାଉଣ୍ଡର ଓ ସିଏମ୍‌ଡି କଳିଙ୍ଗ କମର୍ସିଆଲ କର୍ପୋରେସନ ଲିମିଟେଡ ଓ ଜେ. ରୁଦ୍ରଶେକର, ଡାଇରେକ୍ଟର, ରାଜିରାଜ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ, ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ।

**ରାଜ୍ୟସଭାରେ ରେଳମନ୍ତ୍ରୀଙ୍କ ଉତ୍ତର**

# ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ୨୨୬ କିମି ସେକ୍ସନରେ ରେଳ ଚଳାଚଳ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମୋଟ୍ ଦୂରତା ୩୦୧ କିମି ହୋଇଥିବାବେଳେ ନଭେମ୍ବର ୨୦୨୫ ସୁଦ୍ଧା ଏଥିମଧ୍ୟରୁ ୨୨୬ କିମିର ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଆଜି ରାଜ୍ୟସଭାରେ ଓଡ଼ିଶାରେ ରେଳ ବିକାଶ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି। ରେଳ ମନ୍ତ୍ରୀଙ୍କ ସୂଚନା ମୁତାବକ, ୫,୦୮୯ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଦ୍ରୁତ ଗତିରେ ଜାରି ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପରେ ୪,୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ମୋଟ୍ ଆବଶ୍ୟକ ୩୨୭୪.୪୧ ଜମି ମଧ୍ୟରୁ ୩୧୫୮.୧୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହୋଇଛି। ୨୨୬ କିମିର ଲମ୍ବ ଏହି ପ୍ରକଳ୍ପ ମଧ୍ୟରୁ ଖୋର୍ଦ୍ଧା ପଟରୁ ଖୋର୍ଦ୍ଧା ରୋଡ-ଦଶପଲ୍ଲା ୧୦୬ କିଲୋମିଟର ଏବଂ ବଲାଙ୍ଗିର ପଟୁ ବଲାଙ୍ଗିରରୁ ପୁରୁଣା କଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ରେଳ ମାର୍ଗରେ ରେଳ ଚଳାଚଳ ଆରମ୍ଭ କରିସାରିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ଅବଶିଷ୍ଟ କାମ ଜାରି ରହିଛି। ସେ କହିଛନ୍ତି ଯେ, ଝାରସୁଗୁଡ଼ା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ କ୍ଷେତ୍ରରେ ରେଳ ଯୋଗାଯୋଗରେ ସୁଧାର ଲାଗି ତାଳଚେର-ବିମଳାଗଡ଼ ନୂଆ ଲାଇନ୍ (୧୫୦ କିମି), ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ (୧୦୧ କିମି), ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କିମି), ସମ୍ବଲପୁର-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ (୧୨୭ କିମି), ନିର୍ଗୁଣ୍ଡି-ବିଜୟନଗରମ ତୃତୀୟ ଲାଇନ (୩୮୫କିମି) ସମେତ ମୋଟ୍ ୧୪ଟି ରେଳ ଲାଇନ ପ୍ରକଳ୍ପ, ଫ୍ଲାଇଓଭର ଏବଂ ଅନ୍ୟ କାର୍ଯ୍ୟ ଜାରି ରହିଛି।

**ମିଳିଲା କେନ୍ଦ୍ର ସରକାରଙ୍କ ମଞ୍ଜୁରି**

# ଓଡ଼ିଶାରେ ଖୋଲିବ ଦୁଇ ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଖୋଲିବ ଦୁଇଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍। ଏଥିପାଇଁ କେନ୍ଦ୍ର ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ଦୁଇ ୟୁନିଟ୍‌ରେ ୪,୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହେବ। ଶୁକ୍ରବାର ରାଜ୍ୟସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହାଛଡା ଭୁବନେଶ୍ୱରରେ ଏକ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠାକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି କ୍ଲଷ୍ଟର ୧୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଦୁଇଟି ସେମିକଣ୍ଡକ୍ଟର କାରଖାନାରୁ ଉତ୍ପାଦିତ ଚିପ୍ସଗୁଡ଼ିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ୱେରଲେସ୍ ଉପକରଣ, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। ଏହାଛଡ଼ା ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ୧୧ଟି ବିଶ୍ୱବିଦ୍ୟାଳୟକୁ ମାଗଣା ଡିଜାଇନ୍ ଟୁଲ୍ ଯୋଗାଇ ଦେଇଛନ୍ତି। ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୯୮ କୋଟି ଟଙ୍କା ନିବେଶ କରାଯାଇଥିବାବେଳେ ୫୭୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଡିଜିଟାଲ ଦକ୍ଷତା ବିକାଶ ଲାଗି ଜାତୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରତିଷ୍ଠାନ (ଏନଆଇଇଏଲଆଇଟି) ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରିବା ସହିତ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ର କଟକ, ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ। ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରଗୁଡ଼ିକ ଜରିଆରେ ପ୍ରାୟ ୨୫ ହଜାର ପ୍ରାର୍ଥୀ ତାଲିମ ଗ୍ରହଣ କରିଛନ୍ତି।

ଓଡ଼ିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍ଟ୍ରୋପ୍ରନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି।



**ବ୍ୟୟ ହେବ ୪ ହଜାର କୋଟି**

**ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର**

# ଚାଟ୍‌ଜିପିଟି କଥାରେ ମା'ଙ୍କୁ ମାରିଦେଲେ ଆମେରିକୀୟ ଅଧିକାରୀ



ହାର୍ଟଫର୍ଡ, ୧୨।୧୨(ଏଜେନ୍ସି): ଆମେରିକାର ପୂର୍ବ ଉପକୂଳରେ ଥିବା କନେକ୍ଟିକଟ୍ ରାଜ୍ୟରେ ଜଣେ ବ୍ୟକ୍ତି ଅଜବ କାଣ୍ଡ ଘଟାଇଛନ୍ତି। ସେ ନିଜ ମାଙ୍କୁ ଗଳାକାଟି ହତ୍ୟା କରିବା ପରେ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି। ଜଣାଶୁଣା ଓପନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଟଜିପିଟି କହିବା ଅନୁସାରେ,୫୬ ବର୍ଷର ପୂର୍ବତନ ଟେକ୍ କମ୍ପାନୀ ଅଧିକାରୀ ଷ୍ଟିଭ-ଏରିକ ସୋଲବର୍ଗ ଏହି କାଣ୍ଡ ଘଟାଇଛନ୍ତି। ଚାଟ୍‌ଜିପିଟି କାରଣରୁ ତାଙ୍କ ମନ ଭିତରେ ଭୟ ବୃଦ୍ଧି ପାଇଥିଲା। ଏଥିପାଇଁ ଶେଷରେ ସେ ନିଜର ମାଙ୍କୁ ହତ୍ୟା କରିଥିଲେ । ସୋଲବର୍ଗ ଚାଟ୍‌ଜିପିଟ୍‌ର ନୂଆ ସଂସ୍କରଣ ଜିପିଟି-୪ଓ'ର ବ୍ୟବହାର କରୁଥିଲେ। ଏହି ଏଆଇ କହିବା ଅନୁସାରେ ସେ ତାଙ୍କ ମା'ଙ୍କୁ ତାଙ୍କର ସବୁଠାରୁ ବଡ଼ ଶତ୍ରୁ ବୋଲି ବିଚାର କରି ନେଇଥିଲେ। ଏଆଇ ତାଙ୍କ ମାଙ୍କୁ ଜଣେ ଗୁଇନ୍ଦା ଏଜେଣ୍ଟ ଓ ତାଙ୍କର ବଡ଼ ଶତ୍ରୁ ବୋଲି କହିଥିଲା। ଫଳରେ ଅଗଷ୍ଟ ୩ରେ ସେ ନିଜ ମାଙ୍କୁ ହତ୍ୟା କରିଥିଲେ। ଏହାପରେ ତାଙ୍କ ମା'ଙ୍କ ପରବାର ଲୋକେ ଚାଟ୍‌ଜିପିଟି ତିଆରି କରିଥିବା କମ୍ପାନୀ ଓପନଏଆଇ ବିରୋଧରେ ଏତଲା ଦାଏର କରିଛନ୍ତି। ଏହି ଘଟଣା ପାଇଁ ଚାଟଜିପିଟିକୁ ଦାୟୀ କରାଯାଇଛି। ତେବେ ଏହି ଘଟଣାରେ ଆମେ ମର୍ମାହତ ଓ ଚାଟଜିପିଟିକୁ ଆହୁରି ଅଧିକ ଉନ୍ନତ କରିବାକୁ ଆମେ ପ୍ରୟାସ କରୁଛୁ ବୋଲି କମ୍ପାନୀ ତରଫରୁ କୁହାଯାଇଛି।

**ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ମାମଲା**

# ୪୨ ଜାଲ୍ କମ୍ପାନୀ ସହ ଲୁଥ୍‌ରା ଭ୍ରାତା ଜଡ଼ିତ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ 'ବିର୍ଚ ବାଇ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାରେ ଗିରଫ ହୋଇଥିବା କ୍ଲବ ମାଲିକ ତଥା ଦୁଇଭାଇ ସୌରଭ ଓ ଗୌରବ ଲୁଥରାଙ୍କୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ଦୁଇ ଭାଇ ବର୍ଚ କ୍ଲବ ସମେତ ଅନ୍ୟ ୪୨ଟି ଜାଲ୍ କମ୍ପାନୀ ସହିତ ଜଡିତ ଅଛନ୍ତି। ଏଗୁଡିକ ମଧ୍ୟ କେତୋଟି କମ୍ପାନୀର ଅସ୍ତିତ୍ୱ କେବଳ କାଗଜ କଲମରେ ରହିଛି। ଏହି ସବୁ କମ୍ପାନୀ ଦିଲ୍ଲୀର ଗୋଟିଏ ଠିକଣାରେ ପଞ୍ଜୀକୃତ ହୋଇଛି। କର୍ପୋରେଟ୍ ରେକର୍ଡରୁ ଜଣାପଡ଼ିଛି ଯେ, ଏହି ଦୁଇ ଲୁଥରା ଭାଇ ନକଲି କମ୍ପାନୀ ଓ ଲିମିଟେଡ ଲାୟବିଲିଟି (ଏଲ୍‌ଏଲ୍‌ପି)ରେ ନିର୍ଦ୍ଦେଶକ କିମ୍ବା ଅଂଶୀଦାର ଭାବେ ତାଲିକାଭୁକ୍ତ ଅଛନ୍ତି।

ଅନ୍ୟପଟେ ଗିରଫ ପରେ ଉଭୟଙ୍କୁ ଥାଇଲାଣ୍ଡରୁ ଭାରତ ଅଣା ଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ତାଙ୍କୁ ରାଜଧାନୀ ବ୍ୟାଙ୍କକ୍ ନିଆଯାଉଛି। ସେମାନଙ୍କୁ ସୁଆନ ଫୁ ଇମିଗ୍ରେସନ ଡିଟେନସନ ସେଣ୍ଟରକୁ ନିଆଯାଇଛି। ପାସପୋର୍ଟ ରଦ୍ଦ ହୋଇଥିବାରୁ ଭାରତୀୟ ଦୂତାବାସ ସେମାନଙ୍କୁ ଜରୁରୀକାଳୀନ ଯାତ୍ରା ପ୍ରମାଣପତ୍ର ପ୍ରଦାନ କରିବେ। ଥାଇଲାଣ୍ଡରୁ ଗୋଆକୁ ସିଧା ବିମାନ ଉଡାଣ ନ ଥିବାରୁ ଦୁହିଁଙ୍କୁ ପ୍ରଥମେ ଦିଲ୍ଲୀ ନିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ୪ ଦିନ ଲାଗିବ। ସୋମବାର ବେଳକୁ ଦୁଇ ଭାଇଙ୍କୁ ଦିଲ୍ଲୀ ଅଣାଯିବାର ସମ୍ଭାବନା ରହିଛି। ଦିଲ୍ଲୀ ପହଞ୍ଚିବା ପରେ ହିଁ ଗୋଆ ପୁଲିସ ଦୁଇଜଣଙ୍କୁ ନିଜ ହେପାଜତକୁ ନେବେ।

## 'ମନରେଗା' ଏବେ 'ପିବିଜିଆରୱାଇ'

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ (ମନରେଗା)ର ନାମ ପରିବର୍ତ୍ତନ କରାଯାଇଛି। କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଏହାକୁ ବଦଳାଇ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା (ପିବିଜିଆରୱାଇ)ରେ କରିଦେଇଛି। ସରକାର ଏହି ଯୋଜନାରେ ସର୍ବନିମ୍ନ ରୋଜଗାର ଦିନ ସଂଖ୍ୟାକୁ ୧୦୦ରୁ ୧୨୫ କରିଛନ୍ତି। ଅର୍ଥାତ ଗୋଟିଏ ଆର୍ଥିକ ବର୍ଷରେ ଜଣେ ଅକୁଶଳୀ ଶ୍ରମିକ ୧୨୫ ଦିନର ରୋଜଗାର ପାଇପାରିବେ। ପ୍ରଥମେ ଏହି ଯୋଜନା ୨୦୦୫ରେ ନରେଗା ନାମରେ ଆରମ୍ଭ ହୋଇ ଥିଲା। ପରେ ଏହାକୁ ମନରେଗା କରାଯାଇଥିଲା।

## ଘାଟିରୁ ଖସିଲା ବସ୍; ୯ ଯାତ୍ରୀ ମୃତ

ଜଗଦଲପୁର, ୧୨।୧୨(ଏଜେନ୍ସି): ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାରେ ଥିବା ମାରେଡମିଲି ଘାଟିରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଶୁକ୍ରବାର ଘଟିଥିବା ଏହି ଦୁର୍ଘଟଣାରେ ୯ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଘାଟିରୁ ଖସି ବସ ବୁଦା ଭିତରେ ଫସି ଯାଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରାଚଳମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## 'ସମସ୍ତଙ୍କୁ ଚନ୍ଦ୍ରକୁ ପଠାଇ ଦେବୁ କି'

ନୂଆଦିଲ୍ଲୀ: ସାରା ଦେଶରେ ଭୂକମ୍ପ ଜନିତ ବିପଦକୁ ନେଇ ମାର୍ଗଦର୍ଶିକା ଜାରି କରିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆମେ ସମସ୍ତଙ୍କୁ ଚନ୍ଦ୍ର କିମ୍ବା ଆଉ କେଉଁଠିକୁ ପଠାଇ ପାରିବୁର କି ବୋଲି ଆବେଦନକାରୀଙ୍କୁ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଥିଲେ ଯେ କୋର୍ଟରେ ଗଣମାଧ୍ୟମର ରିପୋର୍ଟ ଆଧାରରେ ଶୁଣାଣି ହୁଏ ନାହିଁ। ଏହି ମାମଲା ସରକାରୀଙ୍କ ନୀତି ସହ ଜଡ଼ିତ। ଏଥିରେ କେହି ଦଖଲ ଦେଇପାରିବେ ନାହିଁ। ଆବେଦନକାରୀ ଜାପାନ ଉଦାହରଣ ଦେବାରୁ କୋର୍ଟ କହିଥିଲେ ଯେ ପ୍ରଥମେ ଆମକୁ ଭାରତରେ ଆଗ୍ନେୟଗିରି ଉଦ୍‌ଗୀରଣ କରିବାକୁ ହେବ। ଏହା ପରେ ଯାଇ ଜାପାନ ସହ ତୁଳନା ହୋଇପାରିବ।

## ଟ୍ରମ୍ପଙ୍କ ଅସୁସ୍ଥ ଖବରକୁ ହ୍ୱାଇଟ୍ ହାଉସ୍‌ର ଖଣ୍ଡନ

ୱାସିଂଟନ, ୧୨।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁତର ଭାବେ ଅସୁସ୍ଥ ଥିବା ନେଇ ପ୍ରଚାରପ୍ରସାର ହେଉଛି। ତେବେ ଏହି ଗୁଜବକୁ ହ୍ୱାଇଟ୍ ହାଉସ୍ ପ୍ରେସ ସଚିବ କାରୋଲିନ ଲେଭିଟ୍ ଖଣ୍ଡନ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଟ୍ରମ୍ପଙ୍କ ଡାହାଣ ହାତରେ ବ୍ୟାଣ୍ଡେଜ ଓ ନୀଳ ଓ ଲାଲ ରଙ୍ଗର ଚିହ୍ନ ଦେଖିବାକୁ ମିଳିଥିଲା। ଫଳରେ ଟ୍ରମ୍ପ କୌଣସି ରୋଗ ଦ୍ୱାରା ସଂକ୍ରମିତ ହୋଇଥିବା ଓ ହାତରେ ଇଞ୍ଜେକସନ ନେଇଥିବା ରିପୋର୍ଟ ଆସିଥିଲା

## ବିଦ୍ରୋହୀଙ୍କ ଆକ୍ରମଣରେ ୪୦୦ ମୃତ

ଗୋମା, ୧୨।୧୨ (ଏଜେନ୍ସି): କଙ୍ଗୋ ଏବଂ ରୱାଣ୍ଡା ମଧ୍ୟରେ ସଂଘର୍ଷ ଜୋରଦାର ହେବାରେ ଲାଗିଛି। ରୱାଣ୍ଡା ସମର୍ଥିତ ଏମ-୨୩ ବିଦ୍ରୋହୀ ଗୋଷ୍ଠୀ ପୂର୍ବ କଙ୍ଗୋର ଦକ୍ଷିଣ କିଭୁ ପ୍ରଦେଶରେ ଆକ୍ରମଣ କରି ୪୦୦ରୁ ଅଧିକ ସାଧାରଣ ନାଗରିକଙ୍କୁ ହତ୍ୟା କରିଛନ୍ତି। ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଚିନ୍ତାର ବିଷୟ ଏହି କି ଯେ ଗତ ସପ୍ତାହରେ ଆମେରିକା ମଧ୍ୟସ୍ଥତାରେ ୱାଶିଂଟନରେ କଙ୍ଗୋ ଏବଂ ରୱାଣ୍ଡା ରାଷ୍ଟ୍ରପତିଙ୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିଲା।

# ଅନ୍ତର୍ଜାତୀୟ ବୈଠକରେ ପୁଣି ପାକିସ୍ତାନ ଅପଦସ୍ଥ

ଆସଗାବତ, ୧୨।୧୨ (ଏଜେନ୍ସି): ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପୁଣି ଅପଦସ୍ଥ ହୋଇଛି। ମହିଳା ସାମ୍ବାଦିକଙ୍କୁ ପାକିସ୍ତାନ ସେନାର ଜେନେରାଲ ଆଖି ମାରିବାକୁ ନେଇ ତୀବ୍ର ସମାଲୋଚନା କରାଯାଉଥିବାବେଳେ ଏବେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କାର୍ଯ୍ୟକଳାପ ପାଇଁ ଇସଲାମାବାଦକୁ ନିନ୍ଦିତ ହେବାକୁ ପଡ଼ିଛି। ସେ ଶାଳୀନତାର ସମସ୍ତ ସୀମା ଲଙ୍ଘନ କରିଛନ୍ତି। ସେ ଅତିଷ୍ଠ ହୋଇ ବିନା ଆମନ୍ତ୍ରଣରେ

- **୪୦ ମିନିଟ ଅପେକ୍ଷା କରି ଧୈର୍ଯ୍ୟ ହରାଇଲେ ପାକ୍ ପ୍ରଧାନମନ୍ତ୍ରୀ**
- **ରାଷ୍ଟ୍ରପତି ପୁଟିନଙ୍କ ରୁଦ୍ଧଦ୍ୱାର ବୈଠକକୁ ଜବରଦସ୍ତି ପଶିଲେ**

ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୈଠକରେ ଅନୁପ୍ରବେଶ କରିଛନ୍ତି। ତୁର୍କମେନିସ୍ତାନରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ତୁର୍କମେନିସ୍ତାନରେ 'ଇଣ୍ଟରନ୍ୟାସନାଲ ପିସ୍ ଆଣ୍ଡ ଟ୍ରଷ୍ଟ ଫୋରମ' ବୈଠକ ଚାଲିଛି। ଏହି ଅବସରରେ ଶେହବାଜ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବାର ଥିଲା। ଏଥିପାଇଁ ଶେହବାଜ ପହଞ୍ଚି ଯାଇଥିଲେ। ସେ ପୁଟିନଙ୍କୁ ଅପେକ୍ଷା କରି ଚାହିଁ ବସିଥିଲେ। ୫ ମିନିଟ ଯାଇ ୩୫ ମିନିଟ ବିତିଗଲା ପରେ ବି ପୁଟିନଙ୍କ ଦେଖା ମିଳି ନ ଥିଲା। ୪୦ ମିନିଟ ଅତିକ୍ରମ ହେବା ପରେ ପାକ୍



ପ୍ରଧାନମନ୍ତ୍ରୀଙ୍କ ଧୈର୍ଯ୍ୟ ତୁଟି ଯାଇଥିଲା। ପୁଟିନ ଅପମାନିତ କରୁଥିବା ଭାବି ଶେହବାଜ ରାଗି ଲାଲ ପଡ଼ି ଯାଇଥିଲେ। ପୁଟିନ ନ ଆସିବାରୁ ବୈଠକ ପ୍ରକୋଷ୍ଠରୁ ଶେହବାଜ ବାହାରି ଯାଇଥିଲେ। ଏହି ସମୟରେ ପୁଟିନ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏର୍ଦୋଗାନଙ୍କ ମଧ୍ୟରେ ଅନ୍ୟ ଏକ ସ୍ଥାନରେ ରୁଦ୍ଧ ଦ୍ୱାର ବୈଠକ ଚାଲିଥିଲା। ଏହି ବୈଠକରେ ଯୋଗ ଦେବାକୁ ଆଉ କାହାକୁ ଅନୁମତି ନ ଥିଲା। କିନ୍ତୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଅମାନିଆ ହୋଇ ସିଧା ପୁଟିନ-ଏର୍ଦୋଗାନଙ୍କ ବୈଠକ ସ୍ଥଳରେ ପହଞ୍ଚି ଯାଇଥିଲେ। ସେଠାରେ ଯାଇ ପୁଟିନଙ୍କୁ ଭେଟିଥିଲେ। ମାତ୍ର ୧୦ ମିନିଟ ପରେ ଶେହବାଜ ଏକାକୀ ସେଠାରୁ ବାହାରି ଯାଇଥିଲେ। ଏହାର କିଛି ସମୟ ପରେ ରୁଷ୍ ରାଷ୍ଟ୍ରପତି ମଧ୍ୟ ବାହାରି ଥିଲେ। ଏଠାରେ ସେ ସାମ୍ବାଦିକଙ୍କୁ ଦେଖି ଆଖି ଠାର ମାରି ସଙ୍କେତ ଦେଇଥିଲେ।

ଲୋକେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ନେଇ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରୁଛନ୍ତି। ଏହାକୁ କୂଟନୈତିକ ଅବମାନନା କହୁଛନ୍ତି। ଆଉ ଜଣେ ଲେଖିଛନ୍ତି ଯେ ଭିକାରୀଙ୍କ ଆଗରେ ପୁଟିନ ସମୟ ନଷ୍ଟ କରିବାକୁ ଚାହୁଁନାହାନ୍ତି। ସେହିପରି ଟ୍ରମ୍ପ ବି ଏଭଳି କରିଥିଲେ ବୋଲି ଅନ୍ୟ ଜଣେ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ପୁଟିନ ଏବଂ ଶେହବାଜଙ୍କ ଭେଟ ସର୍ବଦା ଚର୍ଚ୍ଚାରେ ରହିଛି। ଉଭୟ ନେତା ଯେବେ ବି ପରସ୍ପରକୁ ଭେଟିଛନ୍ତି ଏଭଳି କିଛି ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି।

# ଜାନୁଆରୀ ୩୦ରୁ ଆନ୍ନାଙ୍କ ଅନଶନ



- **ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ୍ କାର୍ଯ୍ୟକାରୀ ଦାବି**
- **'ଏହା ହେବ ମୋର ଶେଷ ଆନ୍ଦୋଳନ'**

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ସାମାଜିକ କର୍ମୀ ଆନ୍ନା ହଜାରେ ପୁଣିଥରେ ଅନସନରେ ବସିବାକୁ ଯାଉଛନ୍ତି। ମହାରାଷ୍ଟ୍ରରେ ଲୋକଯୁକ୍ତ ଆଇନ୍ ଲାଗୁ କରିବା ଦାବିରେ ସେ ଶୁକ୍ରବାର ଆମରଣ ଅନଶନ ବସିବାକୁ ଘୋଷଣା କରିଛନ୍ତି। ସେ ଜାନୁଆରୀ ୩୦ରୁ ତାଙ୍କ ଗାଁ ରାଲେଗାନ ସିଦ୍ଧିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆରମ୍ଭ କରିବେ। ଏହା ମୋର ଶେଷ ଆନ୍ଦୋଳନ ହେବ ବୋଲି ଆନ୍ନା ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଆନ୍ନା ୨୦୨୨ରେ ଏହି ଦାବିକୁ ନେଇ ଅନଶନରେ ବସିଥିଲେ। କିନ୍ତୁ ସମୟରେ ତତ୍କାଳୀନ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ସେ ଅନଶନ ଭାଙ୍ଗିଥିଲେ। ଏହାପରେ ଏକ କମିଟି ଗଠନ କରାଯିବା ସହ ଆଇନ୍ ପ୍ରସ୍ତୁତ ହୋଇଥିଲା। ବିଲ୍‌କୁ ମହରାଷ୍ଟ୍ର ବିଧାନସଭାର ଉଭୟ ଗୃହରେ ପାରିତ ହୋଇଥିଲା ଏବଂ ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ତୃଣମୂଳସ୍ତରରେ ଆଇନ୍ କାର୍ଯ୍ୟକାରୀ ହୋଇନାହିଁ ବୋଲି ଆନ୍ନା କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କୁ ୭ଟି ଚିଠି ଲେଖିଛନ୍ତି। ମାତ୍ର ସେ କୌଣସି ଉତ୍ତର ପାଇନାହାନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ସରକାରଙ୍କ ନୀରବତା ନେଇ ସେ ଅସନ୍ତୋଷ ଜାହିର କରିଛନ୍ତି। ଜନ କଲ୍ୟାଣ ପାଇଁ ଏହି ଆଇନ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖଥାଉ କି, '୨୦୧୧ରେ ଇଣ୍ଡିଆ ଏଗେନଷ୍ଟ କରପସନ' ଆନ୍ଦୋଳନରେ ଦେଶକୁ ଉତ୍ସାହିତ କରିବା ପାଇଁ ଆନ୍ନା ଅନଶନରେ ବସିଥିଲେ ଓ ସାରା ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଥିଲେ। ତାଙ୍କର ଏହି ଆନ୍ଦୋଳନ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା।

## କେହି କ୍ୟାବିନେଟ ମନ୍ତ୍ରୀ ନ ଥିବାରୁ ରାଜ୍ୟସଭା ୧୦ ମିନିଟ ମୁଲତବୀ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ରାଜ୍ୟସଭାରେ ଶୁକ୍ରବାର ଅଜବ ସ୍ଥିତି ସୃଷ୍ଟି ହୋଇଛି। ଉଚ୍ଚ ସଦନରେ କୌଣସି କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ନ ଥିବାରୁ ଗୃହକୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ସୂଚନା ଅନୁଯାୟୀ, ୨୦୦୧, ଡିସେମ୍ବର ୧୩ର ସଂସଦ ଆକ୍ରମଣକୁ ବିଫଳ କରି ପ୍ରାଣବଳୀ ଦେଇଥିବା ବ୍ୟକ୍ତିଙ୍କୁ ଆଜି ଗୃହରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଏହି ସମୟରେ କୌଣସି କ୍ୟାବିନେଟ ମନ୍ତ୍ରୀ ଗୃହରେ ନ ଥିବା ବିରୋଧୀ ଦଳ ସଦସ୍ୟ କହିଥିଲେ। ଏହି ପ୍ରସଙ୍ଗ ସରକାରଙ୍କ ସାମ୍ନାରେ ଉଠାଇ ଜଣେ ଜୁନିୟର ମନ୍ତ୍ରୀଙ୍କୁ ଉପସ୍ଥିତ ରହିବା ପାଇଁ କହିବେ ବୋଲି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ ସୂଚନା ଦେଇଥିଲେ। କିନ୍ତୁ ଏଥିରେ ବିରୋଧୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ। ମନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ଜିଦ୍ ଧରିଥିଲେ। କଂଗ୍ରେସ ସାଂସଦ ଜୟରାମ ରମେଶ କହିଥିଲେ ଯେ ଏହା ଗୃହ ପାଇଁ ଅପମାନ। ମନ୍ତ୍ରୀ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ପଡ଼ିବ। ତେବେ ୫ ମିନିଟ ଅପେକ୍ଷା କରିବା ପରେ କେହି ନଆସିବାରୁ ଅଧ୍ୟକ୍ଷ ୧୦ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। କେନ୍ଦ୍ର ମନ୍ତ୍ରୀ କିରନ ରିଜିଜୁ ଆସିବା ପରେ ଗୃହ ପୁଣି ଚାଲିଥିଲା। କେହି ସଦସ୍ୟ ଉପସ୍ଥିତ ନ ଥିବାରୁ ସେ ସମସ୍ତଙ୍କୁ କ୍ଷମା ମାଗିଥିଲେ।

## ହାତ ଟେକିଦେଲେ ସରକାର: ସାରା ବର୍ଷ ବିମାନ ଭଡ଼ା ଧାର୍ଯ୍ୟ କରିପାରିବୁନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଇଣ୍ଡିଗୋ ଏୟାରଲାଇନର ସ୍ଥିତି ସୁଧୁରିବାର ନା ଧରୁନି। ଏପରି ସମୟରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ବିମାନ ଭଡ଼ା ନିୟନ୍ତ୍ରଣ କରନ୍ତୁ ବୋଲି ଦାବି ହେଉଛି। ମାତ୍ର ଏ ନେଇ ସରକାର ହାତ ଟେକି ଦେଇଛନ୍ତି। ଲୋକସଭାରେ ଏକ 'ପ୍ରାଇଭେଟ ମେମ୍ବର୍ସ ରିଜୋଲ୍ୟୁସନ' ଉପରେ ଚର୍ଚ୍ଚା କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ସରକାର ବର୍ଷ ଯାକ ବିମାନ ଭଡ଼ା ଧାର୍ଯ୍ୟ କରିପାରିବେ ନାହିଁ। ପାର୍ବଣ ଋତୁରେ ଚାହିଦା ବଢ଼ିଥାଏ। ତେଣୁ ମୂଲ୍ୟ ମଧ୍ୟ ବଢ଼ି ଥାଏ। ପାର୍ବଣ ଋତୁରେ କ୍ଷମତା ବଢ଼ାଇବା ପାଇଁ ଏୟାରଲାଇନ ଗୁଡ଼ିକୁ କୁହାଯାଇଥାଏ। ଆବଶ୍ୟକ ପଡ଼ିଲେ ଭଡ଼ାରେ ମଧ୍ୟ ବିମାନ ନିଆଯାଇଥାଏ। ମହାକୁମ୍ଭ, ପୁଲୱାମା ଆକ୍ରମଣ, ଇଣ୍ଡିଗୋ ସଙ୍କଟ ସମୟରେ ନିଜ କ୍ଷମତା ପ୍ରୟୋଗ କରି ଭଡ଼ା ଧାର୍ଯ୍ୟ କରାଯାଇଥିଲା। 'ଫେୟାର ସେ ଫୁରସତ' ଯୋଜନା ଅଧିନରେ ଦେଶର ୨୫ ମାର୍ଗରେ ବିମାନ ଭଡ଼ା ଧାର୍ଯ୍ୟ କରାଯାଇଛି। ଏହି ଭଡ଼ା ବଢ଼ିବ ନାହିଁ। ସୂଚନା ଅନୁଯାୟୀ, ଏହି ପ୍ରାଇଭେଟ ବିଲ୍‌ରେ ବିମାନ ଭଡ଼ା ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା। କିନ୍ତୁ ମନ୍ତ୍ରୀ ଏହାକୁ ଏଡ଼ାଇ ଦେବାରୁ ବିଲ୍ ପ୍ରତ୍ୟାହାର କରି ନିଆଯାଇଥିଲା।

## ଇଣ୍ଡିଗୋର ୪ ଫ୍ଲାଇଟ୍ ଅପରେସନ ଇନିସପେକ୍ଟର ନିଲମ୍ବିତ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସର୍ବବୃହତ ଏୟାରଲାଇନ୍ ଇଣ୍ଡିଗୋରେ ଫ୍ଲାଇଟ୍ ବାତିଲ ନେଇ ଚାଲିଥିବା ସଙ୍କଟ ମାମଲାରେ ଲଗାତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଡିଜିସିଏ ଶୁକ୍ରବାର ବିମାନ କମ୍ପାନୀର ସୁରକ୍ଷା ଓ ପରିଚାଳନା ନିୟମର ଉଲ୍ଲଂଘନ କରିଥିବା ୪ ଜଣ ଉଡାଣ ପରିଚାଳନା ନିରୀକ୍ଷକ ତଥା ଇନିସପେକ୍ଟରଙ୍କୁ ନିଲମ୍ବିତ କରିଛି। ସେପଟେ ଇଣ୍ଡିଗୋର ସିଇଓ ପିଟର ଏଲବର୍ସ ଲଗାତର ଦ୍ୱିତୀୟ ଦିନ ପାଇଁ ଡିଜିସିଏଙ୍କ ସମ୍ମୁଖରେ ହାଜର ହୋଇଥିଲେ। ଅନ୍ୟପଟେ ଇଣ୍ଡିଗୋ ସ୍ଥିତିରେ ସୁଧାର ଆସୁନି। ଶୁକ୍ରବାର ଶହେରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି।

**ମାଡ୍ରାସ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

## ହାଇକୋର୍ଟରେ ଯାହା ହେଉଛି, ଠିକ୍ ହେଉନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): କରୁର ଦଳାଚକଟାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ମାଡ୍ରାସ ହାଇକୋର୍ଟଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ କହିଥିଲେ ଯେ ହାଇକୋର୍ଟ ଯାହା ହେଉଛି ଠିକ୍ ହେଉନାହିଁ। କିଛି ତ ଗଡ଼ବଡ଼ ହୋଇଛି। ହାଇକୋର୍ଟ କେମିତି ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଦେଲେ? ଏହି ମାମଲା ମଦୁରାଇ ବେଞ୍ଚର ଅଧିକାରରେ ଥିଲା। ଏହା କାହିଁକି ବୁଝି ପାରିଲେନି? ଅଭିନେତା ବିଜୟଙ୍କ ଦଳ ଟିଭିକେର ଆବେଦନ କେବଳ ଏସଓପି ଧାର୍ଯ୍ୟ ପାଇଁ ଥିଲା। ଏହା ସତ୍ତ୍ୱେ ନିର୍ଦ୍ଦେଶ କାହିଁକି ଦିଆଗଲା? ସୁପ୍ରିମକୋର୍ଟଙ୍କୁ ଏହି ମାମଲା ଦେଖିବାକୁ ପଡ଼ିବ। ଏହା ପରେ ନିଷ୍ପତ୍ତି ଦିଆଯିବ। ଏହା ସହିତ ତାମିଲନାଡୁ ସରକାରଙ୍କ ସମୀକ୍ଷା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିରେ କରୁର ଦଳାଚକଟାର ଏସଆଇଟି ତଦନ୍ତ ଏବଂ ଜଣିକିଆ ତଦନ୍ତ କମିଶନ ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ବଦଳାଇବାକୁ ନିବେଦନ କରାଯାଇଥିଲା। ଖଣ୍ଡପୀଠ କହିଥିଲେ ଯେ ସବୁ କିଛି ନିରପେକ୍ଷ ଏବଂ ସ୍ୱଚ୍ଛ ହେଉ ବୋଲି ସୁପ୍ରିମକୋର୍ଟ ଚାହାନ୍ତି। ସିବିଆଇ ତଦନ୍ତର ପର୍ଯ୍ୟବେକ୍ଷଣ କରୁଥିବା ସୁପରଭାଇଜର କମିଟିର ସଦସ୍ୟ ତାମିଲନାଡୁର ମୂଳ ବାସିନ୍ଦା ହେବେ ନାହିଁ। କମିଟି ନିରପେକ୍ଷ ହେବ ବୋଲି ପୂର୍ବରୁ କୁହାଯାଇଥିଲା। ତେଣୁ ନିର୍ଦ୍ଦେଶ ବଦଳାଇବାକୁ ଆମର କୌଣସି ଆଭିମୁଖ୍ୟ ନାହିଁ। ସୂଚନା ଅନୁଯାୟୀ, ମାଡ୍ରାସ ହାଇକୋର୍ଟ ଏବଂ ମଦୁରାଇ ବେଞ୍ଚରେ କରୁର ମାମଲାର ଶୁଣାଣି ଚାଲିଥିଲା। ଅକ୍ଟୋବର ୩ ତାରିଖରେ ଟିଭିକେ ଆବେଦନ ଉପରେ ଏସଆଇଟି ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନ ମଦୁରାଇ ବେଞ୍ଚ ପୀଡ଼ିତ ପରିବାରର ଏସଆଇଟି ଗଠନ ଆବେଦନକୁ ଖାରଜ କରିଦେଇଥିଲେ।

## ଜୁବିନ ଗର୍ଗଙ୍କ ମୃତ୍ୟୁ: ୩୫୦୦ ପୃଷ୍ଠାର ଚାର୍ଜସିଟ୍

ଗୌହାଟୀ, ୧୨।୧୨(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗୌହାଟୀର ମୁଖ୍ୟ ମାଜିଷ୍ଟ୍ରେଟ୍ (ସିଜେଏମ୍) କୋର୍ଟରେ ଶୁକ୍ରବାର ୩୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛନ୍ତି। ଏହି ଚାର୍ଜସିଟ୍ ଓ ତାହା ସହିତ ଜଡିତ ପ୍ରମାଣକୁ ୪ଟି ଟ୍ରଙ୍କ୍‌ରେ କୋର୍ଟକୁ ଆଣାଯାଇଥିଲା। ୯ ସଦସ୍ୟ ବିଶିଷ୍ଟ ଏସ୍‌ଆଇଟି ୬ଟି ଗାଡ଼ି ସହ କୋର୍ଟରେ ପହଞ୍ଚିଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୭ଜଣ ଲୋକଙ୍କୁ ଗିରଫ କରାଯାଇଛି। ଜୁବିନ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ରହସ୍ୟମୟ ଭାବେ ମୃତ୍ୟୁବରଣ କରିଥିଲେ। ସେ ଏନଇଆଇଏଫ୍‌ର ଚତୁର୍ଥ ସଂସ୍କରଣରେ ଯୋଗ ଦେବାକୁ ସିଙ୍ଗାପୁର ଯାଇଥିଲେ।

## ରାହୁଲଙ୍କ ବୈଠକକୁ ପୁଣି ଗଲେନି ଶଶି ଥରୁର

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସାଂସଦ ଶଶି ଥରୁର ପୁଣିଥରେ ଶୁକ୍ରବାର ସାଂସଦମାନଙ୍କ ସହ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନାହାନ୍ତି। ରାହୁଲଙ୍କ ଅଧ୍ୟକ୍ଷତାରେ ସଂସଦର ଆନେକ୍ସ ଏକ୍ସଟେନସନ ବିଲ୍ଡିଂରେ ଆୟୋଜିତ ଏହି ବୈଠକରେ କଂଗ୍ରେସର ୨୨ଜଣ ସାଂସଦ ଯୋଗ ଦେଇଥିଲେ। ଏଥିରେ ସଂସଦରେ ଦଳର ପ୍ରଦର୍ଶନ ନେଇ ସମୀକ୍ଷା କରାଯାଇଥିଲା। ତେବେ ବୈଠକରେ ଅନୁପସ୍ଥିତ ରହିବା ନେଇ ଥରୁର ପୂର୍ବରୁ ଅବଗତ କରାଇଥିଲେ। ଗୋଟିଏ ଦିନ ପୂର୍ବରୁ ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ, ସେ ଜଣେ ପୁରୁଣା ବନ୍ଧୁଙ୍କ ବିବାହରେ ଯୋଗ ଦେବାକୁ କୋଲକାତା ଯାଇଛନ୍ତି। ଏଥିସହ ଥରୁର ଲଗାତର କଂଗ୍ରେସର ତୃତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ବିଭିନ୍ନ କାରଣ ପାଇଁ ନିଜକୁ ଦୂରେଇ ରଖିଛନ୍ତି। ଏହାପୂର୍ବରୁ ନଭେମ୍ବର ୧୮ ଓ ୩୦ରେ ଅନୁଷ୍ଠିତ କଂଗ୍ରେସର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନଥିଲେ।

# ବିଶ୍ୱର ୫ ଶକ୍ତିଶାଳୀ ଦେଶଙ୍କ ଗୋଷ୍ଠୀ ପ୍ରସ୍ତୁତିରେ ଟ୍ରମ୍ପ

ୱାଶିଂଟନ, ୧୨।୧୨ (ଏଜେନ୍ସି): ଶୁଳ୍କ ପରେ ଶୁଳ୍କ ଧମକ ଦେଇ ଚାଲିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ର ପ୍ରଭାବ ହ୍ରାସ କରିବା ପାଇଁ ନୂଆ ପଦକ୍ଷେପ ନେଉଛନ୍ତି। ସେ ଭାରତ, ଚୀନ୍ ଏବଂ ରୁଷ୍‌କୁ ନେଇ ଏକ ନୂଆ ଗୋଷ୍ଠୀ 'କୋର ଫାଇଭ(ସିଏଫ)' ଗଠନ କରିବାକୁ ଚାହୁଁଛନ୍ତି। ଏହି ମଞ୍ଚ ଜି-୭ର ସ୍ଥାନ ନେବ। ଜି-୭ରେ ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ଇଟାଲୀ ଏବଂ ଜାପାନ ଭଳି ଧନୀ ରାଷ୍ଟ୍ର ଅଛନ୍ତି। କିନ୍ତୁ ଏହି ଦେଶଗୁଡ଼ିକ ସହ ଟ୍ରମ୍ପଙ୍କ ସେତେ ଭଲ ସମ୍ପର୍କ ନ ଥିବା ଚର୍ଚ୍ଚା ହେଉଛି। ତେଣୁ ଆମେରିକା ରାଷ୍ଟ୍ରପତି ନୂଆ ମଞ୍ଚ ଗଢ଼ିବାକୁ ଚାହୁଁଛନ୍ତି। ତେବେ ଆନୁଷ୍ଠାନିକ ଭାବେ ଏ ବିଷୟରେ କିଛି ଘୋଷଣା କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସି-୫ ଧାରଣା ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ପ୍ରସ୍ତାବିତ ଥିଲା। କିନ୍ତୁ ଏହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା। ଏହି ଚିଠା ପ୍ରସ୍ତାବ ପ୍ରକୃତରେ ଅଛି କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ।

- **ଜି୭ର ସ୍ଥାନ ନେବ ସି୫**
- **ସାମିଲ ହେବେ ଭାରତ, ରୁଷ୍, ଚୀନ୍**


ସୂଚନା ଅନୁଯାୟୀ, ଏହି କ୍ଲବ୍‌ରେ କ୍ଷମତାଶାଳୀ ଦେଶଗୁଡ଼ିକୁ ଟ୍ରମ୍ପ ରଖିବାକୁ ଚାହୁଁଛନ୍ତି। ଗଣତନ୍ତ୍ର ହେଉ କି କମ୍ୟୁନିଷ୍ଟ ରାଷ୍ଟ୍ର ଏଥିରେ କୌଣସି ପ୍ରଭେଦ ଦେଖାଯିବ ନାହିଁ। ଜି-୭ ସର୍ତ୍ତ ପୂରଣ ନ କରୁଥିଲେ ବି ରାଷ୍ଟ୍ରଙ୍କୁ ସି-୫ରେ ସାମିଲ କରାଯିବ। ଆମେରିକା, ଚୀନ୍, ରୁଷ୍, ଭାରତ ଏବଂ ଜାପାନକୁ ନେଇ ଏହା ଗଠନ କରାଯିବ। ଏହି ସବୁ ଦେଶର ଜନସଂଖ୍ୟା ୧୦ କୋଟିରୁ ଅଧିକ। ସି-୫ ନିୟମିତ ବୈଠକ କରି ସ୍ୱତନ୍ତ୍ର ପ୍ରସଙ୍ଗ ଉପରେ



ସମ୍ମିଳନୀ କରାଯିବ। ମଧ୍ୟପ୍ରାଚ୍ୟାରେ ଶାନ୍ତି ଏହାର ପ୍ରଥମ ଏଜେଣ୍ଡା ହେବ। ସୁରକ୍ଷା ବିଶେଷ କରି ଇସ୍ରାଏଲ ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଏହାର ପ୍ରଥମ ଉଦ୍ଦେଶ୍ୟ ହେବ। ପ୍ରଥମେ ଏହି ଯୋଜନା ଅସମ୍ଭବ ଲାଗୁଥିଲା। କିନ୍ତୁ ଏହା ଟ୍ରମ୍ପଙ୍କ ଚିନ୍ତାଧାରା ସହ ମେଳ ଖାଉଛି ବୋଲି ବିଶେଷଜ୍ଞ କହୁଛନ୍ତି। ପ୍ରତିଦ୍ୱନ୍ଦ୍ୱିଙ୍କ ସହ ଟ୍ରମ୍ପ ସିଧାସଳଖ ଡିଲ୍ କରିବାକୁ ପ୍ରୟାସ କରିଥାନ୍ତି। ବିଜିଙ୍ଗକୁ ଏନଭିଡିଆର ଏଚ୨୦୦ ଏଆଇ ଚିପ୍ ବିକ୍ରି ଅନୁମତି କିମ୍ବା ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ଦୂତ ଷ୍ଟିଭ ୱିଟକଫ ଏବଂ ଜେରେଡ କୁଶନରଙ୍କୁ ମସ୍କୋ ପଠାଇବା ଏହାର ଉଦାହରଣ।

ଟ୍ରମ୍ପ ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି ଯେ ସି-୫କୁ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଜି-୭ କିମ୍ବା ମିଳିତ ଜାତିସଂଘ (ୟୁଏନ) ବିଶ୍ୱର ହିସାବରେ ଉପଯୋଗୀ ହେଉ ନ ଥିବାରୁ କ୍ଷମତାର ସମୀକରଣ ବଦଳି ଗଲାଣି;ତେଣୁ ଏହା ଜରୁରୀ। ଏହି ମଞ୍ଚରେ ନିଜ କଥା ରଖିବାକୁ ଅଧିକ ସୁଯୋଗ ମିଳିବ।

## ପୂର୍ବତନ ବାଚସ୍ପତି ଶିବରାଜ ପାଟିଲଙ୍କ ପରଲୋକ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ଶିବରାଜ ପାଟିଲ ଶୁକ୍ରବାର ୯୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ମହାରାଷ୍ଟ୍ର ଲାଟୁରର ଦେବଘର ସ୍ଥିତ ବାସଭବନରେ ସେ ସକାଳ ୬.୩୦ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କିଛି ମାସ ହେଲା ସେ ଅସୁସ୍ଥ ଥିଲେ। ଘରେ ତାଙ୍କର ଚିକିତ୍ସା କରାଯାଉଥିଲା। ତାଙ୍କ ଅନ୍ତିମ ସଂସ୍କାର ଶନିବାର କରାଯିବ। ମୃତ୍ୟୁବେଳକୁ ତାଙ୍କ ପାଖରେ ପୁଅ ଶୈଳେଶ, ବହୁ ଅର୍ଚ୍ଚନା ଓ ଦୁଇ ନାତୁଣୀ ଉପସ୍ଥିତ ଥିଲେ। ଲାଟୁର ଲୋକସଭା ଆସନରୁ ପାଟିଲ ୭ଥର ନିର୍ବାଚିତ ହୋଇଥିଲେ। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସମାଜ କଲ୍ୟାଣରେ ଯୋଗ ଦେବାକୁ ଶିବରାଜ ସବୁବେଳେ ପ୍ରସ୍ତୁତ ରହୁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ତାଙ୍କ ପରଲୋକରେ କଂଗ୍ରେସ ନେତୃମଣ୍ଡଳୀରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ସେ ୧୯୮୦ ଦଶକରେ ଇନ୍ଦିରା ଓ ରାଜୀବଙ୍କ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସଫଳତାର ଦାୟିତ୍ୱ ନିର୍ବାହ କରିଥିଲେ। ସେ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ଲୋକସଭାର ବାଚସ୍ପତି ଥିଲେ।

### ଟି-୨୦ରେ ସାମସନଙ୍କ ନାମରେ ୩ଟି ଶତକ

# ‘ଏତେ ଭଲ ଖେଳାଳି ବେଞ୍ଚରେ ବସିବା ଦୁର୍ଭାଗ୍ୟପୂର୍ଣ୍ଣ’




ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): କଟକର ବାରବାଟୀ ଷ୍ଟାଡିୟମରେ ୧୦୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦମ୍‌ଦାର ଭାବେ ଟି-୨୦ ସିରିଜର ଆରମ୍ଭ କରିଥିବା ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ପରାଜୟବରଣ କରିଛି। ଗୁରୁବାର ନ୍ୟୁ ଚଣ୍ଡିଗଡ଼ରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫୧ ରନରେ ସୂର୍ଯ୍ୟକୁମାର ଯାଦବଙ୍କ ଦଳକୁ ହରାଇଥିଲା। ଫଳରେ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ ଏବେ ୧-୧ରେ ସମାନସ୍ତରରେ ରହିଛି।

ବାରବାଟୀରେ ମାତ୍ର ୪ ରନ କରିଥିବା ଗିଲ୍ ଦ୍ୱିତୀୟ ଟି-୨୦ରେ ଖାତା ଖୋଲିପାରି ନ ଥିଲେ। ଫଳରେ ଟି-୨୦ ଦଳରେ ଗିଲ୍‌ଙ୍କ ସ୍ଥାନକୁ ନେଇ ପ୍ରଶ୍ନବାଚୀ ଉଠିଛି। ଚଳିତ ବର୍ଷ ଗିଲ୍‌ଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଧାରା ଜାରି ରହିଛି। ୨୦୨୫ରେ ଏହି ଛୋଟିଆ ଫର୍ମାଟ୍‌ରେ ଗିଲ ୧୪ଟି ଇନିଂସରୁ ୨୬୩ ରନ ସଂଗ୍ରହ କରିଛନ୍ତି। ଏହି ୧୪ଟି ଇନିଂସରେ ଗିଲ୍ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଫଳରେ ଏବେ ସେ ସମାଲୋଚନାର ଶିକାର ହୋଇଛନ୍ତି। ଏପରିକି ଗିଲ୍‌ଙ୍କୁ ବାଦ୍ ଦିଆଯାଇ ବେଞ୍ଚରେ ବସିଥିବା ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ କ୍ରିକେଟ୍‌ପ୍ରେମୀ ଦାବି କରିଛନ୍ତି। ଟି-୨୦ ଫର୍ମାଟରେ ଉପ-ଅଧିନାୟକ ଥିବା ଗିଲ୍ ନିକଟରେ ସୁସ୍ଥ ହୋଇ ଫେରିବା ପରେ ଚୂଡ଼ାନ୍ତ ଏକାଦଶରେ ସଞ୍ଜୁଙ୍କ ସ୍ଥାନକୁ ନେଇ କୌଣସି ସ୍ୱଷ୍ଟତା ନାହିଁ। କଟକରେ ପ୍ରଥମ ଟି-୨୦ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କହିଥିଲେ ସଞ୍ଜୁ ଯେକୌଣସି ପୋଜିସନରେ ବ୍ୟାଟିଂ କରିବାର ଦକ୍ଷତା ରଖୁଛନ୍ତି। ତାଙ୍କୁ ଆମେ ମଧ୍ୟକ୍ରମରେ ସୁଯୋଗ ଦେବୁ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ସଞ୍ଜୁଙ୍କ ପାଇଁ ଏକାଦଶରେ କୌଣସି ସ୍ଥାନ ନାହିଁ। ଏଭଳି ସମୟରେ ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ସୁବ୍ରମଣିୟମ ବଦ୍ରିନାଥ ଦଳ ଚୟନକୁ ନେଇ ଟିମ୍ ମ୍ୟାନେଜମେଣ୍ଟକୁ ବେଶ୍ ସମାଲୋଚନା କରିଛନ୍ତି।

ଏକ ସାକ୍ଷାତ୍‌କାରେ ୪୫ ବର୍ଷୀୟ ବଦ୍ରିନାଥ କହିଛନ୍ତି, ‘ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ସଞ୍ଜୁ ୩ଟି ଶତକ ମାରିସାରିଛନ୍ତି। ଆମେ ଟି-୨୦ ଫର୍ମାଟ୍ ବିଷୟରେ କଥା ହେଉଛୁ। ତାଙ୍କ ନାମରେ ୩ଟି ଶତକ ଲିପିବଦ୍ଧ ରହିଛି। ଜଣେ ଖେଳାଳିଙ୍କ ନିକଟରୁ ଆପଣ ଆଉ କ’ଣ ଅଧିକ ଚାହିଁପାରିବେ। ଏତେ ଭଲ ପ୍ରଦର୍ଶନକାରୀଙ୍କୁ ବେଞ୍ଚରେ ବସାଇବା ଦୁର୍ଭାଗ୍ୟଜନକ। ମୋତେ ଲାଗୁଛି ଯିଏ ଅଧିନାୟକ କିମ୍ବା ଉପ-ଅଧିନାୟକ ହୋଇଥିବ ସେହି ଖେଳାଳି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବ। ଏଭଳି ପ୍ରଦର୍ଶନ ପରେ ତାଙ୍କୁ (ଗିଲ୍)ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଯଦି କୌଣସି ବ୍ୟାକଅପ୍ ଖେଳାଳି ନ ଥାନ୍ତେ ତେବେ ଏହା ଯଥାର୍ଥ ହୋଇଥାନ୍ତା। କିନ୍ତୁ ଟି-୨୦ରେ ପ୍ରତିଭାର କୌଣସି ଅଭାବ ନାହିଁ। ଅପରପକ୍ଷରେ ପୂର୍ବତନ ବ୍ୟାଟର୍ କ୍ରିଷ୍ଣାଚାରୀ ଶ୍ରୀକାନ୍ତ ଦ୍ୱିତୀୟ ଟି-୨୦ରେ ଅକ୍ଷର ପଟେଲଙ୍କୁ ୩ୟ ପୋଜିସନରେ ବ୍ୟାଟିଂ ପଠାଇବାକୁ ନେଇ ପ୍ରଶ୍ନ କରିଛନ୍ତି। ‘ପରିସ୍ଥିତି ସହ ଖାପ ଖୁଆଇପାରି ନ ଥିବା ମଧ୍ୟକ୍ରମ ବ୍ୟାଟରଙ୍କୁ କାହିଁକି ନଂ-୩ରେ ବ୍ୟାଟିଂ ପାଇଁ ପଠାଗଲା’ ବୋଲି ଶ୍ରୀକାନ୍ତ ଟିମ୍ ମ୍ୟାନେଜମେଣ୍ଟକୁ ଘେରିଛନ୍ତି।

# ଅବସର ନିଷ୍ପତ୍ତି ପ୍ରତ୍ୟାହାର କଲେ ଭିନେଶ

ଚଣ୍ଡିଗଡ଼, ୧୨।୧୨ (ଏଜେନ୍ସି): ଏକ ବଡ଼ ନିଷ୍ପତ୍ତିକ୍ରମେ ତାରକା ଭାରତୀୟ ରେସଲର୍ ଭିନେଶ ଫୋଗତ ପୁଣିଥରେ କୁସ୍ତିକୁ ଫେରିବା ଲାଗି ଘୋଷଣା କରିଛନ୍ତି। ପାଖାପାଖି ଦେଢ଼ବର୍ଷ ତଳେ କୁସ୍ତିକୁ ଅଲ୍‌ବିଦା କରିଥିବା ୩୧ ବର୍ଷୀୟା ଭିନେଶ ଏବେ ତାଙ୍କ ଅବସର ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବା ଏବେ ତାଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଭିନେଶ କହିଛନ୍ତି। ଶୁକ୍ରବାର ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏକ ପୋଷ୍ଟ କରି ଭିନେଶ କହିଛନ୍ତି, ‘ଲୋକେ ମୋତେ ପଚାରୁଛନ୍ତି କ’ଣ ପ୍ୟାରିସ ଆପଣଙ୍କ ଅନ୍ତିମ ପ୍ରତିଯୋଗିତା ଥିଲା। ଲମ୍ବା ସମୟ ପର୍ଯ୍ୟନ୍ତ ମୋ ପାଖରେ ଏହାର ଉତ୍ତର ନ ଥିଲା। ଚାପ ଯୋଗୁ, ଆଶା ଯୋଗୁ ଏପରିକି ମୋର ମହତ୍ୱକାଂକ୍ଷା ଯୋଗୁ ମୋତେ ମ୍ୟାଟ୍‌ରୁ ହଟିବା ଲାଗି ବାଧ କରିଥିଲା। ବର୍ଷରୁ ଅଧିକ ସମୟ ପରେ ମୁଁ ଶାନ୍ତିରେ ନିଶ୍ୱାସ ନେଇଛି। କୁସ୍ତିକୁ ନେଇ ମୋର ଉତ୍ସାହ କେବେ ଶେଷ ହୋଇନାହିଁ। କେବେ ହାର୍‌ମାନି ନ ଥିବା ଭାବନା ସହିତ ୨୦୨୮ ଅଲିମ୍ପିକ୍ସକୁ ମୁଁ ପାଦ ବଢ଼ାଉଛି। ମୋ ପୁଅ ଓ ଟିମ୍ ଏଥର ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମୋତେ ଚିୟର କରିବେ’ ବୋଲି ଭିନେଶ ଏହି ପୋଷ୍ଟରେ କହିଛନ୍ତି।

ଲକ୍ଷ୍ୟ ୨୦୨୮ ଅଲିମ୍ପିକ୍ସ



ଉଲ୍ଲେଖଯୋଗ୍ୟ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭିନେଶଙ୍କୁ ସ୍ୱର୍ଣ୍ଣପଦକ ଲଢ଼େଇ ପୂର୍ବରୁ ଅଯୋଗ୍ୟ ଘୋଷିତ କରିଦିଆଯାଇଥିଲା। ଧାର୍ଯ୍ୟ ଓଜନବର୍ଗଠାରୁ ଭିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ରହିଥିଲା। ଏହାପରେ ଭିନେଶ ବିଶ୍ୱ କ୍ରୀଡ଼ାର ଅଦାଲତ କାସ୍‌ରେ ଲଢ଼େଇ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ।

### ୧୯ ବର୍ଷରୁ କମ୍ ଏସିଆ କପ୍

# ସୂର୍ଯ୍ୟବଂଶୀଙ୍କ ୧୭୧; ଭାରତ ୨୩୪ ରନରେ ବିଜୟୀ



ଦୁବାଇ, ୧୨।୧୨ (ଏଜେନ୍ସି): ୧୯ ବର୍ଷରୁ କମ୍ ଏସିଆ କପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଛି। ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ୧୭୧ ରନର ବିସ୍ଫୋରକ ଶତକୀୟ ଇନିଂସ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା।

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୬ ୱିକେଟ୍ ହରାଇ ୪୩୩ ରନ ସଂଗ୍ରହ କରିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୯୫ଟି ବଲରେ ୧୭୧ ରନର ପାଳି ଖେଳିଥିଲେ। ଯେଉଁଥିରେ ସେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ଏଥିପୂର୍ବରୁ ଚଳିତ ବର୍ଷ ସେ ଇଂଲଣ୍ଡ ବିପକ୍ଷରେ ୧୪୩ ରନର ପାଳି ଖେଳିଥିଲେ। ଅପରପକ୍ଷରେ ଏହି ବୟସବର୍ଗରେ ଏହା ୩ୟ ସର୍ବୋଚ୍ଚ ଦଳଗତ ସ୍କୋର ହେବାର ମଧ୍ୟ ରେକର୍ଡ ହୋଇଛି। ୨୦୦୨ରେ କେନିଆ ବିପକ୍ଷରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ୪୮୦ ରନ କରିଥିଲା। ସେହିଭଳି ୨୦୧୮ରେ ସମାନ କେନିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ୪୩୬ ରନ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଜବାବରେ ୪୩୪ ରନକୁ ପିଛା କରିଥିବା ୟୁଏଇ ୭ ୱିକେଟରେ ୧୯୯ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟ ସହ ଭାରତ ଗ୍ରୁପ୍-ଏ’ରେ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।

### ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସେମିଫାଇନାଲରେ ଉନ୍ନତି ହୁଡା



କଟକ, ୧୨।୧୨ (ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା “ଓଡିଶା ମାଷ୍ଟର୍ସ-୨୦୨୫’ରେ ଶୁକ୍ରବାର ସମସ୍ତ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ମୁକାବିଲାରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ଟପସିଡ ଖେଳାଳି ଥରୁନ ମାନେପଲ୍ଲୀଙ୍କୁ ୨୧-୯,୨୨-୨୦ ଗେମରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଇଣ୍ଡୋନେସିଆ ଖେଳାଳି ବିସ୍ମ ରକ୍ଷୟା ଅକଟୋରା ନିଜ ଦେଶର ରିଚି ଦୁତା ରିକାର୍ଦୋଙ୍କୁ ୨୧-୧୩,୧୮-୨୧,୨୧-୯ ଗେମରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ରାଉଣ୍ଡରେ ପହଞ୍ଚିଥିବା ଭାରତୀୟ ଖେଳାଳି କିରଣ ଜର୍ଜ ଗତବର୍ଷର ଚାମ୍ପିଅନ ସତୀଶ କୁମାରଙ୍କୁ ୨୧-୧୧,୨୧-୧୭ ଗେମରେ ହରାଇଥିବାବେଳେ ଭାରତୀୟ ଖେଳାଳି ରୋନକ ଚୌହ୍ୱାନ ୨୧-୧୯,୨୨-୨୦ରେ ଶଙ୍କର ସୁବ୍ରମଣ୍ୟମଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା କ୍ୱାର୍ଟର ଫାଇନାଲରେ ଟପସିଡ ଉନ୍ନତି ହୁଡା ୨୧-୧୬,୨୧-୧୫ ଗେମ୍‌ରେ ପଞ୍ଚମସିଡ ଅନୁପମା ଉପାଧ୍ୟାୟଙ୍କୁ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ସେହିପରି ଅଣସିଡେଡ୍ ଖେଳାଳି ତାନ୍ୟା ହେମନ୍ଥ ତୃତୀୟ ସିଡ ତନଭି ଶର୍ମାଙ୍କୁ ୨୧-୧୬ ୨୧-୧୪ ପଏଣ୍ଟରେ ହରାଇଛନ୍ତି। ଭାରତର ତସନିମ ମୀର ଏବଂ ଇସାରାଣୀ ବରୁଆ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। ମିକ୍ସଡ୍ ଡବଲ୍ସ କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥେୟସୂରିୟାନ ବିଜୟୀ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ମଧ୍ୟ ସେମିରେ ସ୍ଥାନ ପକ୍‌କା କରିଛନ୍ତି।

# ଆସାମର ୪ କ୍ରିକେଟର୍ ବାସନ୍ଦ

ଗୌହାଟୀ, ୧୨।୧୨ (ଏଜେନ୍ସି): ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଦୁର୍ନୀତିରେ ଜଡ଼ିତ ଥିବା ଅଭିଯୋଗରେ ଆସାମର ୪ଜଣ କ୍ରିକେଟର୍ ବାସନ୍ଦ ହୋଇଛନ୍ତି। ସେମାନେ ହେଲେ ଅମିତ ସିହ୍ନା, ଇଶାନ ଅହମ୍ମଦ, ଅମନ ତ୍ରିପାଠୀ ଓ ଅଭିଷେକ ଠାକୁରି। ଶୁକ୍ରବାର ଆସାମ କ୍ରିକେଟ୍ ସଂଘ (ଏସିଏ) ପକ୍ଷରୁ ରାଜ୍ୟ କ୍ରାଇମବ୍ରାଞ୍ଚ ନିକଟରେ ଏଫଆଇଆର୍ ଦାଖଲ କରାଯିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ସୟଦ ମୁସ୍ତାକ ଅଲି ଟ୍ରଫିରେ ଏହି ୪ଜଣ ଖେଳାଳି ଆସାମ ଦଳର ଅନ୍ୟ ଖେଳାଳିଙ୍କୁ ପ୍ରଭାବିତ କରିବା ଏବଂ ସେମାନଙ୍କୁ ଉସୁକାଇବା ପାଇଁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ଏସିଏ ସମ୍ପାଦକ ସନାତନ ଦାସ କହିଛନ୍ତି, ‘ଅଭିଯୋଗ ପ୍ରକାଶ ପାଇବା ପରେ ବିସିସିଆଇର ଦୁର୍ନୀତି ନିବାରଣ ଏବଂ ସୁରକ୍ଷା ୟୁନିଟ୍ ତଦନ୍ତ କରିଥିଲା। ଏସିଏ ମଧ୍ୟ ଫୌଜିଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି’। ବାସନ୍ଦ ହୋଇଥିବା ଏହି ୪ଜଣ କ୍ରିକେଟର୍ ବର୍ତ୍ତମାନ ଏସିଏ, ଏହାର ଜିଲ୍ଲା ୟୁନିଟ୍ କିମ୍ବା ଅନୁବନ୍ଧିତ କ୍ଲବ ଦ୍ୱାରା ପରିଚାଳିତ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା ମ୍ୟାଚରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଛି।

# କୁଚ୍‌ବିହାର ଟ୍ରଫି: ଓଡ଼ିଶାର ଅଭିଯାନ ଶେଷ

କଟକ,୧୨।୧୨(ସମିସ): କୁଚବିହାର ଟ୍ରଫିରେ କ୍ରମାଗତ ୪ଟି ଲିଗ୍ ମ୍ୟାଚ୍‌ରେ ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୪ଟି ମ୍ୟାଚ୍‌ରୁ ୪ଟି ହାରି ଦଳ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ୧୬ ତାରିଖରୁ ହିମାଚଳପ୍ରଦେଶ ବିପକ୍ଷରେ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ବଲାଙ୍ଗୀର ଗାନ୍ଧି ଷ୍ଟାଡିୟମରେ ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଏବଂ ୫୩ରନରେ ପରାସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୧୭୦ରନରେ ସୀମିତ ରହିବା ପରେ କର୍ଣ୍ଣାଟକ ୮ ୱିକେଟ ବିନିମୟରେ ୪୬୯ରନ କରି ଇନିଂସ୍ ଘୋଷଣା କରିଥିଲା। ଓଡ଼ିଶା ଦ୍ୱିତୀୟ ପାଳିରେ ୨୪୬ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି।

# ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟୀ



ୱେଲିଂଟନ, ୧୨।୧୨ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଯାଇଛି। ଦ୍ରୁତ ବୋଲର ଜାକବ ଡଫିଙ୍କ ୫ ୱିକେଟ୍ ସଫଳତା ବଳରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟ ଲାଭ କରିଛି। ଏଥିସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ପୂର୍ବରୁ ହେଗଲୀ ଓଭାଲରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ଡ୍ର’ ରହିଥିଲା। ଏବେ ନିର୍ଣ୍ଣାୟକ ୩ୟ ଟେଷ୍ଟ ବେ ଓଭାଲରେ ଡିସେମ୍ବର ୧୮ରୁ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୨୭୮ ରନ କରି ପାଳି ଘୋଷଣା କରିଥିଲା। ଫଳରେ ୭୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଶୁକ୍ରବାର ସକାଳେ ୧୨୮ ରନରେ ସୀମିତ ରହିଥିଲା। ଡଫିଙ୍କୁ ୫ ୱିକେଟ୍ ମିଳିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ କେଭନ ହଜ୍ (୩୫ ରନ), ଜଷ୍ଟିନ ଗ୍ରେଭ୍‌ସ (୨୫), ବ୍ରାଣ୍ଡନ କିଙ୍ଗ (୨୨) ଓ ଜନ୍ କ୍ୟାମ୍ପବେଲ୍ (୧୪ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଏହାପରେ ୫୬ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ଲଥାମ (୯ ରନ)ଙ୍କ ୱିକେଟ୍ ହରାଇ ହାସଲ କରିନେଇଥିଲା। ଡେଭନ କନୱେ ୨୮ ଓ କେନ୍ ୱିଲିୟମସନ ୧୬ ରନ କରି ଅପରାଜିତ ରହିଥିଲେ।


## ନୀତୀଶଙ୍କ ହ୍ୟାଟ୍ରିକ ସତ୍ତ୍ୱେ ହାରିଲା ଆନ୍ଧ୍ର

ପୁନେ, ୧୨।୧୨ (ଏଜେନ୍ସି): ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟ୍ରଫି ସୁପର୍ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚରେ ମଧ୍ୟପ୍ରଦେଶ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୧୯.୧ ଓଭରରେ ୧୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନୀତୀଶ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ ମଧ୍ୟ ମଧ୍ୟପ୍ରଦେଶ ୧୭.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମଧ୍ୟପ୍ରଦେଶ ଇନିଂସର ୩ୟ ଓଭର ବୋଲିଂ କରିଥିବା ନୀତୀଶ ଶେଷ ୩ଟି ବଲ୍‌ରେ ଯଥାକ୍ରମେ ହର୍ଷ ଗୱାଲି (୫ ରନ), ହରପ୍ରୀତ୍ ସିଂହ ଭାଟିଆ (୦) ଓ ଅଧିନାୟକ ରଜତ ପଟିଦାର (୦)ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ୱିକେଟ୍ ପୂରଣ କରିଥିଲେ।

# ସେମିଫାଇନାଲ୍‌ରେ ସନ୍‌ରାଇଜ, ୟୁନିଟ୍-୬

### ସତ୍ୟବ୍ରତ ସ୍ମାରକୀ ଫୁଟବଲ୍

ଭୁବନେଶ୍ୱର, ୧୨।୧୨ (ସମିସ): କ୍ଲବ-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶୁକ୍ରବାର ଖେଳାଯାଇଥିବା ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ୟୁନିଟ୍-୬ ଆଥଲେଟିକ ଆସୋସିଏସନ (ଭୁବନେଶ୍ୱର) ଓ ସନରାଇଜ କ୍ଲବ (କଟକ) ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-




୬ ଦଳ ୩-୨ ଗୋଲରେ କଟକର ମଙ୍ଗଳା କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ସୋମନାଥ ମହାନ୍ତି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବାବଦକୁ ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସନରାଇଜ କ୍ଲବ ୩-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା। ଜେପି ଫାବିଲ ୨ଟି ଗୋଲ୍ ଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ କ୍ଲବ-୭୩ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଦେବଭକ୍ତ ବେଜ ଓ କୋଷାଧ୍ୟକ୍ଷ ରାଜେଶ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଶନିବାର ସମଲେଶ୍ୱରରୀ ଏଫ୍‌ସି ଓ ୟୁନିଟ୍-୬ ମଧ୍ୟରେ ପ୍ରଥମ ଏବଂ ସନରାଇଜ ଓ ଫାଓ ଏକାଡେମୀ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ।

# ନାଲକୋ ଓପନ୍ ଟେନିସ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୨।୧୨ (ସମିସ): ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଏଥର ୪୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୋଟ୍ ୯ଟି ବର୍ଗରେ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ୧୪ବର୍ଷରୁ କମ୍ ବାଳକ ଓ ବାଳିକା, ୧୮ ବର୍ଷରୁ କମ୍ ବାଳକ, ମହିଳା ଓପନ୍ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ୪୦, ୫୦ ଓ ୬୦ ବର୍ଷରୁ ଉଦ୍ଧ୍ୱର୍ ଭେଟେରାନ ବର୍ଗର ଡବଲ୍ସ ଇଭେଣ୍ଟ ରହିଛି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪.୩୨ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସମସ୍ତ ବୟସବର୍ଗର ଚାମ୍ପିଅନ, ରନର୍ସଅପ୍, ସେମିଫାଇନାଲିଷ୍ଟ ଓ କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ଯଥାକ୍ରମେ ୧୮ ହଜାର, ୧୨ ହଜାର, ୧୦ ହଜାର ଓ ୮ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନାଲକୋର ନିର୍ଦ୍ଦେଶକ (ଏଚ୍‌ଆର୍) ଟିକେ ପଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ନାଲକୋର ଆଶୁତୋଷ ରଥ, ଅବସରପ୍ରାପ୍ତ ଆଇଏଏସ୍ ତଥା ବିଡିଟିଏ ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ଦେବୀଦତ୍ତ ବିଶ୍ୱାଳ ଓ ପି ଅର୍ଥାନାରି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ସର୍ବଭାରତୀୟ ଗଣ୍ଡରପୁର କପ: ଏଥର ୩.୭ ଲକ୍ଷ ପୁରସ୍କାର ରାଶି



ନନ୍ଦନକାନନ/ବାରଙ୍ଗ, ୧୨/୧୨(ସମିସ): ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମରେ ଟୁର୍ଣ୍ଣାମେଣ୍ଟ ୮ଦିନ ଧରି ଖେଳାଯିବ। ଚଳିତଥର ୪୦ଟି ଦଳ ଭାଗ ନେଉଛନ୍ତି। ସହରାଞ୍ଚଳ ବିଭାଗରେ ୮, ଗ୍ରାମାଞ୍ଚଳ-ଏ ରେ ୧୬ ଓ ଗ୍ରାମାଞ୍ଚଳ-ବି’ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଚଳିତଥର ଚାମ୍ପିଅନ ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କ ପାଇଁ ବହୁ ଆକର୍ଷଣୀୟ ପୁରସ୍କାର ଓ ଅର୍ଥରାଶି ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦିନ ମାଗଣାରେ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜରିଆରେ ଦର୍ଶକ ଟିଭି, ଫ୍ରିଜ୍ ଓ ୱାସିଙ୍ଗ୍ ମେସିନ୍ ଭଳି ଆକର୍ଷଣୀୟ ପୁରସ୍କାର ଜିତିପାରିବେ। ପ୍ରତ୍ୟେକ ଦିନ ପୂର୍ବାହ୍ଣ ୧୧ଟାରୁ ଖେଳ ଆରମ୍ଭ ହେବ। ପ୍ରତି ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ଆକାରରେ ବାଇକ ପ୍ରଦାନ କରାଯିବ। ସହରାଞ୍ଚଳ ଫାଇନାଲ ଚାମ୍ପିଅନ ଦଳକୁ ୭୫ ହଜାର, ରନର୍ସଅପ୍‌କୁ ୫୦ହଜାର ଟଙ୍କା, ସେହିପରି ଗ୍ରାମାଞ୍ଚଳ-ଏ ଫାଇନାଲ ବିଜେତା ଦଳକୁ ୧ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ୭୫ହଜାର ଟଙ୍କା ଏବଂ ଗ୍ରାମାଞ୍ଚଳ-ବି ଚାମ୍ପିଅନ ଦଳକୁ ୪୦ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୩୦ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଆୟୋଜକ ଗଣ୍ଡରପୁର ୟୁନାଇଟେଡ୍ ୟୁଥ ସ୍ପୋର୍ଟିଂ କ୍ଲବ ତରଫରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ସହରାଞ୍ଚଳ ବିଭାଗରେ କଟକର ସନରାଇଜ କ୍ଲବ, ଭୁବନେଶ୍ୱର ଜଗା ୟୁନାଇଟେଡ୍, ଓଡ଼ିଶା ପୁଲିସ, ଫୁଲବାଣୀ ସୁରଜ ଏଫସି, ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂ, ଢେଙ୍କାନାଳ ମଙ୍ଗଳା କ୍ଲବ, ଓ ରାଜ୍ୟ ବାହାରୁ କଲିକତା କୋଲାଘାଟ, ବିହାର ସିୱାନ ଏଫସି ଭାଗନେବେ। ଆଜି ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଭାସ୍କର ପଢ଼ିଆରୀ, ଜିତେନ୍ଦ୍ର ସେନାପତି, ସୁକାନ୍ତ ରାଉତ, ବିଶ୍ୱନାଥ ବେହେରା, ସଞ୍ଜୟ ସାସମଲ,ବିଷ୍ଣୁ ପଢ଼ିଆରୀ, ଚିତ୍ତରଞ୍ଜନ ସୁବୁଦ୍ଧି, ରଙ୍କନିଧି ରାଉତ, ଲକ୍ଷ୍ମଣ ରାଉତ କ୍ଲବ ସଭାପତି, ମାନସ ପଢ଼ିଆରୀ କ୍ଲବ ସମ୍ପାଦକ, ଜ୍ଞାନରଞ୍ଜନ ରାଉତ, କାଶୀନାଥ ରାଉତ, ନବକୁମାର ରାଉତ, ଜାପାନୀ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦଘାଟନୀ ଦିବସରେ ଗ୍ରାମାଞ୍ଚଳ-ବି’ରେ ବାରଙ୍ଗ-ନଟ ୟେଟ, ୧୧ଘଟିକାରେ ତଣ୍ଡିକଣା-ଗାଡକଣ, ଗ୍ରାମାଞ୍ଚଳ-ଏ’ରେ ଘାଟିକିଆ-ସିଭିରମଣ ବିଶ୍ୱବିଦ୍ୟାଳୟ, ଜୟୀପୁର-ଉଷୁମା ଏବଂ ସହରାଞ୍ଚଳର ଭୁବନେଶ୍ୱର ଜଗା ୟୁନିଅଟେଡ୍ ବନାମ କୋଲାଘାଟ କୋଲକାତା ମଧ୍ୟରେ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS